وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ
# ବଦର
Weekly
BADAR
କାଦିଆନ
Qadian
Odia

ସମ୍ପାଦକ: କମୁଲ୍ ହକ୍ ଖାନ୍ | ସହ ସମ୍ପାଦକ: ସୟଦ୍ ଅତାଉଲ୍ ୱାହାବ୍ | ଖଣ୍ଡ: 11 | ସଂଖ୍ୟା: 34-35 | 06-12 ରବିଉଲ୍ ଅୱଲ୍ , 1448 ହି.କ, 20-27 ଜହୁର 1405 ହି.ଶ, 20-27 Aug 2026

## ଅଲ୍ଲାଃତାଲାଙ୍କ ବାଣୀ

## ଈଶ୍ୱରଙ୍କ ସୃଷ୍ଟି (ମାନବ ଓ ସମସ୍ତ ଜୀବ) ପ୍ରତି ସହାନୁଭୂତି

وَ اعۡبُدُوا اللّٰہَ وَ لَا تُشۡرِکُوۡا بِہٖ شَیۡئًا وَّ بِالۡوَالِدَیۡنِ اِحۡسَانًا وَّ بِذِی الۡقُرۡبٰی وَ الۡیَتٰمٰی وَ الۡمَسٰکِیۡنِ وَ الۡجَارِ ذِی الۡقُرۡبٰی وَ الۡجَارِ الۡجُنُبِ وَ الصَّاحِبِ بِالۡجَنۡۢبِ وَ ابۡنِ السَّبِیۡلِ ۙ وَ مَا مَلَکَتۡ اَیۡمَانُکُمۡ ؕ اِنَّ اللّٰہَ لَا یُحِبُّ مَنۡ کَانَ مُخۡتَالًا فَخُوۡرَا ۔

**ଅନୁବାଦ**: ଏବଂ ତୁମେମାନେ ଅଲ୍ଲାଃଙ୍କର ଉପାସନା କର ଏବଂ କୌଣସି ବସ୍ତୁକୁ ତାହାଙ୍କ ସହିତ ସମକକ୍ଷ କର ନାହିଁ ଏବଂ ପିତାମାତାଙ୍କ ପ୍ରତି ଓ ନିକଟ ସଂପର୍କୀୟମାନଙ୍କ ପ୍ରତି ଓ ଅନାଥମାନଙ୍କ ପ୍ରତି ଦରିଦ୍ରମାନଙ୍କ ପ୍ରତି ଓ ସଂପର୍କୀୟ ପଡ଼ୋଶୀମାନଙ୍କ ପ୍ରତି ଓ ଅପରିଚିତ ତଥା ଅଜ୍ଞାତ ବ୍ୟକ୍ତିମାନଙ୍କ ପ୍ରତି ଓ ପଥିକମାନଙ୍କ ପ୍ରତି ଏବଂ ଯେଉଁମାନେ ତୁମମାନଙ୍କର କର୍ତ୍ତୃତ୍ୱାଧୀନ ହୋଇଛନ୍ତି ସେମାନଙ୍କ ପ୍ରତି ସଦୟ ହୁଅ । ବାସ୍ତବରେ ଅଲ୍ଲାଃ ଅହଙ୍କାରୀ ଓ ଆତ୍ମାଭିମାନୀମାନଙ୍କୁ ଆଦୌ ପସନ୍ଦ କରନ୍ତି ନାହିଁ । (ଅନ୍ ନିସା-37)



## ଆଁହ. ସ.ଅଙ୍କ ବାଣୀ

## "ହେ ଆଦମର ସନ୍ତାନ ! ମୁଁ ଅସୁସ୍ଥ ଥିଲି, କିନ୍ତୁ ତୁ ମୋର ସେବା ସୁଶ୍ରୁଷା (ଦେଖାଶୁଣା) କଲୁ ନାହିଁ ।"

عَنۡ أَبِي هُرَيۡرَةَ، قَالَ: قَالَ رَسُولُ اللّٰهِ صَلَّى اللّٰهُ عَلَيۡهِ وَسَلَّمَ: "إِنَّ اللّٰهَ عَزَّ وَجَلَّ يَقُولُ يَوۡمَ الۡقِيَامَةِ: يَا ابۡنَ آدَمَ، مَرِضۡتُ فَلَمۡ تَعُدۡنِي، قَالَ يَا رَبِّ: كَيۡفَ أَعُودُكَ وَأَنۡتَ رَبُّ الۡعَالَمِينَ؟ قَالَ: أَمَا عَلِمۡتَ أَنَّ عَبۡدِي فُلَانًا مَرِضَ فَلَمۡ تَعُدۡهُ؟ أَمَا عَلِمۡتَ أَنَّكَ لَوۡ عُدۡتَهُ لَوَجَدۡتَنِي عِنۡدَهُ؟ يَا ابۡنَ آدَمَ، اسۡتَطۡعَمۡتُكَ فَلَمۡ تُطۡعِمۡنِي، قَالَ يَا رَبِّ: وَكَيۡفَ أُطۡعِمُكَ وَأَنۡتَ رَبُّ الۡعَالَمِينَ؟ قَالَ: أَمَا عَلِمۡتَ أَنَّهُ اسۡتَطۡعَمَكَ عَبۡدِي فُلَانٌ، فَلَمۡ تُطۡعِمۡهُ، أَمَا عَلِمۡتَ أَنَّكَ لَوۡ أَطۡعَمۡتَهُ لَوَجَدۡتَ ذَلِكَ عِنۡدِي؟ يَا ابۡنَ آدَمَ، اسۡتَسۡقَيۡتُكَ فَلَمۡ تَسۡقِنِي، قَالَ يَا رَبِّ: كَيۡفَ أَسۡقِيكَ وَأَنۡتَ رَبُّ الۡعَالَمِينَ؟ قَالَ: اسۡتَسۡقَاكَ عَبۡدِي فُلَانٌ، فَلَمۡ تَسۡقِهِ، أَمَا إِنَّكَ لَوۡ سَقَيۡتَهُ وَجَدۡتَ ذَلِكَ عِنۡدِي؟ (ମୁସଲିମ୍ କିତାବୁସ୍ ସଲାତା, ବାବ-ଫଜଲୁ ଇୟାଦତୁଲ୍ ମରିଜି)

ହଜରତ ଅବୁ ହୁରୈରା ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଛନ୍ତି ଯେ, କୟାମତ୍ (ପ୍ରଳୟ ଦିବସ) ଦିନ ଅଲ୍ଲାଃତାଲା କହିବେ, "ହେ ଆଦମର ସନ୍ତାନ ! ମୁଁ ଅସୁସ୍ଥ ଥିଲି, କିନ୍ତୁ ତୁ ମୋର ସେବା ଶୁଶ୍ରୁଷା (ଦେଖାଶୁଣା) କଲୁ ନାହିଁ ।" ଭକ୍ତ କହିବ, "ହେ ମୋର ପାଳନକର୍ତ୍ତା ! ମୁଁ ଆପଣଙ୍କର ସେବା କିପରି କରିଥାନ୍ତି, ଆପଣ ପରା ସାରା ଜଗତର ପାଳନକର୍ତ୍ତା ? ଅଲ୍ଲାଃତାଲା କହିବେ, କ'ଣ ତୋତେ ଜଣା ନଥିଲା ଯେ ମୋର ଅମକ ବନ୍ଦା ଅସୁସ୍ଥ ଥିଲା, ଆଉ ତୁ ତା'ର ରୋଗୀ ସେବା କଲୁ ନାହିଁ ? କ'ଣ ତୋତେ ଜଣା ନଥିଲା ଯେ ତୁ ଯଦି ତା'ର ସେବା କରିଥାଆନ୍ତୁ ତେବେ ତୁ ମୋତେ ତା' ପାଖରେ ପାଇଥାନ୍ତୁ ? ହେ ଆଦମର ସନ୍ତାନ ! ମୁଁ ତୋତେ ଖାଦ୍ୟ ମାଗିଥିଲି, କିନ୍ତୁ ତୁ ମୋତେ ଖାଦ୍ୟ ଦେଲୁ ନାହିଁ ।" ଏହା ଶୁଣି ଆଦମର ସନ୍ତାନ କହିବ, "ହେ ମୋର ପାଳନକର୍ତ୍ତା ! ମୁଁ ଆପଣଙ୍କୁ କିପରି ଖାଦ୍ୟ ଖୁଆଇଥାନ୍ତି, ଆପଣ ପରା ସମଗ୍ର ଜଗତର ପାଳନକର୍ତ୍ତା ଓ ଆହାର ଦାତା ଅଟନ୍ତି ?" ଅଲ୍ଲାଃତାଲା କହିବେ, ହେ ଆଦମର ସନ୍ତାନ ! କ'ଣ ତୋର ମନେ ନାହିଁ ଯେ ତୋ ପାଖକୁ ମୋର ଅମକ ଭକ୍ତ ଖାଦ୍ୟ ମାଗିଥିଲା, କିନ୍ତୁ ତୁ ତାକୁ ଖାଦ୍ୟ ଦେଲୁ ନାହିଁ ? କ'ଣ ତୋତେ ଜଣା ନଥିଲା ଯେ ଯଦି ତୁ ତାକୁ ଖାଦ୍ୟ ଖୁଆଇଥାନ୍ତୁ, ତେବେ ତୁ ମୋ ପାଖରୁ ତା'ର ପୁଣ୍ୟ ପାଇଥାନ୍ତୁ ? ହେ ଆଦମର ସନ୍ତାନ ! ମୁଁ ତୋତେ ପାଣି ମାଗିଥିଲି, କିନ୍ତୁ ତୁ ମୋତେ ଜଳପାନ କରାଇଲୁ ନାହିଁ ।" ଆଦମର ସନ୍ତାନ କହିବ, "ହେ ମୋର ପାଳକର୍ତ୍ତା ! ମୁଁ ଆପଣଙ୍କୁ କିପରି ଜଳପାନ କରାଇ ଥାଆନ୍ତି ? ଆପଣ ପରା ସମସ୍ତ ଜଗତର ପାଳନକର୍ତ୍ତା ଅଟନ୍ତି ? ପ୍ରତ୍ୟୁତ୍ତରରେ ଅଲ୍ଲାଃତାଲା କହିବେ, ହେ ଆଦମର ସନ୍ତାନ ! ତୋ ପାଖରୁ ମୋର ଅମକ ଭକ୍ତ ପାଣି ମାଗିଥିଲା, କିନ୍ତୁ ତୁ ତାକୁ ଜଳପାନ କରାଇଲୁ ନାହିଁ । ଯଦି ତୁ ତାକୁ ଜଳପାନ କରାଇଥାଆନ୍ତୁ ତେବେ ତୁ ମୋ ପାଖରୁ ଏହାର ପୁରସ୍କାର ଅବଶ୍ୟ ପାଇ ଥାଆନ୍ତୁ ।"



## ହ. ମସିହ୍ ମଉଦ୍ ଅ.ସଙ୍କ ନିତୀବାଣୀ (ତବରରୁକାତେ ହ. ମସିହ୍ ମଉଦ୍ ଅ.ସ)

## "ମାନବ ସମାଜ ପ୍ରତି ଦୟା ଓ ସହାନୁଭୂତି ପ୍ରଦର୍ଶନ କର ।"

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଏହି କଥାକୁ ମଧ ଭଲ ଭାବରେ ମନେରଖ ! ଯେ ଈଶ୍ୱରଙ୍କ ଦୁଇଟି ଆଦେଶ ରହିଛି: ପ୍ରଥମଟି ହେଉଛି, ତାଙ୍କ ସହିତ କାହାକୁ ଶରୀକ୍ (ଅଂଶୀଦାର ବା ସମକକ୍ଷ) କର ନାହିଁ ନା ତାଙ୍କ ସତ୍ତା (ଅସ୍ତିତ୍ୱ)ରେ, ନା ତାଙ୍କ ଗୁଣରେ, ନା ତାଙ୍କ ଉପାସନାରେ ଏବଂ ଦ୍ୱିତୀୟଟି ହେଉଛି ମାନବ ଜାତି ପ୍ରତି ସହାନୁଭୂତି ପ୍ରଦର୍ଶନ କର । ଦୟା, ଉପକାରର ଅର୍ଥ କେବଳ ନିଜ ଭାଇ ଓ ସମ୍ପର୍କୀୟମାନଙ୍କ ପ୍ରତି ଦୟା ଓ ଉପକାର କରିବା ନୁହଁ ବରଂ ଯେକେହି ମଣିଷର ସନ୍ତାନ ହୋଇଥାଉ ଏବଂ ଈଶ୍ୱରଙ୍କ ସୃଷ୍ଟିର ଯେକୌଣସି ଜୀବ ହୋଇଥାଉ ନା କାହିଁକି ତା' ପ୍ରତି ଦୟା ଓ ସହାନୁଭୂତି ପ୍ରଦର୍ଶନ କର । ଏହା ଭାବ ନାହିଁ ଯେ ସେ ହିନ୍ଦୁ ଅଟେ ଏବଂ ସେ ଖ୍ରୀଷ୍ଟିଆନ୍ ଅଟେ । ମୁଁ ସତ୍ୟ କହୁଛି ଯେ, ଅଲ୍ଲାଃତାଲା ତୁମର ନ୍ୟାୟ ନିଜ ହାତରେ ନେଇଛନ୍ତି । ସେ ଚାହାନ୍ତି ନାହିଁ ଯେ ତୁମେ ନିଜେ ନ୍ୟାୟ କର । ତୁମେ ଯେତେ କୋମଳତା (ନମ୍ରତା) ଆପଣାଇବ ଏବଂ ଯେତେ ବିନମ୍ର ହେବ ଅଲ୍ଲାଃତାଲା ତୁମ ପ୍ରତି ସେତେ ପ୍ରସନ୍ନ ହେବେ । ନିଜର ଶତ୍ରୁମାନଙ୍କ ପ୍ରସଙ୍ଗ ଈଶ୍ୱରଙ୍କ ଉପରେ ଛାଡ଼ିଦିଅ । ପ୍ରଳୟ ଦିବସ ଦିନ ନିକଟତର, ଶତ୍ରୁମାନେ ତୁମକୁ ଦେଉଥିବା କଷ୍ଟକୁ ନେଇ ତୁମେ ବିଚଳିତ ହେବା ଉଚିତ୍ ନୁହଁ । ମୁଁ ଦେଖୁଛି ଯେ ଏବେ ମଧ ତୁମକୁ ସେମାନଙ୍କ ଠାରୁ ଅନେକ ଦୁଃଖ କଷ୍ଟ ସହିବାକୁ ପଡ଼ିବ, କାରଣ ଯେଉଁ ଲୋକମାନେ ସଭ୍ୟତାର ସୀମା ବାହାରକୁ ଚାଲିଯାଆନ୍ତି, ସେମାନଙ୍କ ତୁଣ୍ଡ ଏପରି (କଇଁଚି ପରି) ଚାଲେ ଯେପରି କୌଣସି ପୋଲ ଭାଙ୍ଗିଗଲେ ବନ୍ୟାର ସ୍ରୋତ ଛୁଟି ଆସିଥାଏ । ତେଣୁ ଜଣେ ଧାର୍ମିକ ବ୍ୟକ୍ତିର କର୍ତ୍ତବ୍ୟ ହେଉଛି ଯେ, ସେ ନିଜର ତୁଣ୍ଡକୁ ନିୟନ୍ତ୍ରଣରେ ରଖୁ ।"

(ଅଲ୍ ହକମ୍, 24 ଜାନୁଆରୀ 1907, ମଲ୍‌ଫୁଜାତ୍, ଭାଗ-5, ପୃଷ୍ଠା-130)

## ତଫସିର୍ କବିରରୁ ଉଦ୍ଧୃତ ଆଲେଖ୍ୟ (ତବରରୁକାତେ ହ. ମୁସଲେହ୍ ମଉଦ୍ ର.ଅ)

## ତୁମେମାନେ ପୁଣ୍ୟର ସେହି ମର୍ଯ୍ୟାଦା ପ୍ରାପ୍ତ କର ଯେ, ସମସ୍ତ ମାନବଜାତି ତୁମକୁ ନିଜର ସନ୍ତାନ ପରି ଦୃଶ୍ୟମାନ ହେବେ ।

ସୟେଦିନା ହ. ଖଲିଫତୁଲ୍ ମସିହ୍ ସାନି ତଥା ହ. ମୁସଲେହ୍ ମଉଦ୍ ର.ଅ ସୁରାଃ ନହଲର ଆୟତ୍ ସଂଖ୍ୟା 91ର ବ୍ୟାଖ୍ୟା କରି କୁହନ୍ତି: "ଉପକାର କରିବା ସମୟରେ ତ' ମଣିଷ ମନରେ ଏହି ଧାରଣା ରହିଥାଏ ଯେ ଅମକ ବ୍ୟକ୍ତି ମୋ ସହିତ ଭଲ ବ୍ୟବହାର କରିଛି, ତେଣୁ ମୁଁ ତାକୁ ତା'ଠାରୁ ଶ୍ରେଷ୍ଠ ପ୍ରତିଦାନ ଦେବି ଯେପରି ମୋର ସୁନାମ ହେବ । ସେହିପରି କୌଣସି ଅପରାଧୀର ଦୋଷ କ୍ଷମା କରିବା ସମୟରେ ଏହି ଧାରଣା ଆସିଥାଏ ଯେ, ମୁଁ ତା' ପ୍ରତି ସଦ୍‌ବ୍ୟବହାର ପ୍ରଦର୍ଶନ କଲେ ତା' ହୃଦୟରୁ ଶତ୍ରୁତା ଦୂର ହୋଇଯିବ ଏବଂ ସେ ମୋର ବନ୍ଧୁ ହୋଇ ମୋର ଶକ୍ତି ବୃଦ୍ଧିର କାରଣ ହେବ । କିନ୍ତୁ ଜଣେ ମା' ଯିଏ ନିଜ ସନ୍ତାନକୁ ଭଲପାଏ ଏବଂ ତା' ପାଇଁ ନିଃସ୍ୱାର୍ଥପର ତ୍ୟାଗ କରେ, ତାହା ଭିତରେ ତିଳେ ହେଲେ ପ୍ରତିଫଳର ଆଶା ନଥାଏ । ବରଂ ତା' ଭଲ ପାଇବାର ଭିତ୍ତିଭୂମି ତା'ର ନିଜର ହିଁ ତ୍ୟାଗ ଉପରେ ନିର୍ଭରଶଳୀ ଅଟେ । ସେହିପରି ଜଣେ ନାରୀର ଯେତେବେଳେ ସନ୍ତାନ ଜନ୍ମ ହୋଇ ନଥାଏ, ସେତେବେଳେ ତା' ମନରେ ଏହି ଭାବନା ଆସିନଥାଏ ଯେ ମୋର ପୁଅ ହୋଇଥିଲେ ସେ ମୋର ସେବା କରିଥାଆନ୍ତା । ବରଂ ତାକୁ ସନ୍ତାନର ଆଶା ଏହି ଧାରଣା ସହ ଆସିଥାଏ ଯେ, ମୁଁ ତାକୁ ଲାଳନ ପାଳନ, ପୋଷଣ କରିଥାନ୍ତି, ତା'ର ସେବା କରିଥାନ୍ତି, ତାକୁ ପୋଷାକ ପିନ୍ଧାଇଥାନ୍ତି, ତା'ର ବିବାହ କରାଇଥାନ୍ତି ଏବଂ ତା'ର ପିଲାମାନଙ୍କୁ ଖେଳାଇଥାନ୍ତି। ମୋଟ୍ ଉପରେ କହିବାକୁ ଗଲେ ସନ୍ତାନ ପ୍ରାପ୍ତି ତଥା ଜନ୍ମ ଆଶା କରିବା ସମୟରେ ମା' ହୃଦୟରେ ସେବା ନେବାର ସାମାନ୍ୟତମ ଧାରଣା ମଧ ନଥାଏ । ବରଂ ଏହି ଆକାଂକ୍ଷାର କାରଣ ହେଉଛି ସନ୍ତାନର ସେବା କରିବାର ଆଗ୍ରହ । ଏହା ହିଁ ସେହି ପୁଣ୍ୟାତ୍ମକ ଉତ୍ସାହ ଯାହା ମଣିଷ୍ୟ ପାଇଁ ସବୁଠାରୁ ବଡ଼ ପୁଣ୍ୟ ଅଟେ । ଏହାକୁ ପ୍ରାପ୍ତ କରିବା ପରେ ହିଁ ମନୁଷ୍ୟର ଚାରିତ୍ରିକ ସତ୍ତା ସଂପୂର୍ଣ୍ଣ ହୋଇଥାଏ । ଅଲ୍ଲାଃତାଲା କୁହନ୍ତି ଯେ, ଉପକାରର ସ୍ତର ପ୍ରାପ୍ତ କରିବା ପରେ ଯେତେବେଳେ ତୁମର ନେବା ଅପେକ୍ଷା ଦେବାର ଆକାଂକ୍ଷା ଅଧିକ ହୁଏ ସେତେବେଳେ ପୁଣ୍ୟର ସେହି ସ୍ତରକୁ ମଧ ପ୍ରାପ୍ତ କର ଯେପରି ସମଗ୍ର ମାନବ ଜାତି ତୁମକୁ ନିଜ ସନ୍ତାନ ପରି ମନେହେବେ ଏବଂ ମୋନଙ୍କ ସେବା କରିବାର ଆବେଗ ତୁମ ହୃଦୟରେ ସେହିପରି ଅବଶିଷ୍ଟାଂଶ..ପୃ-09ରେ

### ଅହମଦିୟା ଖବର

### ଅଲ୍‌ହମଦୁଲିଲ୍ଲାଃ ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ଅ.ବ ସକୁଶଳେ ଅଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ଅ.ବଙ୍କ ସ୍ୱାସ୍ଥ୍ୟ, ନିରୋଗ ଓ ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ସମ୍ପାଦକୀୟ

## ମଜ୍‌ଲିସେ ଇର୍ଫାନ୍‌ର ଏକ ଆନ୍ତର୍ଜାତୀୟ କାର୍ଯ୍ୟକ୍ରମ

لا اله الا الله محمد رسول الله

ଈଶ୍ୱରଙ୍କ ଆଜ୍ଞାରୁ ଯେବେଠାରୁ ଜମାଅତ୍ ଅହମଦିୟାର ମୂଳଦୁଆ ରଖାଯାଇଛି ସେବେଠାରୁ ଜମାଅତ୍‌ର ତାଲିମ ଓ ପ୍ରଶିକ୍ଷଣ ପାଇଁ "ମଜ୍‌ଲିସେ ଇର୍ଫାନ୍" ଏକ ମୌଳିକ ଓ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛି । ଯେତେବେଳେ ହଜୁର ଅ.ସଙ୍କ ପବିତ୍ର ଉପଦେଶାବଳୀଗୁଡ଼ିକୁ ସାଙ୍ଗେ ସାଙ୍ଗେ ଲିପିବଦ୍ଧ କରାଯାଉଥିଲା ଏବଂ ପରେ ସେଗୁଡ଼ିକୁ 'ଅଲ୍-ହକମ୍' ଓ 'ଅଲ୍-ବଦର୍' ସମ୍ବାଦପତ୍ରରେ ପ୍ରକାଶ କରାଯାଉଥିଲା ସେବେଠାରୁ ଏହି ମଜ୍‌ଲିସେ ଇର୍ଫାନ୍ ସୟଦନା ହ. ମସିହ୍ ମଉଦ୍ ଅ.ସଙ୍କ ସମୟରୁ ହିଁ ଆରମ୍ଭ ହୋଇଥିଲା। ଏହି ମଜ୍‌ଲିସେ ଇର୍ଫାନଗୁଡ଼ିକ ହ. ମସିହ୍ ମଉଦ୍ ଅ.ସଙ୍କ "ମଲ୍‌ଫୁଜାତ୍" (ବାଣୀ ସମୂହ) ଆକାରରେ ପ୍ରକାଶିତ ହୋଇ ଉପଲବ୍ଧ ହୋଇଅଛି । ପୁନଶ୍ଚ ହ. ଖଲିଫତୁଲ୍ ମସିହ୍ ପ୍ରଥମ ର.ଅ ହ. ଖଲିଫତୁଲ୍ ମସିହ୍ ଦ୍ୱିତୀୟ ର.ଅ, ହ. ଖଲିଫତୁଲ୍ ମସିହ୍ ତୃତୀୟ ର.ଅ ଏବଂ ହ. ଖଲିଫତୁଲ୍ ମସିହ୍ ଚତୁର୍ଥ ର.ଅଙ୍କ ପବିତ୍ର ସମୟର ମଜ୍‌ଲିସେ ଇର୍ଫାନ ମଧ୍ୟ ଜମାଅତ୍‌ର ସମ୍ବାଦପତ୍ର ଓ ପୁସ୍ତକଗୁଡ଼ିକରେ ପ୍ରକାଶିତ ହୋଇଅଛି ତଥା ସୋସିଆଲ୍ ମିଡିଆର ଶୋଭା ବୃଦ୍ଧି କରୁଛି ।

ହ. ଅମୀରୁଲ୍ ମୁମିନୀନ୍ ଖଲିଫତୁଲ୍ ମସିହ୍ ପଞ୍ଚମ ଅ.ବଙ୍କ ପବିତ୍ର ଖିଲାଫତ୍ କାଳରେ ଏହି ମଜ୍‌ଲିସେ ଇର୍ଫାନ୍ ପ୍ରତ୍ୟେକ ସପ୍ତାହରେ ଏମ୍.ଟି.ଏ. (MTA)ର କାର୍ଯ୍ୟକ୍ରମ This Week With Huzur Anwar ଶୀର୍ଷକ ଅଧୀନରେ ପ୍ରସାରିତ ହୁଏ ଏବଂ ତାହା ସୋସିଆଲ୍ ମିଡିଆରେ ମଧ୍ୟ ଉପଲବ୍ଧ ଅଛି । ପ୍ରତ୍ୟେକ ଯୁଗରେ "ମଜ୍‌ଲିସେ ଇର୍ଫାନ୍" ଏପରି ଏକ କାର୍ଯ୍ୟକ୍ରମ ହୋଇ ରହିଛି ଯାଦ୍ୱାରାକି ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ପ୍ରଶିକ୍ଷଣ, ଧର୍ମ ପ୍ରଚାର (ତବ୍‌ଲିଗ୍), ଶିକ୍ଷା ଏବଂ ପ୍ରଶାସନିକ ଦିଗରେ ବହୁତ ମାର୍ଗଦର୍ଶନ ମିଳି ଆସିଛି । କେତେକ ସମୟରେ କୌଣସି ରାଜନୈତିକ କିମ୍ବା ଜ୍ଞାନୀ ବ୍ୟକ୍ତିତ୍ୱ ମଧ୍ୟ ହୁଜୁର ଅ.ବଙ୍କୁ ସାକ୍ଷାତ୍ କରନ୍ତି ଏବଂ ହୁଜୁର ଅ.ବ ସେମାନଙ୍କ ଦେଶ, ସେମାନଙ୍କ ଜ୍ଞାନ ଏବଂ ବିଶ୍ୱରେ ବ୍ୟାପିଥିବା ଅଶାନ୍ତିକୁ ଦୂର କରିବାକୁ ନେଇ ସେମାନଙ୍କୁ ହୁଜୁର୍ ଅ.ବ ଉଚିତ୍ ମାର୍ଗଦର୍ଶନ ମଧ୍ୟ ପ୍ରଦାନ କରନ୍ତି । ସେ ଯାହା ହେଉ, ଏହି ଆନ୍ତର୍ଜାତୀୟ କାର୍ଯ୍ୟକ୍ରମ ପ୍ରତ୍ୟେକ ଶ୍ରୋତାମାନଙ୍କ ପାଇଁ ଏକ ଉପଯୋଗୀ ମାର୍ଗଦର୍ଶକ ଅଟେ ।

'ବଦର୍'ର ପାଠକମାନଙ୍କ ମନରେ ଏହି କାର୍ଯ୍ୟକ୍ରମ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ନମୁନା ସ୍ୱରୂପ 02 ଜାନୁଆରୀ 2026ରେ ସେହି ସାକ୍ଷାତ୍‌କାରର ସାରାଂଶ ସମ୍ମୁଖରେ ଉପସ୍ଥାପନ କରାଯାଉଛି, ଯାହା ହୁଜୁରେ ଅନ୍‌ୱର୍ ଅ.ବ ଭର୍ଜିନିଆ (ଆମେରିକା)ର ଖୁଦାମ (ଯୁବକ) ମାନଙ୍କ ସହିତ କରିଥିଲେ । ଇତ୍ୟବସରରେ ହୁଜୁର୍ ଅନ୍‌ୱର୍ ଅ.ବଙ୍କୁ ପ୍ରଥମ ପ୍ରଶ୍ନ ଏହା କରାଯାଇଥିଲା ଯେ, ଆମର ସାଂସାରିକ ଶିକ୍ଷା ସହିତ ଜମାଅତୀୟ ପୁସ୍ତକଗୁଡ଼ିକର ଅଧ୍ୟୟନ କିପରି କରାଯାଇପାରିବ ?

ପୁଣ୍ୟଶ୍ଲୋକ ହୁଜୁର ଅନ୍‌ୱର୍ ଅ.ବ କହିଲେ: ଗୋଟିଏ ଦିନରେ 24 ଘଣ୍ଟା ଥାଏ। ଯଦି ଜଣେ ମଣିଷ ଛଅ ଘଣ୍ଟା ଶୋଇବାରେ, 2 ଘଣ୍ଟା ଖାଇବାରେ, 2 ଘଣ୍ଟା ନମାଜ୍ ପଢ଼ିବାରେ, ବିଶ୍ୱବିଦ୍ୟାଳୟ ଶିକ୍ଷାରେ 7 ଘଣ୍ଟା ଏବଂ ଫେରିବା ପରେ 2-3 ଘଣ୍ଟା ପାଠ ପଢ଼ାରେ ବିତାଏ, ତେବେ ବାକି 4 ଘଣ୍ଟାରୁ କ'ଣ ଅଧ ଘଣ୍ଟା ମଧ୍ୟ ବାହାର କରାଯାଇପାରିବ ନାହିଁ ? ଯଦି ତୁମେମାନେ ଚାହିଁବ ତେବେ ଅବଶ୍ୟ ସମୟ ବାହାର କରିପାରିବ । ଯଦି କହିବ ଯେ ମୁଁ ଥକିଗଲି, ତେବେ ସଂସାର ତୁମର ପ୍ରଥମ ପ୍ରାଥମିକତା ହୋଇଗଲା । ତେଣୁ ନିଜ ଜୀବନକୁ ନିୟନ୍ତ୍ରିତ (ରେଗୁଲେଟ୍) କର । ଯଦି ଅଧ୍ୟୟନ ପାଇଁ ଅଧ ଘଣ୍ଟା ମଧ୍ୟ ବାହାର କରିପାରିବ ତେବେ ତାହା ଠିକ୍ ଏବଂ ଯେତେବେଳେ ଆଗ୍ରହ ବଢ଼ିବ ସେତେବେଳେ ଅଧିକ ସମୟ ମଧ୍ୟ ଦିଆ ଯାଇପାରିବ ।

ହୁଜୁର୍ ଅନ୍‌ୱର୍ ଅ.ବଙ୍କୁ ଦ୍ୱିତୀୟ ପ୍ରଶ୍ନ ଏହା କରାଯାଇଥିଲା ଯେ, ହୁଜୁର୍ ! ମୁଁ ସମ୍ମାନନୀୟ ଶ୍ରୀଯୁକ୍ତ ମୌଲାନା ଅତାଉଲ୍ଲା କଲୀମ୍ ସାହେବଙ୍କ ନାତି ଅଟେ । ତେଣୁ ପ୍ରିୟ ହୁଜୁର୍ ! ଆପଣ ଅ.ବ ତାଙ୍କର ସ୍ମୃତି ସଂପର୍କରେ ଯଦି କିଛି ଜାଣିଛନ୍ତି ତେବେ ବିନୀତ ଆପଣଙ୍କୁ ସବିନୟ ପ୍ରକାଶ କରିବାକୁ ଅନୁରୋଧ କରୁଛି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମୁଁ ତାଙ୍କ ସହିତ କାମ ତ' କରି ନାହିଁ, କିନ୍ତୁ ମୁଁ ଯାହା ଦେଖିଛି ଏବଂ ଯାହା ଶୁଣିଛି ଯେ, ସେ ଜଣେ ନିସ୍ୱାର୍ଥପର, ସମର୍ପିତ, ତ୍ୟାଗପୂତ ତଥା ଉତ୍ସର୍ଗୀକୃତ ଜୀବନ (ୱାକିଫେ ଜିନ୍ଦିଗୀ) ବ୍ୟକ୍ତି ଥିଲେ । ମୁଁ ଶୁଣିଛି ଯେ ସେ ପ୍ରତିଦିନ ତହଜ୍ଜୁଦ୍ ନମାଜ୍ ପାଠ କରୁଥିଲେ ଏବଂ ଜମାଅତ୍ ପାଇଁ ପ୍ରାର୍ଥନା ମଧ୍ୟ କରୁଥିଲେ । ସେ କହୁଥିଲେ ଯେ, ଦୁଆ (ପ୍ରାର୍ଥନା) କର ଯେ ଅଲ୍ଲାଃତାଲା ମୋତେ ମଧ୍ୟ ପୁଣ୍ୟବାନ୍ ବ୍ୟକ୍ତି କରି ଦିଅନ୍ତୁ । ଦ୍ୱିତୀୟ କଥା ହେଉଛି ଯେ, ଯେଉଁ ଦିନଗୁଡ଼ିକରେ ସେ ଘାନାରେ ସେବା କରିଥିଲେ, ସେତେବେଳେ ଘାନାର ପରିସ୍ଥିତି ଭଲ ନଥିଲା । ସେ କେବେହେଲେ ଅଭିଯୋଗ କରିନଥିଲେ, ସେ ସର୍ବଦା ହସି ହସି କଥା ହେଉଥିଲେ । ଏହି କାରଣରୁ ଆପଣ ଏହି ପଦବୀରେ ଅଛନ୍ତି । ତେଣୁ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ (ତୱକ୍କୁଲ୍), ନମାଜ୍ ଏବଂ ଦୁଆ (ପ୍ରାର୍ଥନା) ଅତ୍ୟନ୍ତ ଆବଶ୍ୟକ ଅଟେ ।

ସେହିପରି ହୁଜୁର୍ ଅନ୍‌ୱର୍ ଅ.ବଙ୍କୁ ଆଉ ଏକ ପ୍ରଶ୍ନ ମଧ୍ୟ କରାଯାଇଥିଲା ଯେ, ହୁଜୁର୍ ଏହି ବିନୀତ ତଥା ଅଧମ ଆଞ୍ଚଳିକ ନାଜିମ୍ ୱକାରେ ଅମଲ୍ ଭାବରେ ସେବା କରୁଅଛି । କେତେକ ଖୁଦାମମାନେ କଠିନ ପରିଶ୍ରମର କାମ କିମ୍ବା ଯେଉଁଥିରେ ହାତ ମଇଳା ହୁଏ, ସେପରି କାମ କରନ୍ତି ନାହିଁ । ଏପରି ଖୁଦାମମାନଙ୍କ ମଧ୍ୟରେ ୱକାରେ ଅମଲ୍‌ର ମନୋଭା କିପରି ଜାଗ୍ରତ କରାଯାଇପାରିବ ? ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ୱକାରେ ଅମଲ୍‌ର ନାମ ଇଂରାଜୀରେ କ'ଣ ରଖାଯାଇଛି ? ଏହାର ନାମ Dignity of Labour ରଖାଯାଇଛି । ସେହି ଖୁଦାମମାନଙ୍କୁ ବୁଝାଅ ଯେ ଏଥିରେ ତୁମର ମର୍ଯ୍ୟାଦା (Dignity) ରହିଛି । ହ. ମୁହମ୍ମଦ ସ.ଅଙ୍କ ଆଦର୍ଶ ଏବଂ ଆପଣ ସ.ଅଙ୍କ ଉଦାହରଣରୁ ପ୍ରମାଣିତ ଯେ ଅହଜାବ୍ ଯୁଦ୍ଧ ସମୟରେ ଆପଣ ମାଟି ଖୋଳୁଥିଲେ, ଏପରିକି ଆପଣଙ୍କ ପେଟରେ ମଧ୍ୟ ମାଟି ଲାଗିଥିଲା । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏପରି ଖୁଦାମମାନଙ୍କ ସମ୍ମୁଖରେ ହ. ମୁହମ୍ମଦ ସ.ଅଙ୍କ ଉଦାହରଣ ଉପସ୍ଥାପନ କର ଏବଂ ବୁଝାଅ ଯେ ଏହାଦ୍ୱାରା (ୱକାରେ ଅମଲ୍ କରିବା ଦ୍ୱାରା) ପୁଣ୍ୟ ମିଳେ ଏବଂ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହେ ।

ସେହିପରି ଆଉ ଗୋଟିଏ ପ୍ରଶ୍ନ ମଧ୍ୟ ପଚରାଯାଇଥିଲା ଯେ: ପ୍ରିୟ ହୁଜୁର୍ ! ମୁଁ ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଚାହୁଁଛି । ତେଣୁ ପ୍ରିୟ ହୁଜୁର୍ ଅ.ବଙ୍କୁ ମୋର ସବିନୟ ଅନୁରୋଧ କି ପ୍ରିୟ ହୁଜୁର୍ ! କ'ଣ ଆପଣ ଅ.ବ ଏସଂପର୍କରେ ମୋର ମାର୍ଗଦର୍ଶନ କରିବେ କି ? ଅର୍ଥାତ୍ ଶିକ୍ଷା ଏବଂ ବୃତ୍ତିଗତ ସଫଳତା ସହିତ ଧର୍ମ ଏବଂ ଅଲ୍ଲାଃତାଲାଙ୍କ ସହିତ କିପରି ସୁଦୃଢ଼ ସମ୍ପର୍କ ସ୍ଥାପନ କରାଯାଇପାରିବ ?

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅନେକ ଅହମଦି ଡାକ୍ତରମାନେ ଅଛନ୍ତି ଯେଉଁମାନେ ନମାଜ୍ ଏବଂ ତହଜ୍ଜୁଦ୍ ପାଠ କରନ୍ତି । ହ. ମସିହେ ମଉଦ୍ ଅ.ସଙ୍କ ସମୟରେ ଡାକ୍ତର ଅବଦୁଲ୍ ସତ୍ତାର୍ ଶାହ୍ ସାହେବ ଜଣେ ଡାକ୍ତର ଥିଲେ ଏବଂ ହସ୍ପିଟାଲରେ କାମ କରୁଥିଲେ। ସେ ହ. ଖଲିଫତୁଲ୍ ମସିହ୍ ଚତୁର୍ଥ ର.ଅଙ୍କ ଅଜା (ନାନା) ଥିଲେ । ସେ ଡାକ୍ତରୀ କାମ ମଧ୍ୟ କରୁଥିଲେ ଏବଂ ଧର୍ମ ପ୍ରଚାର ମଧ୍ୟ କରୁଥିଲେ । ତାଙ୍କର ଏକ ଘଟଣା ରହିଛି ଯେ, ଦିନେ ସେ ମସ୍‌ଜିଦ୍‌ରେ ଧର୍ମ ପ୍ରଚାର କରୁଥିଲେ । ଜଣେ ବିରୋଧୀ ମସ୍‌ଜିଦ୍‌ର ମାଟିର ଲୋଟା ଉଠାଇ ମାରିଲା, ଯଦ୍ୱାରାକି ତାଙ୍କର ମୁଣ୍ଡ ଫାଟିଗଲା । ସେ ହସ୍ପିଟାଲ ଗଲେ ଏବଂ ପଟ୍ଟି ବାନ୍ଧିଲେ । ମାରିଥିବା ବ୍ୟକ୍ତି ଜଣକ ବହୁତ ଡରିଗଲା। କ୍ଷମା ମାଗିବାରୁ ସେ ଦୋଷୀଙ୍କୁ କହିଲେ, ମୁଁ ତୁମକୁ କ୍ଷମା କରିଦେଲି, ବର୍ତ୍ତମାନ ତୁମେ ମୋର ଉପଦେଶ ଶୁଣ । ସେହି ବ୍ୟକ୍ତି ଜଣକ ବହୁତ ପ୍ରଭାବିତ ହେଲା ଯେ ମୁଁ ତାଙ୍କୁ ମାରିଲି ଅଥଚ ସେ ମୋତେ କ୍ଷମା କରିଦେଲେ ଏବଂ ନମ୍ରତାର ସହିତ ମୋ ସହିତ କଥାବାର୍ତ୍ତା ମଧ୍ୟ ହେଉଛନ୍ତି । ନିଶ୍ଚିତ ଭାବରେ ଅହମଦିୟା ସଂପ୍ରଦାୟ ସତ୍ୟ ଅଟେ । ତେଣୁ ସେ ଦୀକ୍ଷା (ବୈଅତ୍) ଗ୍ରହଣ କଲେ । ସେହିପରି ତୁମେ ମଧ୍ୟ ଡାକ୍ତର ହେବା ପରେ ନିଜ ରୋଗୀମାନଙ୍କ ପ୍ରତି ଭଲ ବ୍ୟବହାର ଦେଖାଅ ।

ହୁଜୁର ଅନ୍‌ୱର୍ ଅ.ବ ହ. ମସିହ୍ ମଉଦ୍ ଅ.ସଙ୍କ ସାଥୀ ହ. ଖଲିଫା ରଶୀଦୁଦ୍ଦୀନ୍ ସାହେବଙ୍କ ଘଟଣା ମଧ୍ୟ ଶୁଣାଇଲେ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ (ଅର୍ଥାତ୍ ଖଲିଫା ରଶିଦୁଦ୍ଦୀନ୍ ସାହେବ ର.ଅ) ଇଂରେଜମାନଙ୍କ ସମୟରେ ସିଭିଲ୍ ସର୍ଜନ ଥିଲେ। ସେ ଏତେ ପରିମାଣର ଆର୍ଥିକ ଦାନ କରୁଥିଲେ ଯେ ହ. ମସିହ ମଉଦ୍ ଅ.ସଙ୍କୁ ଥରେ ତାଙ୍କୁ କହିବାକୁ ପଡ଼ିଥିଲା ଯେ, ମହୋଦୟ ! ଟିକେ ନିୟନ୍ତ୍ରଣ କରନ୍ତୁ ଏବଂ ନିଜ ପାଇଁ ମଧ୍ୟ କିଛି ରଖନ୍ତୁ । ଏପରିକି ଆପଣ ଅ.ସ ଏତିକି ଏବଂ ଏପରି ମଧ୍ୟ କହିଲେ ଯେ ମହୋଦୟ! ଆପଣ ଏତେ ଆର୍ଥିକ ଦାନ କରିଛନ୍ତି ଯେ ଯଦି ଏବେ ନ ଦିଅନ୍ତି ତେବ କିଛି ଫରକ୍ ପଡ଼ିବ ନାହିଁ । ସେହିପରି ହୁଜୁର, ଅନ୍‌ୱର୍ ଅ.ବ ହ. ଖଲିଫା ଅୱଲ୍ (ପ୍ରଥମ ଖଲିଫାଙ୍କ) ବିଷୟରେ ଉଲ୍ଲେଖ କରି ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ମଧ୍ୟ ବୈଦ୍ୟ (ହକୀମ୍) ଥିଲେ, ଚିକିତ୍ସାରୁ ଯାହା ରୋଜଗାର କରୁଥିଲେ ତାହା ଇସ୍‌ଲାମ୍ ଧର୍ମ ସକାଶେ ଖର୍ଚ୍ଚ କରି ଦେଉଥିଲେ, ଗରିବଙ୍କ ସେବା କରୁଥିଲେ, ସହାନୁଭୂତି ଦେଖାଉଥିଲେ। ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ତୁମେ ମଧ୍ୟ ଯଦି ଗରିବଙ୍କ ସେବା କରିବ, ତେବେ ଅଲ୍ଲାଃତାଲା ମଧ୍ୟ ପ୍ରସନ୍ନ ହେବେ ଏବଂ ଜମାଅତ୍‌ର ସେବା ମଧ୍ୟ ହେବ ।

ସେହିପରି ହୁଜୁର୍ ଅନ୍‌ୱର୍ ଅ.ବଙ୍କୁ ଆଉ ଏକ ପ୍ରଶ୍ନ ମଧ୍ୟ ପଚରା ଯାଇଥିଲା ଯେ, ପ୍ରିୟ ହୁଜୁର ! ବିଶ୍ୱରେ ରାଜନୈତିକ ଅନ୍ୟାୟ ବିରୋଧରେ କିପରି ସ୍ୱର ଉତ୍ତୋଳନ କରାଯାଇ ପାରିବ ? ପ୍ରତ୍ୟୁତ୍ତରରେ ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆମର ଯେତିକି ସାମର୍ଥ୍ୟ ଓ ପହଞ୍ଚ ରହିଛି, ଆମେ ସେତିକି ହିଁ କରୁଛୁ । ମୋର ଯେତିକି ପହଞ୍ଚ ଅଛି, ମୁଁ କରୁଛି। ଆପଣମାନଙ୍କର ଯେତିକି ସାମର୍ଥ୍ୟ ଅଛି, ଆପଣମାନେ କରି ଚାଲନ୍ତୁ । ମୋତେ ଆମେରିକାର କ୍ୟାପିଟଲ୍ ହିଲ୍‌ରେ ବକ୍ତବ୍ୟ (ଭାଷଣ) ଦେବାର ସୁଯୋଗ ମିଳିଥିଲା। ସେତେବେଳେ ମୁଁ ସେମାନଙ୍କୁ ଶାନ୍ତିର କଥା କହିଥିଲି । ପରେ ସେମାନଙ୍କର ଜଣେ ସେନେଟର୍ କହିଲେ ଯେ, ହୁଜୁର୍ ! ଆପଣ ଯେଉଁ କଥାଗୁଡ଼ିକ କହୁଛନ୍ତି ତାହା ବହୁତ ଭଲ ଏବଂ ଏହାର ଆବଶ୍ୟକତା ମଧ୍ୟ ଯଥେଷ୍ଟ ରହିଛି । କିନ୍ତୁ ଆମେମାନେ ଏହାକୁ କାର୍ଯ୍ୟକାରୀ କରିପାରିବୁ ନାହିଁ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେମାନଙ୍କର ନିଜର ରାଜନୈତିକ ଉଦ୍ଦେଶ୍ୟ ତଥା ସ୍ୱାର୍ଥ ଥାଏ ଏବଂ ସେଥିପାଇଁ ସେମାନେ ଅର୍ଥ ଦେଇ ନିଜ ପକ୍ଷରେ ସ୍ୱରୋତ୍ତୋଳନ କରାଇଥାଆନ୍ତି । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯେତେବେଳେ ନ୍ୟାୟର ମାପଦଣ୍ଡ ନିଜ ପାଇଁ ଗୋଟିଏ ଏବଂ ଅନ୍ୟମାନଙ୍କ ପାଇଁ ଅନ୍ୟ ଅର୍ଥାତ୍ ଭିନ୍ନ ହୁଏ ସେତେବେଳେ ପ୍ରକୃତ ନ୍ୟାୟ କିପରି ସ୍ଥାପିତ ହୋଇପାରିବ ? ତେଣୁ ଯେତେ ଦୂର ସମ୍ଭବ ଆପଣମାନେ ନିଜ ଚାରିପାଖରେ ନ୍ୟାୟ ସ୍ଥାପନ କରିବା ପାଇଁ ଚେଷ୍ଟା ଜାରି ରଖନ୍ତୁ ।

ସେହିପରି ହୁଜୁର୍ ଅନ୍‌ୱର୍ ଅ.ବଙ୍କୁ ଆଉ ଗୋଟିଏ ପ୍ରଶ୍ନ ପଚାରାଯାଇଥିଲା ଯେ, କେତେକ ଶିୟା ସଂପ୍ରଦାୟରେ ଲୋକେ (ଅହ୍‌ଲେ ତଶୟୁ) ଅହ୍‌ଲେ ବୈତ୍ (ଆଁହଜରତ ସ.ଅଙ୍କ ପରିବାର) ଏବଂ ଆଲେ ରସୁଲ୍‌ଙ୍କୁ ଖିଲାଫତ୍ ତୁଳନାରେ ପ୍ରାଥମିକତା ଦିଅନ୍ତି। ଏହା ସଂପର୍କରେ ହୁଜୁର ଅ.ବଙ୍କର କ'ଣ ଆଦେଶ ଏବଂ ମନ୍ତବ୍ୟ ରହିଛି ? ହୁଜୁର୍ ଅନ୍‌ୱର୍ ଅ.ବ ଉତ୍ତର ପ୍ରଦାନ କରି କହିଲେ, ସେମାନେ ତ' ଅବଶିଷ୍ଟାଂଶ..ପୃ-09 ରେ



(ଖୁତ୍‌ବା ଜୁମା)

## ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଅସୀମ ଦୟା ଉଦାରତା ଓ ବଦାନ୍ୟତାର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

**ଖୁତ୍‌ବା ଜୁମା 03 JULY 2026 ମସିହା ଅନୁଯାୟୀ ୦୩ ୱଫା ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦରର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُولُهٗ۔ أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଆଜି ମୁଁ ହ. ମସିହ୍ ମଉଦ୍ ଅ.ସଙ୍କ ସ୍ନେହ, ଦୟା, ଉଦାରତା, ବଦାନ୍ୟତା ତଥା ଦାନଶୀଳତାର କେତେକ ଘଟଣାବଳୀ ଉପସ୍ଥାପିତ କରିବି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଶେଖ୍ ୟାକୁବ୍ ଅଲୀ ସାହେବ ଇର୍ଫାନୀ ର.ଅ ଉଲ୍ଲେଖ କରନ୍ତି ଯେ, ଆପଣ ଅ.ସଙ୍କ ଦାନ ଏକ ଅସୀମ ସମୁଦ୍ର ସଦୃଶ ଥିଲା ଏବଂ ଆପଣଙ୍କ ହାତ ମୋତି ବର୍ଷାଉଥିବା ମେଘ ସଦୃଶ ଥିଲା । ଅର୍ଥାତ୍ ଏହି ବାଦଲ୍ ବୃଷ୍ଟିପାତ କରାଉଥିଲା ଏବଂ ସମସ୍ତଙ୍କୁ ତୃପ୍ତ କରୁଥିଲା । ରମଜାନ୍ ମାସରେ ଏହି ପ୍ରକ୍ରିୟା (ପରମ୍ପରାଟି) ବହୁତ ବୃଦ୍ଧି ପାଉଥିଲା ଏବଂ ଗୋପନରୁ ଗୋପନୀୟ ଉପାୟରେ ହୁଜୁର୍ ଅ.ସ ଅଭାବୀ ଲୋକମାନଙ୍କୁ ଦାନ ଦେଉଥିଲେ । ଅତ୍ୟନ୍ତ ମୂଲ୍ୟବାନ୍ ଜିନିଷ ଅନ୍ୟକୁ ଦେବାରେ ଆପଣ ଅ.ସଙ୍କର କେବେହେଲେ କୁଣ୍ଠାବୋଧ ମନେକରୁ ନଥିଲେ କି ଟାଳଟୁଳ ମଧ୍ୟ କରୁ ନଥିଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହି ସ୍ୱଭାବ ତଥା ଏହି ଅବସ୍ଥା ଆପଣ ଅ.ସଙ୍କ ଜୀବନର ସମସ୍ତ ପର୍ଯ୍ୟାୟରେ ଦେଖିବାକୁ ମିଳେ । ପ୍ରଫେଟ୍‌ହୁଡ୍ (ନବୁୱତ୍ ବା ଅବତାରତ୍ୱ) ଓ ମାମୁରିୟତ୍ (ଦାୟିତ୍ୱ ଗ୍ରହଣ କରିବା ତଥା ନିଯୁକ୍ତ ହେବା) ପୂର୍ବରୁ ମଧ୍ୟ ଏହା ନିଜର ଆନନ୍ଦମୟ ରୂପରେ ପ୍ରକାଶ ପାଉଥିଲା । ସୁତରାଂ ମିଆଁ ଗଫାରା ସାହେବ (ଓରଫ୍ ଅବ୍‌ଦୁଲ୍ ଗଫ୍ଫାର୍) କାଶ୍ମୀରୀ, ହ. ମସିହ୍ ମଉଦ୍ ଅ.ସ ଦୟା ଓ ବଦାନ୍ୟତା ସମ୍ପର୍କରେ ଚର୍ଚ୍ଚା କରି ନିଜର ବକ୍ତବ୍ୟ ଦିଅନ୍ତି ଯେ, ଯେତେବେଳେ ତାଙ୍କର ବିବାହ ହେଲା, ସେତେବେଳେ ହ. ମସିହ୍ ମଉଦ୍ ଅ.ସ ତାଙ୍କ ସାହାଯ୍ୟ ନିମନ୍ତେ ଦୁଇଟି ମୂଲ୍ୟବାନ୍ ଅଳଙ୍କାର ଦେଇଥିଲେ । ଏହା ଆପଣ ଅ.ସଙ୍କ ନବୁୱତ୍ (ଅବତାରତ୍ୱ) ପୂର୍ବ ସମୟର କଥା, ଯେତେବେଳେ ଆପଣ ଏକ ଏକାନ୍ତବାସୀଙ୍କ ପରି ଜୀବନ ଯାପନ କରୁଥିଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଶେଖ୍ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, ଏହା କେବଳ ଗୋଟିଏ ମାତ୍ର ଉଦାହରଣ ନୁହେଁ, ବରଂ ଏପରି ଅନେକ ଘଟଣାବଳୀ ରହିଛି। ଆପଣ ଅ.ସଙ୍କ ସାମ୍ନାକୁ ଏପରି କୌଣସି ଅବସର ଆସିନାହିଁ ଯେଉଁଠାରେ କେହି ଆପଣଙ୍କଠାରୁ କିଛି ମାଗିଥିବେ ଏବଂ ଆପଣ ଦେଇନଥିବେ କିମ୍ବା କାହାର ଅଭାବ ଅନୁଭବ କରି ତାଙ୍କର ମାଗିବା ନିବେଦନ ବିନା ଆପଣ ତାଙ୍କର ସାହାଯ୍ୟ କରି ନଥିବେ। ଆପଣ ଦୟାଳୁଙ୍କ ସନ୍ତାନ ଓ ମହାନ ଦୟାଳୁ ବ୍ୟକ୍ତି ଥିଲେ । **(ସିରତ୍ ମସିହ୍ ମଉଦ୍ ଅ.ସ, ହ. ଶେଖ୍ ୟାକୁବ୍ ଅଲୀ ସାହେବ ଇର୍ଫାନୀ ର.ଅ, ଭାଗ-3, ପୃ-312, ଭାଗ-2, ପୃଷ୍ଠା-2, ଫିରୋଜୁଲ୍ ଲୁଗାତ୍, ପୃଷ୍ଠା-52ରୁ ଗୃହୀତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ବଶୀର୍ ଅହମଦ ସାହେବ ଭଟ୍ଟୀଙ୍କ ମାତାଶ୍ରୀ ବର୍ଣ୍ଣନା କରନ୍ତି ଯେ, ଥରେ ହ. ଅମୀରୁଲ୍ ମୁ'ମିନୀନ୍ ଖଲିଫାତୁଲ୍ ମସିହ୍ ଅସ୍-ସାନୀ ତଥା ହ. ମିର୍ଜା ମହମୁଦ୍ ଅହମଦ ର.ଅଙ୍କ ବିବାହ ଅବସରରେ ଜଣେ ମିରାସୀ (ପାରମ୍ପରିକ ଗାୟକ ବା ବାଦ୍ୟ ବାଦକ) ମହିଳା ଢୋଲ ନେଇ ହୁଜୁର୍ ଅ.ସଙ୍କ ଘରକୁ ଆସିଗଲା ଏବଂ ବଜାଇବା ଆରମ୍ଭ କଲା । ତାହାର ଉଦ୍ଦେଶ୍ୟ କିଛି ପଇସା ପାଇବା ଥିଲା । କାରଣ ବିବାହର ଅବସର ଥିଲା । ଏହା ସେଠାକାର ଏକ ସାଧାରଣ ପ୍ରଥା ଅଟେ । ଯେତେବେଳେ ହୁଜୁର୍ ଅ.ସ ଢୋଲର ଶବ୍ଦ ଶୁଣିଲେ ସେତେବେଳେ ଆପଣ ଅ.ସ ତୁରନ୍ତ ସେହି ଆଡ଼କୁ ଧ୍ୟାନ ଦେଲେ ଏବଂ କହିଲେ, "ତାକୁ କୁହ ଯେ, ସେ ଢୋଲ ନ ବଜାଉ ଏବଂ ବନ୍ଦ କରାଅ । ସେ ଯାହା ମାଗୁଛି ତାକୁ ଦେଇଦିଅ ।" ତେଣୁ ତାକୁ ଚାରି-ପାଞ୍ଚ ଟଙ୍କା ଦେଇ ଦିଆଗଲା । ପରେ ସେ କହିଲା ଯେ ଶୀତ ମାସ ଆସିଗଲାଣି ଏବଂ ମୋତେ ଶୀତ ଲାଗୁଛି । ତା'ପରେ ଆପଣ ଅ.ସ ତାକୁ ଗୋଟିଏ କମ୍ବଳ ରେଜେଇ ମଧ୍ୟ ଦେଇ ଦେଲେ । କିନ୍ତୁ ଆପଣ ଅ.ସ ଢୋଲ ବଜାଇବା ବନ୍ଦ କରାଇଦେଲେ ।

**(ରିୱାୟାତ୍ ଅସ୍‌ହାବେ ଅହମଦ, ଭାଗ-3, ପୃଷ୍ଠା-441ରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ବର୍ଣ୍ଣନା କରନ୍ତି, "ସର୍ବ ପ୍ରଥମେ ଏହି କଥାଟି ମନେରଖିବା ଉଚିତ୍ ଯେ ଆପଣ ଅ.ସଙ୍କର କୌଣସି ବିଶେଷ ପୋଷାକ ପ୍ରତି ଆଗ୍ରହ ନଥିଲା । ଶେଷ ଦିନଗୁଡ଼ିକର କିଛି ବର୍ଷରେ ଆପଣ ଅ.ସଙ୍କ ପାଖକୁ ଅସଂଖ୍ୟ ସାଧାରଣ ଓ ସିଲେଇ ହୋଇଥିବା ପୋଷାକ ଉପହାର ସ୍ୱରୂପ ଆସୁଥିଲା । ବିଶେଷ କରି କୋଟ୍, ୱେଷ୍ଟକୋଟ୍ (ୱାସକେଟ୍ ବା ସଦ୍‌ରୀ) ଏବଂ କୁର୍ତ୍ତା ପାଇଜାମା ଇତ୍ୟାଦି ଯାହା ପ୍ରାୟତଃ ଶେଖ୍ ରହମତୁଲ୍ଲା ସାହେବ ଲାହୋରୀ ପ୍ରତ୍ୟେକ ଇଦ୍ ଓ ବକ୍ରିଦ୍ ଅବସରରେ ନିଜ ସାଙ୍ଗରେ ଉପହାର ଆଣୁଥିଲେ। ସେହିସବୁ ଆପଣ ଅ.ସ ବ୍ୟବହାର କରୁଥିଲେ । କିନ୍ତୁ ଏହା ବ୍ୟତୀତ ଆପଣ ଅ.ସ କେବେ କେବେ ନିଜେ ମଧ୍ୟ ପୋଷାକ ତିଆରି କରାଉଥିଲେ । ପଗଡ଼ି (ଅମାମା) ତ' ପ୍ରାୟତଃ ନିଜେ କିଣି ବାନ୍ଧୁଥିଲେ । ଯେପରି ପୋଷାକ ତିଆରି ହେଉଥିଲା ଏବଂ ବ୍ୟବହୃତ ହେଉଥିଲା, ସେହିପରି ସାଙ୍ଗେ ସାଙ୍ଗେ ଦାନ ମଧ୍ୟ ହୋଇଯାଉଥିଲା । ଅର୍ଥାତ୍ ସବୁ ସମୟରେ ଆଶୀର୍ବାଦପୂର୍ଣ୍ଣ ସ୍ମାରକ (ତବର୍‌ରୁକ୍ ବା କଲ୍ୟାଣ ସ୍ୱରୂପ) ମାଗୁଥିବା ଲୋକମାନେ ଆପଣ ଅ.ସଙ୍କ ଠାରୁ ବସ୍ତ୍ର ମାଗୁଥିଲେ । କେତେକ ସମୟରେ ଏପରି ପରିସ୍ଥିତି ମଧ୍ୟ ଆସି ପହଞ୍ଚୁଥିଲା ଯେ, ଆପଣ ଅ.ସ ଗୋଟିଏ ପୋଷାକ ତବର୍‌ରୁକ୍ (କଲ୍ୟାଣ) ଭାବେ ଦେଇ ଦେଉଥିଲେ ଏବଂ ଅନ୍ୟ ଗୋଟିଏ ପୋଷାକ ତିଆରି କରି ସେହି ସମୟରେଆପଣ ଅ.ସଙ୍କୁ ପିନ୍ଧିବାକୁ ପଡୁଥିଲା । କେତେକ ବୁଦ୍ଧିମାନ୍ ଲୋକ ଏପରି ମଧ୍ୟ କରୁଥିଲେ ଯେ ଉଦାହରଣ ସ୍ୱରୂପ ନିଜର ଗୋଟିଏ ନୂଆ ପୋଷାକ ପଠାଇ ଦେଉଥିଲେ ଏବଂ ସାଙ୍ଗରେ ନିବେଦନ କରୁଥିଲେ ଯେ, ହୁଜୁର୍ ! ନିଜର ଓହ୍ଲାଇଥିବା ପୋଷାକ ତବର୍‌ରୁକ୍ ସ୍ୱରୂପ ପ୍ରଦାନ ଆମକୁ କରନ୍ତୁ ।"

**(ସିରତୁଲ୍ ମହଦୀ, ଭାଗ-1, ଗ୍ରନ୍ଥଖଣ୍ଡ-1, ପୃଷ୍ଠା-461, ରିୱାୟତ୍ ନଂ-447)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁଫ୍‌ତୀ ମୁହମ୍ମଦ ସାଦିକ୍ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, ହ. ମସିହ୍ ମଉଦ୍ ଅ.ସ ତାଙ୍କୁ କହିଲେ, "ମୋ ପାଖରେ ଗୋଟିଏ ଛୋଟ ପବିତ୍ର କୁରଆନ୍ (ହମାଏଲ୍) ହେଉଥିଲା । ଯାହାର ଅକ୍ଷରଗୁଡ଼ିକ ବହୁତ ସ୍ପଷ୍ଟ ଥିଲା ଏବଂ ଏହା ମୋତେ ବହୁତ ପସନ୍ଦ ଥିଲା । କିନ୍ତୁ ଜଣେ ବ୍ୟକ୍ତି ମାଗିବାରୁ ମୁଁ ତାକୁ ଦେଇଦେଲି । କାରଣ କାହାର ମାଗିବା ବ୍ୟର୍ଥ ଯେପରି ନହେଉ ।"

**(ଜିକ୍ରେ - ହବୀବ୍, ହ. ମୁଫ୍‌ତୀ ମୁହମ୍ମଦ୍ ସାଦିକ୍ ସାହେବ[ର.ଅ], ପୃଷ୍ଠା-138)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. କୁରେଶୀ ଶେଖ୍ ମୁହମ୍ମଦ ସାହେବ ର.ଅ ଯିଏ ଡାକ ପିଅନ ଥିଲେ ଏବଂ କାଦିୟାନ୍‌ର ଅଧିବାସୀ ଥିଲେ, ସେ କୁହନ୍ତି: "ଥରେ ମୁଁ ହ. ମସିହ୍ ମଉଦ୍ ଅ.ସଙ୍କ ସେବାରେ ବହୁତଗୁଡ଼ିଏ ମନିଅର୍ଡରର ବାଣ୍ଟିବା ପାଇଁ ନେଇଗଲି ଏବଂ ସେହି ଟଙ୍କାଗୁଡ଼ିକୁ ହୁଜୁର୍ ଅ.ସଙ୍କୁ ଦେବା ପରେ ସହରରେ ଡାକ ବାଣ୍ଟିବା କାମ କରୁଥିଲି । ଯେତେବେଳେ ଚାରିଟା ସମୟରେ ଡାକ ଘରକୁ ଫେରିଲି ଏବଂ ପୋଷ୍ଟ ମାଷ୍ଟରଙ୍କୁ ବଣ୍ଟାଯାଇଥିବା ମନିଅର୍ଡରର ହିସାବ ଦେବାକୁ ଲାଗିଲି ସେତେବେଳେ ହିସାବରୁ ଜଣାପଡ଼ିଲା ଯେ ମୁଁ ଭୁଲ୍ ବଶତଃ କୌଣସି ସ୍ଥାନରେ ଛଅ ଟଙ୍କା ଅଧିକ ବାଣ୍ଟି ଦେଇଛି । ବହୁତ ଚିନ୍ତା ହେଲା, କାରଣ ହୁଜୁର୍ ଅ.ସଙ୍କୁ ଯେଉଁ ଟଙ୍କା ଦିଆଯାଇଥିଲା, ତାହା ହିଁ ଏକ ବଡ଼ ପରିମାଣ ଅର୍ଥରାଶି ଥିଲା । ତେଣୁ ପୋଷ୍ଟମାଷ୍ଟର ଯାହାର ନାମ ଅଲ୍ଲାଃଦିତ୍ତା ଥିଲା ଏବଂ ସେ ଜଣେ କଠୋର ଅଣଅହମଦୀ ଥିଲା, ସେ କହିଲା, ଯେ ଭଲ ହେବ ଯେ, ତୁମେ ଯାଇ ମିର୍ଜା ସାହେବଙ୍କୁ ପଚାର । ମୋ ମନ ତ' ଚାହୁଁ ନଥିଲା ଯେ ହୁଜୁର୍ ଅ.ସଙ୍କୁ ପୁଣି ଯାଇ କଷ୍ଟ ଦେବି । କିନ୍ତୁ ତା'ର ବାରମ୍ବାର ନିବେଦନ ଯୋଗୁଁ ମୁଁ ହୁଜୁର୍ ଅ.ସଙ୍କ ସେବାରେ ପହଞ୍ଚିଲି ଏବଂ କହିଲି: 'ହୁଜୁର୍ ! ଆଜି ମୁଁ ଭୁଲ୍‌ବଶତଃ କେଉଁଠି ଛଅ ଟଙ୍କା ଅଧିକ ଦେଇଦେଇଛି ।' ହୁଜୁର୍ ଅ.ସ କହିଲେ, 'ମିଆଁ ! ମୋତେ ତ' ଜଣା ନାହିଁ କେତେ ଟଙ୍କା ମିଳିଥିଲା ଏବଂ ମୁଁ ତ' ଏବେ ସେଥିରୁ କିଛି ଖର୍ଚ୍ଚ ମଧ୍ୟ କରି ସାରିଛି (ଲୋକଙ୍କୁ ଦେଇ ସାରିଛି) । କିନ୍ତୁ ଛାଡ଼, ତୁମେ ଜଣେ ଗରିବ ଲୋକ, ମୁଁ ଏହି ଟଙ୍କା ତୁମକୁ ଦେଇ ଦେଉଛି, କିନ୍ତୁ ଆଗକୁ ସାବଧାନତାର ସହ କାମ କରିବ, କାରଣ ତୁମେ ଗରିବ । ଏହି ଘଟଣାରୁ ହୁଜୁର୍ ଅ.ସଙ୍କ ଉଚ୍ଚ ନୈତିକତା, ଉଦାରତା ଏବଂ ଦାରିଦ୍ର୍ୟ ପ୍ରୀତି ବିଷୟରେ ମଧ୍ୟ ଜଣାପଡ଼େ ।"

**(ରିୱାୟାତ୍ ଅସ୍‌ହାବେ ଅହମଦ, ଭାଗ-5, ପୃଷ୍ଠା-337-338)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୀର୍ ମହଦୀ ହୁସୈନ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ଥରେ ମୌଲବୀ ମୁହମ୍ମଦ ଅହସନ୍ ସାହେବ ମୋତେ 'ଚଶ୍‌ମା-ଏ-ମସିହ୍' ବହିର ଗୋଟିଏ ପାଣ୍ଡୁଲିପି ସଂସ୍କରଣ ମାଗିଲେ । ମୁଁ କହିଲି, ଆଜ୍ଞା ହୁଜୁର୍ ଅ.ସ କହିଛନ୍ତି ଯେ, କାର୍ଯ୍ୟାଳୟରେ ଏତେଗୁଡ଼ିଏ ସଂସ୍କରଣ ରହିବା ଆବଶ୍ୟକ, କାରଣ କେତେବେଳେ ସରକାର ମାଗିଥାନ୍ତି । ପ୍ରକାଶିତ ବହି(ପାଣ୍ଡୁଲିପି)ଗୁଡ଼ିକୁ ମଗାଇ ନିଅନ୍ତି । ତେଣୁ ଏବେ କୌଣସି ଅତିରିକ୍ତ ବହି ନାହିଁ ଯାହା ଆପଣଙ୍କୁ ଦିଆଯାଇପାରିବ । ଆପଣ ଦୟାକରି ହୁଜୁର୍ ଅ.ସଙ୍କ ଠାରୁ ଅନୁମତି ନେଇପାରନ୍ତି । ତେଣୁ ମୌଲବୀ ସାହେବ ହୁଜୁର୍ ଅ.ସଙ୍କ ସେବାରେ ପତ୍ର ଲେଖିଲେ । ସେହି ପତ୍ରର ସାରାଂଶ ଏହା ଥିଲା ଯେ, କାର୍ଯ୍ୟାଳୟରେ 'ଚଶ୍‌ମା-ଏ-ମସିହ୍'ର କେବଳ କୋଡ଼ିଏଟି ସଂସ୍କରଣ ବାକି ଅଛି ଏବଂ ମୋତେ କେବଳ ଗୋଟିଏ ବହିର ଆବଶ୍ୟକତା ଅଛି । ଯଦି କୌଣସି ଅସୁବିଧା ନହୁଏ, ତେବେ ଦୟାକାରି ଗୋଟିଏ ବହି ମୋତେ ଦିଆଯାଉ । ହୁଜୁର୍ ଅ.ସ କହିଲେ ଯେ ଆପଣ ଗୋଟିଏ ବହି ନେଇ ଯାଆନ୍ତୁ ଏବଂ ସେହି ଚିଠି ଉପରେ ହିଁ ଲେଖି ଆପଣ ଅ.ସ ହସ୍ତାକ୍ଷର (ଦସ୍ତଖତ) କରିଦେଲେ । **(ରିୱାୟାତ୍ ଅସ୍‌ହାବେ ଅହମଦ, ଭାଗ-3, ପୃଷ୍ଠା-441ରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏଠାରେ ଯେଉଁଠି ସହାବାମାନଙ୍କର ସତ୍ୟକଥନ ମଧ୍ୟ ଜଣାପଡ଼େ ଯେ କିପରି ସେମାନେ କହିଦେଲେ ଯେ ଏତେଗୁଡ଼ିଏ ବହି ଅଛି ଏବଂ ମୋତେ ଆବଶ୍ୟକ, ଆଉ ଅଫିସ୍ ତ' ଏହା କହୁଛି କିନ୍ତୁ ଯଦି ଦୟା ହେବ ତେବେ ମିଳିଯିବ। ଏହା ସେମାନଙ୍କର ସତ୍ୟବାଦୀତା ଓ ସତ୍ୟ କଥନ ଥିଲା । ଆପଣ

ଅ.ସଙ୍କ ଦୟା ମଧ୍ୟ ଏଠାରେ ଜଣାପଡ଼େ ଯେ ଯଦିଓ ତାହା ସଂରକ୍ଷିତ (ରିଜର୍ଭ) ଭାବେ ରଖାଯାଇଥିଲା ଯେ, ଯେକୌଣସି ସମୟରେ ଆବଶ୍ୟକ ହୋଇପାରେ, କିନ୍ତୁ ଆପଣ ମାଗୁଥିବା ଲୋକର ନିବେଦନକୁ ମଧ୍ୟ ପ୍ରତ୍ୟାଖ୍ୟାନ କଲେ ନାହିଁ ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହୁଜର୍ ଅ.ସଙ୍କ ପାଖକୁ କେବେ କେବେ ପଣ୍ଡିତ ମୋହନ୍ ଲାଲ, ଯିଏ ସେତେବେଳେ ଜଣେ ବୁଦ୍ଧିମାନ୍ ଯୁବକ ଥିଲେ, ଲେଖରାମ୍ ସାହେବଙ୍କର କୌଣସି ଚିଠି ନେଇ ଯାଉଥିଲେ । ଯେହେତୁ ହୁଜୁର୍ ଅ.ସଙ୍କ ପରିବାର ସହ ମୋହନ ଲାଲଙ୍କର ପୁରୁଣା ସମ୍ପର୍କ ରହି ଆସିଥିଲା ତେଣୁ ହୁଜର୍ ଅ.ସ ପଣ୍ଡିତ ମୋହନ ଲାଲ୍ ସାହେବଙ୍କୁ ମଧ୍ୟ ଯେତେବେଳେ ସେ ଆପଣ ଅ.ସଙ୍କୁ ପାଖକୁ ଆସୁଥିଲେ ସେତେବେଳେ ଆପଣ ଅ.ସ ତାଙ୍କୁ ଖାଲି ହାତରେ ଫେରାଇ ଦେଉ ନଥିଲେ । ବରଂ କିଛି ନା କିଛି ଉପହାର ନିଶ୍ଚୟ ଦେଉଥିଲେ । ଅର୍ଥାତ୍ ଫଳ କିମ୍ବା ଚିନି ଯାହା ଅତ୍ୟନ୍ତ ଉତ୍କୃଷ୍ଟ ଆସୁଥିଲା । ସେହି ସମୟରେ ତାହା ଏକ ବିଶେଷ ଉପହାର ଥିଲା । ପଣ୍ଡିତ ମୋହନ ଲାଲ୍ ଯାହାଙ୍କ ପରିବାର ସହ ମୋର (ଶେଖ୍ ୟାକୁବ୍ ଅଲୀ ସାହେବ ଇର୍ଫାନୀ ର.ଅ କୁହନ୍ତି) ମଧ୍ୟ ବନ୍ଧୁତାପୂର୍ଣ୍ଣ ସମ୍ପର୍କ ଥିଲା ଏବଂ ତାଙ୍କ ବାପାଙ୍କ ସମୟରୁ ମୋ ସହିତ ଏହି ସଂପର୍କ ଚାଲି ଆସୁଥିଲା । ସେହି ଦିନଗୁଡ଼ିକର ଘଟଣା ମନେ ପକାଇ ସର୍ବଦା କହୁଥିଲେ ଯେ, "ହୁଜୁର୍ ଅ.ସ ବହୁତ ଦୟା କରୁଥିଲେ ଏବଂ ସର୍ବଦା ହସି ହସି ସାକ୍ଷାତ୍ କରୁଥିଲେ, କେବେ ହେଲେ ଖାଲି ହାତରେ ଫେରାଇ ଦେଉ ନଥିଲେ ।" ଥରେ ହୁଜୁର୍ ଅ.ସ ମୋତେ ଅତ୍ୟନ୍ତ ଉତ୍କୃଷ୍ଟ ସେଓ ଦେଲେ । ମୁଁ ନେଇନେଲି । ପଣ୍ଡିତ ଲେଖରାମ୍ଙ୍କର ମଧ୍ୟ ଅଭ୍ୟାସ ଥିଲା ଯେ ଯେତେବେଳେ ମୁଁ ଫେରୁଥିଲି ସେତେବେଳେ ସେ ନିଶ୍ଚୟ ପଚାରୁଥିଲେ କ'ଣ ଆଣିଛ ? ମୁଁ ଯେତେବେଳେ କହିଲି ଯେ ସେଓ ଆଣିଛି ସେତେବେଳେ ଲୋଭ ଚକ୍ଷୁରେ ଚାହିଁ କହିଲେ, "ଆଣ ଆଣ ଦିଅ ମୁଁ ବି ଖାଇବି ।" ପଣ୍ଡିତ ମୋହନ ଲାଲ୍ କୁହନ୍ତି, ମୁଁ ତାଙ୍କୁ ହସି ହସି କହିଲି ଯେ,"ଶତ୍ରୁ ଘରର ଜିନିଷ ଆପଣଙ୍କ ପକ୍ଷେ ଖାଇବା ଉଚିତ୍ ନୁହେଁ। ଆପଣ ତ' ହ. ମସିହ୍ ମଉଦ୍ ଅ.ସର ବଡ଼ ଶତ୍ରୁ, ତାଙ୍କୁ କେତେ କଥା କହୁଛନ୍ତି, ତେଣୁ ଆପଣ କାହିଁକି ତାଙ୍କ ଘରର ଜିନିଷ ଖାଇବାକୁ ମାଗୁଛନ୍ତି ? ତେବେ ସେ ତୁରନ୍ତ ମୋ ହାତରୁ ସେଓ ନେଇଗଲେ ଏବଂ ଖାଇବା ଆରମ୍ଭ କଲେ । ଛଡ଼ାଇ ନେଇ ଖାଇବା ଆରମ୍ଭ କଲେ । ମୋଟାମୋଟି ଭାବେ ସେ ବର୍ଣ୍ଣନା କରନ୍ତି ଯେ ମୁଁ ସର୍ବଦା ହୁଜୁର୍ ଅ.ସଙ୍କ ଠାରୁ ପ୍ରେମ ଓ ଭଦ୍ରତା ଗୁଣ ହିଁ ଦେଖିଛି। **(ହୟାତେ ଅହମଦ, ଲେଖକ- ୟାକୁବ୍ ଅଲୀ ଇର୍ଫାନୀ ସାହେବ ର.ଅ, ଭାଗ-2, ଗ୍ରନ୍ଥଖଣ୍ଡ-2, ପୃଷ୍ଠା-186-187ରୁ ଉଦ୍ଧୃତ)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ମୁନ୍ସୀ ଜଫର୍ ଅହମଦ ସାହେବ ର.ଅ ବର୍ଣ୍ଣନା କରନ୍ତି: "ହୁଜୁର୍ ଅ.ସଙ୍କ ପାଖରେ କସ୍ତୁରୀ (ମୁସ୍କ୍ ବା ସୁଗନ୍ଧ) ଥିଲା । ଥରେ ମୁଁ ନିବେଦନ କଲି, ହୁଜୁର୍ ! ମୋତେ ଟିକେ କସ୍ତୁରୀ ଦରକାର । ହୁଜୁର୍ ଅ.ସ ଛୋଟ ଡବାଟି ମୋ ସାମ୍ନାରେ ରଖିଦେଲେ ଏବଂ କହିଲେ, ମହୋଦୟ ! ଆପଣ ଏଥିରୁ ଯେତେ ଚାହୁଁଛନ୍ତି ସେତେ ନେଇ ନିଅନ୍ତୁ । ମୁଁ ସେଥିରୁ ଅଳ୍ପ ଟିକିଏ ଉଠାଇଲି (ନେଲି) । ହୁଜୁର୍ ଅ.ସ ହସି ହସି କହିଲେ, ଆରେ 'ଏହା ତ' କିଛି ନୁହେଁ' (ଅର୍ଥାତ୍ କିଛି ନେଇ ନାହଁ) ଏବଂ ପରେ ପ୍ରାୟ ଏକ କିମ୍ବା ଦେଢ଼ ଭରି କସ୍ତୁରୀ ହୁଜୁର୍ ଅ.ସ ନିଜେ ମୋତେ ଦେଇଦେଲେ ।"

**(ରିୱାୟାତ୍ ଅସ୍‌ହାବେ ଅହମଦ, ଭାଗ-4, ପୃଷ୍ଠା-213)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଏହା ବହୁତ ମୂଲ୍ୟବାନ୍ ଜିନିଷ ଅଟେ । କସ୍ତୁରୀ ଆଜି ମଧ୍ୟ ମୂଲ୍ୟବାନ୍ ଏବଂ ଔଷଧ ଆଦିରେ ବ୍ୟବହୃତ ହୁଏ । କିନ୍ତୁ ଆପଣ ଅ.ସଙ୍କର କୌଣସି ଜିନିଷର ମୂଲ୍ୟବାନ୍ ହେବା ସହ କୌଣସି ମତ୍ଲବ (ସଂପର୍କ) ନଥିଲା । ଆପଣ ଅ.ସ ତ' ନିଜ ଚରିତ୍ରର ଉଚ୍ଚ ମହାନତା ଦେଖାଇବାର ଥିଲା । ବନ୍ଧୁମାନଙ୍କ ପାଇଁ ଆପଣ ଅ.ସଙ୍କ ସମବେଦନା ଓ ଦାନର ଏକ ଘଟଣା: ହକୀମ୍ ମୁଫ୍ତୀ ଫଜ୍‌ଲୁର୍ ରହମାନ୍ ସାହେବ ର.ଅ ବର୍ଣ୍ଣନା କରନ୍ତି, ସେ କୁହନ୍ତି ଯେ "ମୋ ସ୍ତ୍ରୀଙ୍କର ଏକ ସନ୍ତାନ ଜନ୍ମ ହେଲା ଏବଂ ତାହାର ସପ୍ତମ ଦିନ ସନ୍ଧ୍ୟା ସମୟରେ ସ୍ତ୍ରୀଙ୍କଠାରେ ଧନୁଷ୍ଟଙ୍କାର (Tetanus/Spasm) ରୋଗର ଲକ୍ଷଣ ପ୍ରକାଶ ପାଇବାକୁ ଲାଗିଲା । ଯେହେତୁ ସେହି ଦିନଗୁଡ଼ିକରେ ଏହି ମହାମାରୀ ବ୍ୟାପିଥିଲା, ତେଣୁ ଏହା ପ୍ରତି ବହୁତ ଧ୍ୟାନ ଦିଆଗଲା । ସେ କୁହନ୍ତି, ମୁଁ ମଗ୍‌ରିବ୍ ପରେ ହୁଜୁର୍ ଅ.ସଙ୍କ ସେବାରେ ଦୌଡ଼ିଗଲି ଏବଂ ନିବେଦନ କଲି ଯେ, ହୁଜୁର୍ ! 'ମୋ ସ୍ତ୍ରୀର ଏପରି ଅବସ୍ଥା ଅଛି । ଆପଣ ଅ.ସ କହିଲେ, "ଏହା ତ' ବହୁତ ବିପଜ୍ଜନକ ରୋଗର ପୂର୍ବ ଲକ୍ଷଣ । ତୁମେ ତୁରନ୍ତ ତାକୁ ଦଶ ରତ୍ତି (ଗ୍ରାମ୍) ହେଙ୍ଗୁ ଦେଇଦିଅ ।" ହେଙ୍ଗୁ ଔଷଧ କହିଲେ ଏବଂ 'ଘଣ୍ଟାଏ ଦେଢ଼ ଘଣ୍ଟା ପରେ ମୋତେ ଖବର ଦିଅ । ମୁଁ ଇଶା ନମାଜ୍ ପରେ ପୁଣି ଉପସ୍ଥିତ ହେଲି ଏବଂ ନିବେଦନ କଲି ଯେ, ହୁଜୁର୍ ! ରୋଗ ଅଧିକ ବଢ଼ିଯାଇଛି । ଅର୍ଥାତ୍ କମିବା ପରିବର୍ତ୍ତେ ବଢ଼ିଯାଇଛି। ତା'ପରେ ଆପଣ ଅ.ସ କହିଲେ ଯେ, 'ଦଶ ରତ୍ତି କୁଇନାଇନ୍ (Quinine) ଦେଇଦିଅ। ଗୋଟିଏ ଘଣ୍ଟା ପରେ ପୁଣି ମୋତେ ଖବର ଦିଅ ଏବଂ ଏହା ଭାବିବ ନାହିଁ ଯେ ମୁଁ ଶୋଇପଡ଼ିଛି । ନିସଙ୍କୋଚରେ ପୁରୁଷ ପଟ ସିଡ଼ିରୁ ଡାକ ମାରିବ। ଗୋଟିଏ ଘଣ୍ଟା ପରେ ମୁଁ ପୁଣି ଗଲି ଏବଂ କହିଲି ହୁଜୁର୍ ! କୌଣସି ଉପଶମ ହୋଇ ନାହିଁ। ତା'ପରେ ଆପଣ ଅ.ସ କହିଲେ, ହଉ ଦଶ ରତ୍ତି କସ୍ତୁରୀ ଦେଇଦିଅ। ମୁଁ କହିଲି ହୁଜୁର୍ ! ଏହି ସମୟରେ କସ୍ତୁରୀ କେଉଁଠୁ ଆଣିବି ? ହୁଜୁର୍ ଅ.ସ ମୁଠାଏ କସ୍ତୁରୀ ଘରୁ ଘିନି ଆଣିଲେ ଏବଂ କହିଲେ, 'ଏହା ଦଶ ରତ୍ତି ହେବ ନିଅ । ମୁଁ କହିଲି, ହୁଜୁର୍ ! ଏହା ଅଧିକ ଅଛି । ହୁଜୁର୍ ଅ.ସ କହିଲେ, ନେଇଯାଅ ପରେ କାମରେ ଆସିବ। ମୁଁ ସେହି କସ୍ତୁରୀ ନେଇଗଲି ଏବଂ ଦଶ ରତ୍ତି ରୋଗୀକୁ ଦେଇଦେଲି । ଗୋଟିଏ ଘଣ୍ଟା ପରେ ପୁଣି ଗଲି ଏବଂ କହିଲି, ହୁଜୁର୍ ! ରୋଗ ଆହୁରି ବୃଦ୍ଧି ପାଇଛି । ହୁଜୁର୍ ଅ.ସ କହିଲେ, 'ଏବେ ଦଶ ଭରି (ଗ୍ରାମ)କାଷ୍ଟର ଅଏଲ୍ (Castor oil ବା ଜଡ଼ା ତେଲ) ଦେଇଦିଅ । ହୁଜୁର୍ ଅ.ସ ବିଭିନ୍ନ ଔଷଧ ବଦଳାଉ ଥିଲେ । ମୁଁ ଆସି ଦଶ ଗ୍ରାମ (ml) ଜଡ଼ା ତେଲ ଦେଇଦେଲି । ଏହା ପରେ ତାଙ୍କୁ ବହୁତ ପ୍ରବଳ ବାନ୍ତି ହେଲା ଏବଂ ବାନ୍ତି ଏହି ରୋଗର ଶେଷ ପର୍ଯ୍ୟାୟ ହୋଇଥାଏ । ବାନ୍ତି ପରେ ତାଙ୍କର ଶ୍ୱାସକ୍ରିୟା ବିଗିଡ଼ିଗଲା, ବେକ ପଛକୁ ଟାଣି ହୋଇଗଲା, ଆଖି ସାମ୍ନାରେ ଅନ୍ଧାର ଖେଳିଗଲା ଏବଂ ପାଟି ବନ୍ଦ ହୋଇଗଲା । ମୁଁ ପୁଣି ଦୌଡ଼ିଯାଇ ଶିଡି ଚଢ଼ିଲି । ହୁଜୁର୍ ଅ.ସ ମୋ ଶବ୍ଦ ଶୁଣି କବାଟ ଖୋଲିଦେଲେ ଏବଂ କହିଲେ, ମହୋଦୟ ! କ'ଣ ସବୁ କୁଶଳ ମଙ୍ଗଳ ଅଛି ତ' ?' ମୁଁ କହିଲି, ହୁଜୁର୍! ଏବେ ତ' ଅବସ୍ଥା ଆହୁରି ସଙ୍କଟାପନ୍ନ ଓ ଜଟିଳ ହୋଇପଡ଼ିଛି । ଶ୍ୱାସକ୍ରିୟା ବିଗିଡ଼ି ଯାଇଛି, ବେକ ଟାଣି ହୋଇଯାଇଛି, ଏହା ମସ୍ତିଷ୍କ ଜ୍ୱର (Meningitis)ର ସ୍ଥିତି, ଆଖିରେ ଆଲୋକ ନାହିଁ, ପାଟି ବନ୍ଦ ହୋଇଯାଇଛି । ହ. ମସିହ୍ ମଉଦ୍ ଅ.ସ କହିଲେ, "ଦୁନିଆର ଯେତେ ଅସ୍ତ୍ର ଥିଲା ତାହା ତ' ଆମେ ଚଲାଇ ଦେଲୁ, ଏବେ ଗୋଟିଏ ଅସ୍ତ୍ର ବାକି ରହିଛି ଏବଂ ତାହା ହେଉଛି ଦୁଆ । ତୁମେ ଯାଅ, ମୁଁ ଦୁଆରୁ ସେତେବେଳେ ମୁଣ୍ଡ ଉଠାଇବି ଯେତେବେଳେ ତାଙ୍କୁ ଆରୋଗ୍ୟ ଲାଭ ମିଳିଯିବ। କି ସ୍ନେହ ଆପଣ ଅ.ସଙ୍କର ! "ସେ କୁହନ୍ତି, ମୁଁ ଏହା ଶୁଣି ଫେରି ଆସିଲି ଏବଂ ସ୍ତ୍ରୀଙ୍କୁ କହିଲି, ହେ ପତ୍ନି ! ଏବେ ତୋର କ'ଣ ଚିନ୍ତା (ଅର୍ଥାତ୍ ଏବେ ତୁ କାହିଁକି ଚିନ୍ତା କରୁଛୁ ?) ଏବେ ତ' ଠିକାଦାର ନିଜେ ଠିକା ନେଇଛନ୍ତି ।" ସେ କୁହନ୍ତି ଯେ, ସେତେବେଳେ ପ୍ରାୟ ରାତି ଦୁଇଟା ବାଜି ସାରିଥିଲା । ମୁଁ ଘରକୁ ଆସିଲି ଏବଂ ରୋଗୀଙ୍କୁ ସେହି ଅବସ୍ଥାରେ ଛାଡ଼ି ଅନ୍ୟ କୋଠରୀରେ ଖଟ ଉପରେ ଯାଇ ଶୋଇପଡ଼ିଲି । ହ. ମସିହ୍ ମଉଦ୍ ଅ.ସ କହିଛନ୍ତି ଯେ 'ମୁଁ ବର୍ତ୍ତମାନ ଦୁଆ କରିବି । ତେଣୁ ଚାଲ ମୋର ତ' ଏବେ କିଛି କାମ ନାହିଁ । ସେ କୁହନ୍ତି, ସକାଳେ କୌଣସି ବାସନର ଶବ୍ଦରେ ମୋ ଆଖି ଖୋଲିଗଲା । ଯେତେବେଳେ ମୁଁ ଦେଖିଲି, ମୋ ପାଦ ପଟେ ମୋ ସ୍ତ୍ରୀ କିଛି ବାସନ ସଜାଡୁ ଥିଲେ । ମୁଁ ପଚାରିଲି, କ'ଣ ହେଲା ? ସେ କହିଲେ: "ଆପଣ ତ' ଶୋଇଥିଲେ ଏବଂ ମୋତେ ଦୁଇ ଘଣ୍ଟା ପରେ ଅଲ୍ଲାଃତାଲା ଦୟା କଲେ । ଅଲ୍‌ହମ୍‌ଦୁଲିଲ୍ଲାଃ ରବ୍‌ବିଲ୍ ଆଲମୀନ୍ **(ସକଳ ପ୍ରଶଂସା ସମଗ୍ର ବିଶ୍ୱର ପାଳନକର୍ତ୍ତା ଅଲ୍ଲାଃଙ୍କ ପାଇଁ ଉଦ୍ଦିଷ୍ଟ) ।" (ରିୱାୟାତ୍ ଅସ୍‌ହାବେ ଅହମଦ, ଲେଖକ- କୁଦ୍‌ରତୁଲ୍ଲାଃ ସନୱରୀ ସାହେବ, ପୃଷ୍ଠା-170-172)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଉକ୍ତ ଘଟଣାରେ ବନ୍ଧୁମାନଙ୍କ ପାଇଁ କଷ୍ଟ ଏବଂ ଦାନ ଉଭୟର ସର୍ବୋଚ୍ଚ ମାନଦଣ୍ଡ ସଂପର୍କରେ ଜଣା ପଡ଼ିଥାଏ । ହ. ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, "କାଦିୟାନ୍‌ରେ ନିହାଲ୍ ସିଂହ ନାମକ ଜଣେ ବୋକା ଜଟ୍ (କୃଷକ) ଥିଲା । ନିଜ ଯୁବ ଦିନରେ ସେ କୌଣସି ସୈନ୍ୟବାହିନୀରେ ଚାକିରି କରୁଥିଲା ଏବଂ ପେନସନ୍ ପାଉଥିଲା । ତା'ର ଘର ଖାନ୍ ବାହାଦୁର ମିର୍ଜା ସୁଲତାନ୍ ଅହମଦ ସାହେବଙ୍କ ବୈଠକ ଘର ସହିତ ଲାଗିଥିଲା । ଏହ ବ୍ୟକ୍ତି ଜଣକ ଅର୍ଥାତ୍ ନିହାଲ୍ ସିଂହ ଜମାଆତ୍‌ର ବହୁତ ବଡ଼ ଶତ୍ରୁ ଥିଲା ଏବଂ ତା'ର ଆହ୍ୱାନ ଯୋଗୁଁ ହ. ହକୀମୁଲ୍ ଉମ୍ମତ୍ (ହ. ଖଲିଫା ନୁରୁଦ୍ଦୀନ୍ ସାହେବ ତଥା ଜମାଆତ୍‌ର ପ୍ରଥମ ଖଲିଫା ର.ଅ) ଏବଂ ଅନ୍ୟ କେତେକ ଅହମଦିଙ୍କ ଉପରେ ଏକ ବିପଜ୍ଜନକ ମିଥ୍ୟା ମାମଲା ଦାୟର ହୋଇଥିଲା, ଏବଂ ସେ ସର୍ବଦା ଅନ୍ୟ ଲୋକମାନଙ୍କ ସହ ମିଶି ଅହମଦିମାନଙ୍କୁ ହଇରାଣ କରୁଥିଲା ଆଉ ଗାଳି ଦେବା ତା'ର ନିତିଦିନିଆ ଅଭ୍ୟାସ ଥିଲା । ସେହି ଦିନମାନଙ୍କରେ ଯେତେବେଳେ ମକଦ୍ଦମା ଦାଏର୍ ହୋଇଥିଲା ସେତେବେଳେ ତା' ପୁତୁରା ସନ୍ତା ସିଂହଙ୍କ ପତ୍ନିଙ୍କ ପାଇଁ କସ୍ତୁରୀର ଆବଶ୍ୟକତା ପଡ଼ିଲା । ଅନ୍ୟ କୌଣସି ସ୍ଥାନରୁ କସ୍ତୁରୀ ମିଳିବା କେବଳ କଷ୍ଟକର ନଥିଲା ବରଂ ଏହା ବହୁତ ମୂଲ୍ୟବାନ୍ ଜିନିଷ ଥିଲା । ସେ ସେହି ଅବସ୍ଥାରେ ହ. ମସିହ୍ ମଉଦ୍ ଅ.ସ ଦ୍ୱାରକୁ ଗଲା ଏବଂ କସ୍ତୁରୀ ମାଗିଲା । ହ. ମସିହ୍ ମଉଦ୍ ଅ.ସ ତା'ର ଡାକ ଶୁଣି ତୁରନ୍ତ ବାହାରକୁ ଆସିଲେ ଏବଂ ତାକୁ ଟିକିଏ ହେଲେ ଅପେକ୍ଷା କରାଇଲେ ନାହିଁ । ତା'ର ନିବେଦନକୁ ଶୁଣିବା ମାତ୍ରେ ତୁରନ୍ତ ଭିତରକୁ ଗଲେ ଏବଂ କହିଲେ, ରୁହ, ମୁଁ ଏବେ ଆଣୁଛି । ତେଣୁ ଆପଣ ଅଧ ଗ୍ରାମ ପରିମାଣର କସ୍ତୁରୀ ଆଣି ତାକୁ ଦେଇ ଦେଲେ ।" **(ସିରତ୍ ମସିହ୍ ମଉଦ୍, ହ.**


**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Bhadrak (Odisha)

**ଶେଖ୍ ୟାକୁବ୍ ଅଲୀ ସାହେବ ର.ଅ, ଭାଗ-2, ପୃଷ୍ଠା- 295-296)(ଫିରୋଜୁଲ୍ ଲୁଗାତ୍, ପୃ-175)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ ର.ଅ ଏହା ଉଲ୍ଲେଖ କରନ୍ତି ଯେ, ଯେତେବେଳେ ଦେଶରେ ପ୍ଲେଗ୍ ବ୍ୟାପିଲା ସେତେବେଳେ ହ. ମସିହ୍ ମଉଦ୍ ଅ .ସ ଅଲ୍ଲାହ୍‌ତାଲାଙ୍କ ଦିବ୍ୟ ପ୍ରେରିତ ବାଣୀ (ୱହି) ଏବଂ ଜ୍ଞାନ ଅନୁଯାୟୀ ଏକ ଔଷଧ ତିଆରି କରିବା ଆରମ୍ଭ କଲେ, ଯାହାର ନାମ ଆପଣ ଅ.ସ 'ତ୍ରିୟାକେ ଇଲାହୀ' (ଦିବ୍ୟ ଆରୋଗ୍ୟକାରୀ) ରଖିଥିଲେ । ଏହି ଔଷଧର କୌଣସି ନିର୍ଦ୍ଦିଷ୍ଟ ପ୍ରଣାଳୀ (ଫର୍ମୁଲା) ନଥିଲା, ବରଂ ଯେପରି ଅଲ୍ଲାହ୍‌ତାଲାଙ୍କ ଗୁପ୍ତ ତଥା ଆଦୃଷ୍ଟ ୱହି (ଈଶ୍ୱରବାଣୀମୂଳକ) ନିର୍ଦ୍ଦେଶ ଦେଉଥିଲେ ଆପଣ ଅ.ସ ସେହିପରି ତାହାର ସାମଗ୍ରୀ ପ୍ରସ୍ତୁତ କରୁଥିଲେ ଏବଂ ଆୟୁର୍ବେଦ ଅର୍ଥାତ୍ ଚିକିତ୍ସା ଶାସ୍ତ୍ରର ସାଧାରଣ ନିୟମକୁ ମଧ୍ୟ ଆପଣ ଅ.ସ ଭ୍ରୂକ୍ଷେପ କରୁ ନଥିଲେ । ସାମଗ୍ରୀର ଓଜନ ଓ ମାପ ସେହି ଦିବ୍ୟ ଜ୍ଞାନ ଅନୁଯାୟୀ ହିଁ କରୁଥିଲେ । ଯେପରି ଆଦେଶ ମିଳୁଥିଲା ସେତିକି ହିଁ ଆପଣ ଅ.ସ ପକାଉଥିଲେ । ଉକ୍ତ ଔଷଧରେ ସହସ୍ର ସହସ୍ର (ହଜାର) ଟଙ୍କାର ରତ୍ନ ପକାଯାଇଥିଲା ଏବଂ ବହୁତ ମୂଲ୍ୟବାନ୍ ଔଷଧଗୁଡ଼ିକ ପକାଯାଇଥିଲା । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯେତେବେଳେ ଏହି ଔଷଧ ତିଆରି ହେଲା ସେତେବେଳେ ହୁଜୁର୍ ଅ.ସ ଅତ୍ୟନ୍ତ ଉଦାରତାର ସହିତ ଏହାକୁ ବାଣ୍ଟିଲେ ଏବଂ ଗୋଟିଏ କଣିକା (ଦାନା) ପାଇଁ ମଧ୍ୟ କାହାଠାରୁ ଟଙ୍କା ନେଲେ ନାହିଁ । (ଅର୍ଥାତ୍ ଆପଣ ଅ.ସ କାହା ଠାରୁ ଟଙ୍କାଟିଏ ମଧ୍ୟ ନେଲେ ନାହିଁ) କିଛି ନେଲେ ନାହିଁ ବରଂ ବାହାରୁ ମାଗୁଥିବା ଲୋକଙ୍କୁ ରେଜିଷ୍ଟ୍ରି ପାର୍ସଲର ଖର୍ଚ୍ଚ ମଧ୍ୟ ନିଜେ ବହନ କରି ଔଷଧ ପ୍ରେରଣ କରିଥିଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଡାକ୍ତର ସାଦିକ୍ ସାହେବ ଥରେ ବର୍ଣ୍ଣନା କଲେ ଯେ କୌଣସି ବ୍ୟକ୍ତି ଦୁଇ ତିନି ମାଶା (1 ଗ୍ରାମ୍ 0.972 ଗ୍ରାମ ହୋଇଥାଏ ତେଣୁ 3 ମାଶା କହିଲେ, 0.972×3=2.916 ଗ୍ରାମ୍) ତ୍ରିୟାକ୍ ମାଗିଥିଲା, ତେବେ ଆପଣ ତାକୁ ଅନେକ ପରିମାଣରେ ଡବାରେ ବନ୍ଦ କରି ରେଜିଷ୍ଟ୍ରି କରି ପଠାଇଦେଲେ । ୟାକୁବ୍ ଇର୍‌ଫାନୀ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, ମୁଁ ନିଜେ ନିବେଦନ କରିବାରୁ ଆପଣ ଅ.ସ ବିପୁଳ ପରିମାଣର ମୋତେ ପ୍ରଦାନ କଲେ । ତ୍ରିୟାକ୍ ସମ୍ପର୍କରେ ହିଁ ହୁଜୁର୍ ଅ.ସଙ୍କର ଏହି ଅଭ୍ୟାସ ନଥିଲା ବରଂ ଔଷଧଗୁଡ଼ିକ ସମ୍ପର୍କରେ ତ' ହୁଜୁର୍ ଅ.ସଙ୍କର ଆଦର୍ଶ ଏପରି ଥିଲା ଯେପିରିକି ଅନେକ ସମୟରେ ଆପଣ ଅ.ସ ସମ୍ପୂର୍ଣ୍ଣ ବୋତଲ୍ ହିଁ ଦେଇ ଦେଉଥିଲେ ଏବଂ ଆଉ କେତେକ ସମୟରେ ଆପଣ ଅତ୍ୟନ୍ତ ମୂଲ୍ୟବାନ୍ ଓ ଉଚ୍ଚମାନର କସ୍ତୁରୀ ନିଜର ଘୋର ଶତ୍ରୁମାନଙ୍କୁ ମଧ୍ୟ ଦେଇ ଦେଉଥିଲେ । ଉକ୍ତ ଘଟଣା ସଂପର୍କରେ ପୂର୍ବେ ମଧ୍ୟ ଉଲ୍ଲେଖ କରାଯାଇ ସାରିଛି । **(ସିରତ୍ ମସିହ୍ ମଉଦ୍, ହ. ଶେଖ୍ ୟାକୁବ୍ ଅଲୀ ସାହେବ ର.ଅ, ଭାଗ-2, ପୃଷ୍ଠା-309-310ରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଶେଖ୍ ମୁହମ୍ମଦ ନସୀବ୍ ସାହେବ ର.ଅ ବର୍ଣ୍ଣନା କରନ୍ତି: "ଥରେ ଆମକୁ କସ୍ତୁରୀର ଆବଶ୍ୟକତା ପଡ଼ିଲା । କାଦିୟାନ୍‌ରେ ସେହି ଦିନମାନଙ୍କରେ କସ୍ତୁରୀ ମିଳିବା ଅସମ୍ଭବ ଥିଲା । ଯେତେବେଳେ ହୁଜୁର୍ ଅ.ସଙ୍କ ସେବାରେ ମୁଁ ନିବେଦନ କଲି ସେତେବେଳେ ହୁଜୁର୍ ଅ.ସ ଆବଶ୍ୟକତା ଠାରୁ ଅଧିକ ମୋତେ ପ୍ରଦାନ କଲେ । **(ରିୱାୟାତ୍ ଅସହାବେ ଅହମଦ, ଗ୍ରନ୍ଥଖଣ୍ଡ-5, ପୃଷ୍ଠା-446)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମୁନ୍‌ଶୀ ଜଫର୍ ଅହମଦ ସାହେବ କପୁରଥଲ୍ୱୀ ର.ଅ ବର୍ଣ୍ଣନା କରନ୍ତି: "ଜଣେ ବନ୍ଧୁ ବହୁତ ପରିଶ୍ରମ, ଚେଷ୍ଟା ଓ ବହୁତ ଟଙ୍କା ଖର୍ଚ୍ଚ କରି କୌଣସି ବ୍ୟକ୍ତିଙ୍କ ଠାରୁ ଗୋଟିଏ କୁଷ୍ଟା (ଭସ୍ମ)ର ପ୍ରଣାଳୀ ପଥ୍ୟ ପାଇଲେ ଏବଂ ଭସ୍ମ ତିଆରି କରି ହୁଜୁର୍ ଅ.ସଙ୍କ ସେବାରେ ଉପସ୍ଥାପିତ କଲେ ଏବଂ ଆଉ ଏକ ପଥ୍ୟ (ଫର୍ମୁଲା) ମଧ୍ୟ ଦେଇଦେଲେ। ଅନ୍ୟ ଜଣେ ବନ୍ଧୁ ମୋତେ କହିଲେ ଯେ ସେହି ପଥ୍ୟ ମିଳିବା ଦରକାର । କିନ୍ତୁ ସେହି ବନ୍ଧୁ କାହାକୁ କହୁ ନଥିଲେ । ମୁଁ ହୁଜର୍ ଅ.ସଙ୍କ ସେବାରେ ଉପସ୍ଥିତି ହୋଇ ନିବେଦନ କଲି ଯେ, ହୁଜୁର୍ ! ଅମକ ବନ୍ଧୁ ହୁଜୁର୍ ଅ.ସଙ୍କୁ ଭସ୍ମ ଦେଇଛନ୍ତି ।' ଆପଣ ଅ.ସ କହିଲେ, ହେଇ ସେଠାରେ 'ସେହି ଶିଶିଟି (ଛୋଟ ବୋତଲଟି) ପଡ଼ିଛି ତାହାକୁ ନେଇନିଅ । ମୁଁ କହିଲି, ହୁଜୁର୍ ! ତାହାର ପଥ୍ୟ? ହୁଜୁର୍ ଅ.ସ କହିଲେ, ତାହା ମଧ୍ୟ ସେଠାରେ ପଡ଼ିଛି । ତେଣୁ ସେହି ଭସ୍ମ ସହ ପଥ୍ୟ ମୁଁ ନେଇ ଆସିଲି ଏବଂ ସେହି ବନ୍ଧୁଙ୍କୁ ଦେଖାଇ କହିଲି ଯେ, ହେ ବନ୍ଧୁ ! ଦେଖ ! ତୁମେ କହୁ ନଥିଲ । ମୁଁ ହେଇ ନେଇଆସିଲି, ଏହା ସେହି ଜିନିଷ ଅଟେ। ସେ ହୁଜୁର୍ ଅ.ସଙ୍କ ସେବାରେ ଯାଇ କହିଲେ, ହୁଜୁର୍ ! ଆପଣ ଅ.ସ ସେହି ପଥ୍ୟ ତାକୁ ଦେଇ ଦେଇଛନ୍ତି ? ପ୍ରତ୍ୟୁତ୍ତରରେ ହୁଜୁର୍ ଅ.ସ କହିଲେ, ସେ ମୋ ଠାରୁ ନେଇଯାଇଛି। ସେ ମାଗିବାକୁ ଆସିଥିଲା ତେଣୁ ମୁଁ ତାକୁ ଦେଇଦେଲି । ପରେ ହୁଜୁର୍ ଅ.ସ ମୋତେ ଏହା ମଧ୍ୟ କହିଲେ ଯେ, 'ମିର୍ଜା ସାହେବ (ଅର୍ଥାତ୍ ହୁଜୁର୍‌ଙ୍କ ସ୍ୱର୍ଗୀୟ ପିତାଙ୍କ) ନୋଟବୁକ୍ ମୋ ପାଖରେ ଅଛି, ତୁମକୁ ପଥ୍ୟ ଦରକାର ନା, ତେବେ ମୋ ପିତାଙ୍କ ନୋଟବୁକ୍ ମୁଁ ତୁମକୁ ଦେଇ ଦେଉଛି, ସେଥିରେ ବହୁତ ଉତ୍କୃଷ୍ଟ ପଥ୍ୟ ସଂପର୍କରେ ଉଲ୍ଲେଖ ରହିଛି, ତାହା ମଧ୍ୟ ତୁମେ ନେଇ ଯାଅ । ଯଦିଓ ହୁଜୁର୍ ମୋତେ ନୋଟବୁକ୍ ଦେବାକୁ ଚାହୁଁଥିଲେ କିନ୍ତୁ ପରେ ମୋତେ ସେହି ନୋଟବୁକ୍ ନେବାର ଆଉ ମନେ ରହିଲା ନାହିଁ ।"

**(ଅସହାବେ ଅହମଦ୍, ଗ୍ରନ୍ଥଖଣ୍ଡ-4, ପୃଷ୍ଠା-214-215)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁଫ୍‌ତୀ ମୁହମ୍ମଦ ସାଦିକ୍ ସାହେବ ର.ଅ ନିଜର ଏକ ଚିଠିରେ ହ. ମସିହ୍ ମଉଦ୍ ଅ.ସ ସେବାରେ ଉଲ୍ଲେଖ କରନ୍ତି: "ହୁଜୁର୍ ! ମୋ ପତ୍ନି ଗର୍ଭବତୀ ହେବା ଯୋଗୁଁ କିଛି କାଳ ହେବ ମୋ ଘରେ ଏପରି ସମସ୍ୟା ଉତ୍ପନ୍ନ ହୋଇଛି ଯେ ଘରେ ଖାଦ୍ୟ ତିଆରି ହୋଇପାରୁ ନାହିଁ । ରୁଟି ତନ୍ଦୁରରୁ ରନ୍ଧା ଯାଉଛି । କିନ୍ତୁ ହାଣ୍ଡି ଅର୍ଥାତ୍ ତରକାରୀ ପାଇଁ କଷ୍ଟ ହେଉଛି । ତେଣୁ ମୁଁ ନିବେଦନ କରୁଛି ଯେ, ହୁଜୁର୍ ! କିଛି କାଳ ପାଇଁ ଲଙ୍ଗର (ସାମୂହିକ ରୋଷେଇ ଘର)ରୁ ମୋ ପାଇଁ ତରକାରୀ ବ୍ୟବସ୍ଥା କରି ଦିଆଯାଉ ।" ଏହାର ଉତ୍ତରରେ ହୁଜର୍ ଅ.ସ ଲଙ୍ଗରର ଦାୟିତ୍ୱରେ ଯେଉଁ ବ୍ୟକ୍ତି ଥିଲେ ଅର୍ଥାତ୍ ମିଆଁ ନଜ୍‌ମୁଦ୍ଦୀନ୍ ସାହେବ ର.ଅଙ୍କୁ ଲେଖି ନିର୍ଦ୍ଦେଶ ଦେଲେ ଯେ, ମୁଫ୍‌ତୀ ସାହେବଙ୍କୁ ଦୁଇ ଓଳି ଲଙ୍ଗରରୁ ଉତ୍କୃଷ୍ଟ ତରକାରୀ ଦିଆଯାଉ ଏବଂ ଏହା ମୋର (ହୁଜୁର୍ ଅ.ସଙ୍କର) ତାଗିଦ୍ ଅଟେ । **(ଜିକ୍ରେ ହବୀବ୍, ପୃଷ୍ଠା-281ରୁ ଉଦ୍ଧୃତ)**

ହୁଜୁର୍ ଅନୱର୍ ଅ.ବ କହିଲେ, ହ. ମୁହମ୍ମଦ ଇସ୍‌ମାଇଲ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ଥରେ ହ. ମସିହ୍ ମଉଦ୍ ଅ.ସ ନସୀବୈନ୍‌କୁ ଏକ ପ୍ରତିନିଧି ଦଳ ପଠାଇବାକୁ ସ୍ଥିର କଲେ, ହ. ଈଶା ଅ.ସଙ୍କ ବିଷୟରେ ତଥ୍ୟ ସଂଗ୍ରହ କରାଯାଉ । ତହିଁରେ ମିର୍ଜା ଖୁଦା ବଖ୍‌ଶ ସାହେବ ଏବଂ ମୌଲବୀ କୁତୁବୁଦ୍ଦିନ୍ ସାହେବ ର.ଅ ଥିଲେ ଏବଂ ତୃତୀୟ ସଦସ୍ୟ (ସେ କୁହନ୍ତି) ଯେ, ମୋ ପିତା ମିଆଁ ଜମାଲୁଦ୍ଦିନ୍ ସାହେବ ଥିଲେ । ଗୁଳା (ନିର୍ବାଚନ) ଦ୍ୱାରା ଏମାନେ ସମସ୍ତେ ମନୋନୀତ ହୋଇଥିଲେ। ହୁଜୁର୍ ଅ.ସ ପୋଷାକ ଆଦି ପ୍ରସ୍ତୁତ କରିବା ପାଇଁ ତିନି ଜଣଙ୍କୁ ପଚାଶ ପଚାଶ ଟଙ୍କା ଦେଲେ ଏବଂ ପରେ ହୁଜୁର୍ ର.ଅ ଏକ ବିଦାୟୀ ସଭା କଲେ । କେତେକ କାରଣରୁ ପରେ ଏହି ପ୍ରତିନିଧି ଦଳ ଯିବାକୁ ଅଟକାଇ ଦିଆଗଲା । ଯେତେବେଳେ ପ୍ରତିନିଧି ଦଳର ପ୍ରସ୍ଥାନ ସ୍ଥଗିତ ହୋଇଗଲା ସେତେବେଳେ ସେ କହନ୍ତି ଯେ, ମୋ ପିତାଶ୍ରୀ ମୋତେ ପଚାଶ ଟଙ୍କା ହୁଜୁର୍ ଅ.ସଙ୍କ ସେବାରେ ଫେରସ୍ତ କଲେ । ହୁଜୁର୍ ଅ.ସ କହିଲେ:"ମୁଁ ଯାହାକୁ କୌଣସି ଜିନିଷ ଦେଇ ଦିଏ ସେତେବେଳେ ତାହାକୁ ମୁଁ ଫେରସ୍ତ ନିଏ ନାହିଁ ।" ଯେତେବେଳେ ପିତାଶ୍ରୀ ଘରକୁ ଫେରିଲେ ସେତେବେଳେ କୁହନ୍ତି, ଏହି ଘଟଣା ସେ ମୋତେ ଶୁଣାଇଲେ । **(ରିୱାୟାତ୍ ଅସହାବେ ଅହମଦ, ଭାଗ-2, ପୃଷ୍ଠା-140)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମଲିକ୍ ଗୁଲାମ୍ ହୁସୈନ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, 1894 କିମ୍ବା 1895ରେ ବାର୍ଷିକ ଧର୍ମ ସମ୍ମିଳନୀ (ଜଲ୍‌ସା ସାଲାନା)ର କଥା ହେବ ହୁସ୍ସାମୁଦ୍ଦୀନ୍ ସାହେବ ସିଆଲ୍‌କୋଟୀ ଖାଦ୍ୟ ରାନ୍ଧିବା ଓ ଖାଇବାର ବହୁତ ସୌଖୀନ୍ ଥିଲେ । ସେହି ସମୟରେ ସେ ଜଲ୍‌ସାକୁ ଆସିଥିଲେ । ସେ ହ. ସାହେବ ଅ.ସଙ୍କ ସେବାରେ 'ଶବ୍‌ଦେଗ୍' (ଏକ ପ୍ରକାରର ପାରମ୍ପରିକ ଖାଦ୍ୟ)ର ବହୁତ ପ୍ରଶଂସା କଲେ । ସେ କହିଲେ, ହୁଜୁର୍ ! ଶବ୍‌ଦେଗ୍ ବହୁତ ସ୍ୱାଦିଷ୍ଟ ହୋଇଥାଏ । ଶବ୍‌ଦେଗ୍‌ରେ ବିଭିନ୍ନ ପ୍ରକାରର ମାଂସ ମଧ୍ୟ ଥାଏ ଏବଂ ସେଥିରେ ବିଭିନ୍ନ ପ୍ରକାରର ଫଳ ଓ ପନି ପରିବା ଆଦି ମଧ୍ୟ ପକାଯାଏ, ଆଉ ସାରା ରାତି ରନ୍ଧାଯାଏ (ଘାଣ୍ଟ) । ହୁଜୁର୍ ଅ.ସ ମୋତେ ଡାକିଲେ ଏବଂ କହିଲେ, "ଶାହ୍ ସାହେବ ଯାହା ପସନ୍ଦ କରୁଛନ୍ତି ଏବଂ ଯେତେ ସାମଗ୍ରୀ ଚାହୁଁଛନ୍ତି, ତାଙ୍କ ପାଇଁ ବ୍ୟବସ୍ଥା କରାଯାଉ ।" ତେଣୁ ମାଂସ ତ' ଏଠାରେ ମିଳି ଯାଉଥିଲା, ଏଠାରୁ ନିଆଗଲା ଏବଂ ଓଲକୋବି (ଶଲଜମ୍) ବଟାଲାରୁ ମଗାଗଲା। ସନ୍ଧ୍ୟା ବେଳକୁ ପ୍ରାୟ 4ଟି ଦେଗିଚି ଚୁଲିରେ ବସିଲା ଏବଂ ଚାଉଳ ମଧ୍ୟ ସେଠାକାର ପ୍ରସିଦ୍ଧ ଦୋକାନରୁ ଦୁଇ ଅଢ଼େଇ ମଣ (ସେର) ଭଲ ଚାଉଳ ନିଆଗଲା । ଆଉ ସକାଳେ ଅତିଥିମାନଙ୍କୁ ସୈୟଦ ହୁସ୍ସାମୁଦ୍ଦୀନ୍ ସାହେବଙ୍କ ଇଚ୍ଛା ଅନୁସାରେ ଖାଦ୍ୟ ଖୁଆଇ ଦିଆଗଲା ।

**(ରିୱାୟାତ୍ ଅସହାବେ ଅହମଦ, ଭାଗ-4, ପୃଷ୍ଠା-30)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ମୁନ୍‌ସୀ ଜଫର୍ ଅହମଦ ସାହେବ ର.ଅ ମୋତେ ଉଲ୍ଲେଖ କରି କୁହନ୍ତି ଯେ, ଥରେ ଜଲ୍‌ସା ସାଲାନା ଅବସରରେ ଖର୍ଚ୍ଚ (ଟଙ୍କା ନଥିଲା) ରହିଲା ନାହିଁ । ସେହି ଦିନ ମାନଙ୍କରେ ଜଲ୍‌ସା ସାଲାନା ପାଇଁ ଚାନ୍ଦା ଆଦାୟ ହେଉ ନଥିଲା । ଅର୍ଥାତ୍ ନିୟମିତ ଚାନ୍ଦାର ବ୍ୟବସ୍ଥା ନଥିଲା । ହ. ମସିହ୍ ମଉଦ୍ ଅ.ସ ନିଜ ପାଖରୁ ହିଁ ଅର୍ଥ ଖର୍ଚ୍ଚ କରୁଥିଲେ। ମୀର୍ ନାସିର୍ ନୱାବ୍ ସାହେବ (ସ୍ୱର୍ଗତ) ର.ଅ, ଯିଏ ଲଙ୍ଗରର ଦାୟିତ୍ୱରେ (ନିରୀକ୍ଷକ ଏବଂ ପରିଚାଳକ) ଥିଲେ, ସେ ଆସି କହିଲେ, ହୁଜୁର୍ ! ରାତିରେ ଅତିଥିମାନଙ୍କ ପାଇଁ କୌଣସି ସାମଗ୍ରୀ ନାହିଁ, ଅର୍ଥାତ୍ ଟଙ୍କା ଶେଷ ହୋଇଯାଇଛି, ଖାଦ୍ୟ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid,
Jamat Ahmadiya Karadapalli (Odisha)

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"**

ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ଶସ୍ୟ ଶେଷ ହୋଇଯାଇଛି । ଏବେ ଅତିଥିମାନଙ୍କ ପାଇଁ ଖାଇବା ପାଇଁ କୌଣସି ଖାଦ୍ୟ ସାମଗ୍ରୀ ନାହିଁ। ଆପଣ ଅ.ସ କହିଲେ,"ପତ୍ନି ମହୋଦୟାଙ୍କ ଠାରୁ କୌଣସି ଅଳଙ୍କାର ନିଅ ଅର୍ଥାତ୍ ହ. ଅମ୍ମା ଜାନ୍ ର.ଅଙ୍କ ଠାରୁ ଅଳଙ୍କାର ନିଅ ଯାହା ଯଥେଷ୍ଟ (ଉଚିତ୍ ଓ ପ୍ରାପ୍ୟ ମିଳି ପାରିବ) ହୋଇପାରିବ, ତାହା ବିକ୍ରି କରି ସାମଗ୍ରୀ ଯୋଗାଡ଼ କର ।" ତେଣୁ ଅଳଙ୍କାର ବିକ୍ରି କରାଗଲା କିମ୍ବା ବନ୍ଧକ ରଖି ମୀର୍ ସାହେବ ର.ଅ ଟଙ୍କା ଆଣିଲେ ଏବଂ ଅତିଥିମାନଙ୍କ ପାଇଁ ଖାଦ୍ୟ ସାମଗ୍ରୀ ବ୍ୟବସ୍ଥା କଲେ । ଦୁଇ ଦିନ ପରେ ପୁଣି କୁହନ୍ତି ଯେ, ମୀର୍ ସାହେବ ର.ଅ ରାତି ସମୟରେ ମୋ ଉପସ୍ଥିତିରେ କହିଲେ ଯେ, ହୁଜୁର୍ ! କାଲି ପାଇଁ ପୁଣି କିଛି ନାହିଁ । ଦୁଇ ଦିନ ତ' ବିତିଗଲା । ଏହି ଅଳଙ୍କାର ବିକିବା ବ୍ୟତୀତ ଏବେ ଆଉ କ'ଣ କରିବା ? ଆପଣ ଅ.ସ କହିଲେ, ମହୋଦୟ ! ମୁଁ ବାହ୍ୟ ସାଧନ ଆଧାରରେ ବ୍ୟବସ୍ଥା କରି ଦେଇଥିଲି । ଯାହା ମୋ ପାଖରେ ଥିଲା ମୁଁ ଦେଇଦେଲି। ବର୍ତ୍ତମାନ ମୋର ବ୍ୟବସ୍ଥା କରିବାର ଆଉ ଆବଶ୍ୟକତା ନାହିଁ ଏମାନେ ଯାହାଙ୍କର ଅତିଥି ଅଟନ୍ତି ଅର୍ଥାତ୍ ଅଲ୍ଲାଃତାଲାଙ୍କ ସକାଶେ ଆସିଥିବା ଏହି ଲୋକମାନେ ଅଲ୍ଲାଃଙ୍କ ଅତିଥି ଅଟନ୍ତି । ତେଣୁ ସେ ଅର୍ଥାତ୍ ଅଲ୍ଲାଃତାଲା ସ୍ୱୟଂ ଏମାନଙ୍କର ବ୍ୟବସ୍ଥା କରିବେ ।" ମହୋଦୟ କୁହନ୍ତି ଯେ, ପରଦିନ ସକାଳ ଆଠ କିମ୍ବା ନଅଟା ସମୟରେ ଯେତେବେଳେ ଡାକ ପିଅନ ଆସିଲା, ହୁଜୁର୍ ଅ.ସ ମୀର୍ ସାହେବ ର.ଅଙ୍କୁ ଏବଂ ମୋତେ ଡକାଇଲେ ଏବଂ ଡାକପିଅନ ହାତରେ ଦଶ ପନ୍ଦରଟି ମନିଅର୍ଡର ଥିଲା ଯାହା ବିଭିନ୍ନ ସ୍ଥାନରୁ ଆସିଥିଲା । ଶହେ ଶହେ, ପଚାଶ ପଚାଶ ଟଙ୍କାର ଏବଂ ସେଥିରେ ଲେଖାଥିଲା ଯେ 'ଆମେ ଉପସ୍ଥିତ ହେବାରେ ଅସମର୍ଥ ଅଟୁ ତେଣୁ ଅତିଥିମାନଙ୍କ ଖର୍ଚ୍ଚ ପାଇଁ ଏହି ଟଙ୍କା ଆମେ ପଠାଇ ଦେଉଛୁ । ଆପଣ ଅ.ସ ତାହା ଗ୍ରହଣ କରି ଈଶ୍ୱର ବିଶ୍ୱାସ (ତୱକ୍କୁଲ୍ ଅଲଲ୍ଲାଃ) ଉପରେ ବକ୍ତବ୍ୟ ଦେଲେ । ସେ (ହ. ମୀର୍ଜା ବଶୀର୍ ଅହମଦ୍ ସାହେବ ର.ଅ) କୁହନ୍ତି, ସେହି ସମୟରେ ଆହୁରି କେତେଜଣ ଲୋକ ସେଠାରେ ଉପସ୍ଥିତ ଥିଲେ । ସେଠାରେ ଆପଣ ଅ.ସ କହିଲେ, ଯେପରି ଜଣେ ଦୁନିଆଦାର୍ (ସାଂସାରିକ) ବ୍ୟକ୍ତିଙ୍କୁ ନିଜ ସିନ୍ଦୁକରେ ରଖାଯାଇଥିବା ଟଙ୍କା ଉପରେ ଭରସା ଥାଏ ଯେ, ସେ ଯେତେବେଳେ ଚାହିଁବି ସେତେବେଳେ ସେହି ସିନ୍ଦୁକରୁ ଟଙ୍କା କାଢ଼ି ନେବି, ତାହାଠାରୁ ଅଧିକ ଭରସା ସେହି ଲୋକମାନଙ୍କୁ ଥାଏ ଯେଉଁମାନଙ୍କର ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ଥାଏ। ତେଣୁ ଏପରି ହିଁ ହୋଇଥାଏ ଯେ ଯେତେବେଳେ ଅର୍ଥର ଆବଶ୍ୟକତା ପଡ଼ିଥାଏ ସେତେବେଳେ ତୁରନ୍ତ ଈଶ୍ୱର ପଠାଇ ଦିଅନ୍ତି । **(ସିରତୁଲ୍, ମହଦୀ, ଭାଗ-2, ଗ୍ରନ୍ଥଖଣ୍ଡ-4, ପୃଷ୍ଠା-97-98, ବର୍ଣ୍ଣନା ସଂଖ୍ୟା-1124)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଆପଣ ଅ.ସ ଯେତେବେଳେ ବି କହିଛନ୍ତି ଯେ, ଅଲ୍ଲାଃତାଲାଙ୍କ ଅତିଥି ଅଟନ୍ତି ଅଲ୍ଲାଃତାଲାଙ୍କ ସକାଶେ ଏହି ଅତିଥିମାନେ ଏଠାକୁ ଆସିଛନ୍ତି । ତେବେ ଆପଣ ଅ.ସ ଅବଶ୍ୟ ଦୁଆ ମଧ୍ୟ କରିଥିବେ ଏବଂ ଅଲ୍ଲାଃତାଲାଙ୍କ ଉପରେ ଆପଣ ଅ.ସଙ୍କର ତୱକ୍କୁଲ୍ (ଅଗାଧ ତଥା ପୂର୍ଣ୍ଣ ବିଶ୍ୱାସ) ମଧ୍ୟ ରହିଥିଲା । ତେଣୁ ଅଲ୍ଲାଃତାଲା ପୁନଃ ବ୍ୟବସ୍ଥା ମଧ୍ୟ କରିଦେଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମିଆଁ ରହମତୁଲ୍ଲା ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ: "ହୁଜୁର୍ ଅ.ସ କହୁଥିଲେ ଯେ, ଦୁର୍ଭିକ୍ଷ ଏବଂ ମହାମାରୀ ଏକତ୍ରିତ ହେଉଛି, ତଥାପି ଲୋକମାନେ ତୌବା (ଅନୁତାପ ଏବଂ କ୍ଷମାଯାଚନା) କରୁ ନାହାନ୍ତି । ତେଣୁ ସେମାନେ ଭୋକ ଉପାସ ଏବଂ ଅନାହାରର ମୃତ୍ୟୁବଣ କରୁଛନ୍ତି । ତା'ର ତିନି ବର୍ଷ ପରେ କଠୋର ପ୍ଲେଗ୍ ରୋଗ ଦେଶରେ ବ୍ୟାପିଗଲା । ଦୁର୍ଭିକ୍ଷ ଦିନମାନଙ୍କରେ ହୁଜୁର୍ ଅ.ସ କହୁଥିଲେ ଯେ ହଦୀସ୍‌ଗୁଡ଼ିକରେ ଏହାର ଉଲ୍ଲେଖ ରହିଛି ଯେ, ମସିହ୍‌ଙ୍କ ସମୟରେ ଭୟଙ୍କର ଦୁର୍ଭିକ୍ଷ ପଡ଼ିବ । ଆଁହ. ସ.ଅଙ୍କ କଥା ଏବଂ ଅଲ୍ଲାଃତାଲାଙ୍କ ପ୍ରତିଶ୍ରୁତି ପୂରଣ ହେଲା ଏବଂ ଅନ୍ୟପଟେ ହୁଜୁର୍ ଅ.ସ ମୌଲବୀ ସାହେବ ଖଲିଫା ଅୱଲ୍ ର.ଅଙ୍କୁ ଆଦେଶ ଦେଲେ ଯେ, ଶସ୍ୟ ଯେତେ ସମ୍ଭବ ଯୋଗାଡ଼ (ବ୍ୟବସ୍ଥା) କରାଯାଉ । ଲଙ୍ଗରର ବ୍ୟବସ୍ଥା ସେହି ସମୟରେ ହୁଜୁର ଅ.ସଙ୍କ ହାତରେ ଥିଲା ।" ନିଜେ ହ. ମସିହ୍ ମଉଦ୍ ଅ.ସ ବ୍ୟବସ୍ଥା ନିଜ ହାତରେ ରଖିଥିଲେ । ଦୁର୍ଭିକ୍ଷର ଆଶଙ୍କା ରହିଥିଲା, ଭୟ ଥିଲା । ତେଣୁ ଆପଣ ଅ.ସ କହିଲେ, ଖାଦ୍ୟଶସ୍ୟ ଇତ୍ୟାଦିର ବ୍ୟବସ୍ଥା ପୂର୍ବରୁ ହିଁ କର । ଆପଣ ଅ.ସ ହ. ଖଲିଫା ଅୱଲ୍ ର.ଅଙ୍କୁ ଏହି ଦାୟିତ୍ୱ ଦେଲେ ଯେ, ମୌଲବୀ ସାହେବ ତୁରନ୍ତ ଖାଦ୍ୟଶସ୍ୟ କିଣି ନିଅନ୍ତୁ । ହୁଜୁର୍ ଅ.ସ ମୌଲବୀ ସାହେବଙ୍କୁ ଆଦେଶ ଦେଲେ ଏବଂ ହୁଜୁର୍ ଅ.ସଙ୍କ ଆଦେଶରେ ମୌଲବୀ ସାହେବ ର.ଅ ତିରିଶ ବସ୍ତା ଖାଦ୍ୟଶସ୍ୟ ଲଙ୍ଗରଖାନା ପାଇଁ ମୋ ଠାରୁ କିଣି ନେଲେ । ଚାନ୍ଦାର ଅଭାବ ଥିଲା ଏବଂ ଯେତେ ଅଳଙ୍କାର ଘରେ ଥିଲା ସବୁ ବିକ୍ରି କରି ଦିଆଗଲା ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା । ସାତ ଶହ ଟଙ୍କା ଗହମ କିଣିବା ପାଇଁ ମୌଲବୀ ସାହେବଙ୍କୁ ଦିଆଗଲା ସାତ ଶହ ଟଙ୍କା ସେହି ସମୟରେ ବହୁତ ବଡ଼ ଅର୍ଥରାଶି ଥିଲା । ହ. ମୌଲବୀ ସାହେବ ମିଆଁ ନଜ୍‌ମୁଦ୍ଦୀନ୍ ସାହେବ (ସ୍ୱର୍ଗତ)ଙ୍କୁ ଗହମ କିଣିବା ପାଇଁ ଗାଁକୁ ପଠାଇଲେ । କୁହନ୍ତି ଯେ, ତାଙ୍କ "ସାଙ୍ଗରେ ମିର୍ଜା ଇସ୍‌ମାଇଲ୍ ସାହେବ ମଧ୍ୟ ଗଲେ । ଶସ୍ୟ ନିଆଗଲା (କିଣାଗଲା) । ବିକାନେରରୁ (ଭାରତର ରାଜସ୍ଥାନ ରାଜ୍ୟର ଏକ ଅଞ୍ଚଳ) ଉଜୁଡ଼ି ଯାଇଥିଲା ତେଣୁ ଲୋକମାନେ ସେଠାରୁ ଆମ ରାଜ୍ୟକୁ ଚାଲି ଆସିଲେ । ସେଠାରେ ଭୟଙ୍କର ଦୁର୍ଭିକ୍ଷ ପଡ଼ିଥିଲା । ସେଠାରୁ ଲୋକମାନେ ଆସିଲେ ଏବଂ ରୁଟି ରୁଟିର ଶବ୍ଦ ଚତୁର୍ଦ୍ଦିଗରୁ ଶୁଭୁଥିଲା । ହୁଜୁର୍ ଅ.ସ ଆଦେଶ ଦେଲେ ଯେ ଲଙ୍ଗରରେ ସବୁ ସମୟରେ ଅଟା ଚକଟା ହୋଇଥିବା ଉଚିତ୍ ଏବଂ ରୁଟି ତିଆରି ହେଉଥାଉ । ହୁଜୁର୍ ଅ.ସ ମିଆଁ ନଜ୍‌ମୁଦ୍ଦୀନ୍ ସାହେବଙ୍କୁ କହିଲେ, ଯେ ରୁଟି ମାଗୁଥିବା ଲୋକଙ୍କୁ ରୁଟି ଦିଆଯାଉ ଏବଂ କେହି ବି ଖାଲି ହାତରେ ନ ଯାଉ (ନଫେରୁ) । ଯାହା କିଣାଯାଇଥିଲା ଶସ୍ୟ ପଦାର୍ଥ ଅର୍ଥାତ୍ ତାହା କିଛି ଦିନ ମଧ୍ୟରେ ହିଁ ଶେଷ ହୋଇଗଲା । ପରେ ହୁଜୁର୍ ଅ.ସ ଉଦବୋଧନ ଦେଲେ ଯାହାର ଶବ୍ଦଗୁଡ଼ିକ ଏହିପରି ଥିଲା ଯେ, 'ଏହା ସାମୟିକ କଥା, ସର୍ବଦା ନା ଏପରି ତ୍ୟାଗ କରିବାକୁ ପଡ଼ିଥାଏ, ନା ଏପରି ପୁରସ୍କାର ମିଳିଥାଏ । ଏହା ବିଶ୍ୱାସକାରୀମାନଙ୍କ ପାଇଁ ବିଶେଷ ଦିନ । ଅଲ୍ଲାଃତାଲାଙ୍କ ସନ୍ତୁଷ୍ଟତା ପ୍ରାପ୍ତ ପାଇଁ ଅଲ୍ଲାଃତାଲା ବନ୍ଧୁମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଉକ୍ତ ଅଭିଭାଷଣ ଯୋଗୁଁ କିଛି ଟଙ୍କା ଏକତ୍ରିତ ହୋଇଗଲା ଏବଂ କିଛି ବାହାରୁ ଆସିଲା ଓ ଆଉ ଶସ୍ୟ କିଣାଗଲା । ମୋଟାମୋଟି ଭାବରେ ଏହିପରି ଏହି ପ୍ରକ୍ରିୟା ଦୁର୍ଭିକ୍ଷ ଦିନଗୁଡ଼ିକରେ ଜାରି ରହିଲା । ଯେଉଁ ଲୋକମାନେ ଆସୁଥିଲେ ଅର୍ଥାତ୍ ଦୁର୍ଭିକ୍ଷ ପ୍ରପୀଡ଼ିତ ଲୋକମାନେ, ସେମାନଙ୍କୁ ତୁରନ୍ତ ଖାଦ୍ୟ ଯୋଗାଇ ଦିଆଯାଉଥିଲା। ହୁଜୁର୍ ଅ.ସ କହୁଥିଲେ, ଯେ ମୁଁ ଅମକ ଖବରକାଗଜରେ ଦେଖିଲି ଯେ, କୌଣସି ଦେଶରେ ଏତେ ସଂଖ୍ୟକ ଶିଶୁ ଭୋକରେ (ଅନାହରରେ) ମୃତ୍ୟୁବରଣ କଲେ ଏବଂ ଏତେ ଲୋକ ମୃତ୍ୟୁବରଣ କଲେ । ଶସ୍ୟ ମିଳୁ ନାହିଁ । ହୁଜୁର୍ ଅ.ସ କହିଲେ, ଏହା ଅଲ୍ଲାଃତାଲାଙ୍କର ସ୍ୱତନ୍ତ୍ର କ୍ରୋଧ ଯେ, ଶସ୍ୟ ମଧ୍ୟ ମିଳୁ ନାହିଁ ଏବଂ ବାରମ୍ବାର ଉଲ୍ଲେଖ କରୁଥିଲେ ଯେ, ଅଲ୍ଲାଃତାଲା ଦୟା କରନ୍ତୁ ଏବଂ ଅତ୍ୟନ୍ତ ଚିନ୍ତାର ସହିତ ଆପଣ ଅ.ସ ମିଆଁ ନଜ୍‌ମୁଦ୍ଦୀନ୍ ସାହେବଙ୍କୁ ପଚାରୁଥିଲେ ଓ ମୌଲବୀ ସାହେବ ର.ଅଙ୍କ ସହିତ ଶସ୍ୟ ସଂପର୍କରେ ଆଲୋଚନା ମଧ୍ୟ କରୁଥିଲେ ।"

**(ରିୱାୟାତ୍ ଅସ୍‌ହାବେ ଅହମଦ, ଭାଗ-4, ପୃଷ୍ଠା-72-73)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆଜିକାଲି ମଧ୍ୟ ଦୁନିଆର କେତେକ ଦେଶରେ ଏହି ପରିସ୍ଥିତି ରହିଛି । ବହୁତ କଠିନ ଦୁର୍ଭିକ୍ଷ ସମସ୍ୟା ରହିଛି । ଖାଦ୍ୟ ଶସ୍ୟ ମିଳୁନାହିଁ କିମ୍ବା ମହଙ୍ଗା ଅଛି, ଲୋକେ କିଣିପାରୁ ନାହାନ୍ତି । ଅଭାବ ଏବଂ ଦାରିଦ୍ର୍ୟତୀ ତଥା ଭୋକରୁ ଲୋକମାନେ ମୃତ୍ୟୁବରଣ କରୁଛନ୍ତି । ଅଲ୍ଲାଃତାଲାଙ୍କର ଅନୁଗ୍ରହ ଯେଉଁଠି ଯେଉଁଠି ଜଣାପଡୁଛି, ଜମାଅତ୍ ସେମାନଙ୍କ ସାହାଯ୍ୟ ପାଇଁ ଟଙ୍କା ମଧ୍ୟ ପଠାଉଛି ଏବଂ ଆବଶ୍ୟକତା ମଧ୍ୟ ପୂରଣ କରୁଛି, ଏବଂ ସେଥିରେ ଲୋକମାନେ ମଧ୍ୟ ନିଜର ଯୋଗଦାନ ଦେଉଛନ୍ତି । ଅଲ୍ଲାଃତାଲା ସେହି ଲୋକମାନଙ୍କୁ ଆହୁରି ସାମର୍ଥ୍ୟ ଦିଅନ୍ତୁ ଯେ ସେମାନେ ସେହି ଗରିବମାନଙ୍କ ସାହାଯ୍ୟ ପାଇଁ, ଦୁର୍ଭିକ୍ଷ ପ୍ରପୀଡ଼ିତ ଲୋକଙ୍କ ସାହାଯ୍ୟ ପାଇଁ ଆହୁରି ଚେଷ୍ଟା ଓ ଆର୍ଥିକ ସାହାଯ୍ୟ କରୁଥାଆନ୍ତୁ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. କାଜୀ ନୁର୍ ମୁହମ୍ମଦ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ହ. ଅମୀରୁଲ୍ ମୁ'ମିନୀନ୍ ହ. ଖଲିଫାତୁଲ୍ ମସିହ୍ ସାନୀ ର.ଅଙ୍କ ସମୟର କଥା ଅଟେ । ସେ କୁହନ୍ତି, ମୋ ସହପାଠୀ ଥିଲେ, ମୋତେ (ବିନୀତକୁ) ତାଙ୍କ ସହ ଦାରୁଲ୍ ମସିହ୍ ଠାରେ ରାତିରେ ପାଠ ପଢ଼ିବାର ସୁଯୋଗ ମିଳୁଥିଲା । ହ. ମୌଲବୀ ଶେର୍ ଅଲୀ ସାହେବ ର.ଅ ପାଠ ପଢ଼ାଉଥିଲେ । ହ. ମସିହ୍ ମଉଦ୍ ଅ.ସ ମହିଳାମାନଙ୍କ ମଧ୍ୟରେ ଉପଦେଶ (ୱାଜ୍ ଓ ନସିହତ୍) ଦେଉଥିଲେ । ସେହି ସମୟରେ ଉପଦେଶର ଶବ୍ଦ ଆମ କାନ ପର୍ଯ୍ୟନ୍ତ ଭଲ ଭାବରେ ପହଞ୍ଚୁଥିଲା । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ତହିଁରୁ (ସେହି ଉପଦେଶରୁ) କିଛି ମନେ ନାହିଁ । ଲଙ୍ଗର୍ ଖାନାର ଅଟା ପାଇଁ ସାଧାରଣତଃ ମୁଲ୍ଲା ଅହମଦ ନୁର୍ ଯାଉଥିଲେ ଏବଂ ଗଧ ଉପରେ ଯେତେବେଳେ ଅଟା ବସ୍ତା ଲଦା ହୋଇ ଆସୁଥିଲା ସେତେବେଳେ ମୋତେ ଅଟା ବସ୍ତା ଉଠାଇ ଦାରୁଲ୍ ମସିହ ଠାରେ ପହଞ୍ଚାଇବାର ସୁଯୋଗ ମଧ୍ୟ ଅଲ୍ଲାଃତାଲା ଦେଉଥିଲେ ଏବଂ ହୁଜୁର୍ ଅ.ସଙ୍କୁ ଥରେ ମୁଁ ଦେଖିଲି ଯେ କୁର୍ତ୍ତାର (ପିନ୍ଧିଥିବା ବସ୍ତ୍ର) କୋଳରେ ବହୁତଗୁଡ଼ିଏ ଟଙ୍କା ଆଣିଲେ ଏବଂ ନଗଣି ମୁଲ୍ଲା ଅହମଦ ନୁରଙ୍କ କୋଳରେ ଅଜାଡ଼ି ଦେଲେ । ଅର୍ଥାତ୍ ନ ଗଣି ଟଙ୍କା ଦେଇଦେଲେ ଏବଂ କହିଲେ, ଯେହେତୁ ଲଙ୍ଗରଖାନାର ବ୍ୟବସ୍ଥା ଏବଂ ଆବଶ୍ୟକତା ଅଛି ତେଣୁ ଯାଅ ଏବଂ ଅଟା କିଣି ଆଣ । ଯେପରି ଲଙ୍ଗରର ବ୍ୟବସ୍ଥା ଚାଲୁ ରହିବ । **(ରିୱାୟାତ୍ ଅସ୍‌ହାବେ ଅହମଦ, ଭାଗ-4, ପୃଷ୍ଠା-75ରୁ ଉଦ୍ଧୃତ)** ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମିଆଁ ଚିରାଗ୍ ଦୀନ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, "ଏକଦା (ଥରେ) ମୋ ବେକ ଏପରି ବସିଗଲା ଯେ ପାଟିରୁ ଶବ୍ଦ ବାହାରିବା ବନ୍ଦ୍

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

ହୋଇଗଲା । ହ. ମସିହ୍ ମଉଦ୍ ଅ.ସ ହ. ମୌଲବୀ ନୁରୁଦ୍ଦୀନ୍ ସାହେବ ର.ଅଙ୍କୁ କହିଲେ, ମୌଲବୀ ସାହେବ ! 'ଚିରାଗ୍‌ର ବେକର ଚିକିତ୍ସା କରନ୍ତୁ । କ'ଣ କାରଣ ଯେ ତା'ର ତଣ୍ଟିରୁ ଶବ୍ଦ ବାହାରୁ ନାହିଁ ? ହ. ମୌଲବୀ ସାହେବ ର.ଅ ଚିକିତ୍ସା କଲେ, କିନ୍ତୁ କିଛି ଲାଭ ହେଲା ନାହିଁ । ପରେ ଏକ ଅବସରରେ ଡାକ୍ତର ମୁହମ୍ମଦ ହୁସୈନ୍ ଶାହ୍ ସାହେବ, ଡାକ୍ତର ୟାକୁବ୍ ବେଗ୍ ସାହେବ, ଡାକ୍ତର ବୋଢ଼େ ଖାନ୍ ସାହେବ ଲାହୋର୍ ଏକାଠି ହେଲେ, ତେବେ ସେମାନଙ୍କ ସାମ୍ନାରେ ମଧ୍ୟ ହୁଜୁର୍ ଅ.ସ ଏହି କଥାର ଉଲ୍ଲେଖ କଲେ ଯେ, କ'ଣ କାରଣ ରହିଛି ଯେ ପିଲାଟିର ଶବ୍ଦ ବନ୍ଦ୍ ଅଛି ? ପ୍ରତ୍ୟୁତ୍ତରରେ ଡାକ୍ତର ୟାକୁବ୍ ବେଗ୍ ସାହେବ ମୋ ତଣ୍ଟି ଦେଖି କହିଲେ, ହୁଜୁର୍ ! ଆଦେଶ ଦିଅନ୍ତୁ ଏହାର ତଣ୍ଟି ଭିତରୁ କାଟି ଦିଆଯିବ' (ଅର୍ଥାତ୍ ଟନ୍‌ସିଲ୍‌ସ ଯୋଗୁଁ ହୋଇଥିବ)ଏବଂ ଏପରି କରିବା ଦ୍ୱାରା ଶବ୍ଦ ଦୁଆର ଖୋଲିଯିବ । ହୁଜୁର୍ ଅ.ସ ଏହା ଉପରେ କିଛି କହିଲେ ନାହିଁ ଏବଂ ନୀରବ ରହିଲେ । ମହୋଦୟ କୁହନ୍ତି: "ପରେ କିଛି ଦିନ ପରେ ହୁଜୁର୍ ଅ.ସ କହିଲେ, 'ମିଆଁ ଚିରାଗ୍ ! ବର୍ତ୍ତମାନ ମୁଁ ତୁମର ଚିକିତ୍ସା କରିବି । ଆପଣ ଅ.ସ ସେହି ସମୟରେ ଦେଖି କହିଲେ, 'ମୁଁ ତୋ ପାଇଁ ଔଷଧ ତିଆରି କରିବି । ଈଶ୍ୱରଙ୍କ ଲୀଳା ଦେଖ ଯେ, ସେହି ଦିନ ଅମୃତସରର ଜଣେ ଚେରମୂଳି ବୈଦ୍ୟ ଅର୍କ ଗଛ ପତ୍ରର ଆଚାର କାଚ ଜାର୍ ନେଇ ଆସିଲେ । ହୁଜୁର୍ ଅ.ସ କାଚ ବୋତଲ୍ ଖୋଲି ଦେଖି ଏବଂ କହିଲେ, 'ଏହା ତୋର ଚିକିତ୍ସା । ଖାଇବା ସମୟରେ ରୁଟି ଉପରେ ଦୁଇ ତିନୋଟି ପତ୍ର ରଖି ମୋତେ ଦେଇ ଦେଉଥିଲେ । ତାହା ବହୁତ ସ୍ୱାଦିଷ୍ଟ ଥିଲା ଏବଂ ହୁଜୁର୍ ଅ.ସ ମଧ୍ୟ ସେଥିରୁ ସେବନ କରୁଥିଲେ । ମହୋଦୟ କୁହନ୍ତି: "ମୋତେ ସେଥିରୁ ଆରୋଗ୍ୟ ଏବଂ ଉପଶମ ମିଳିଗଲା । ଏହା ଦେଖି ହୁଜୁର୍ ଅ.ସ ସେହି ସମ୍ପୂର୍ଣ୍ଣ ଜାର୍ ମୋତେ ଦେଇଦେଲେ ଏବଂ କହିଲେ, ହେଇ ନିଅ 'ତୁମେ ଖାଇନିଅ । ତେଣୁ ମୁଁ ତାହା ଖାଇଲି ଏବଂ ମୁଁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲି ।"**(ରିୱାୟାତ୍ ଅସ୍‌ହାବେ ଅହମଦ, ଭାଗ-4, ପୃଷ୍ଠା-72)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମିର୍ଜା ଅଫ୍‌ଜଲ୍ ବେଗ୍ ସାହେବ ବର୍ଣ୍ଣନା କରନ୍ତି ଯେ, ମୁଁ କାଦିୟାନ୍ ପ୍ରଥମ ଥର ୧୮୯୪ ମସିହାରେ ଆସିଲି । ମୋ ପିତା ମିର୍ଜା ଫଜ୍‌ଲ ବେଗ୍ ସାହେବ (କୋର୍ଟ ପ୍ରତିନିଧି) ପାଠ ପଢ଼ିବା ପାଇଁ 'ତାଲିମୁଲ୍ ଇସ୍‌ଲାମ୍ ହାଇସ୍କୁଲ୍'ରେ ମୋର ନାମ ଲେଖାଇଦେଲେ ଏବଂ ହଷ୍ଟେଲ୍ (ଛାତ୍ରାବାସ)ରେ କିଛି ଛାତ୍ରମାନେ ଥିଲେ। ସେହି ସମୟରେ ହଷ୍ଟେଲ୍ ପିଲାଙ୍କ ପାଇଁ ଖାଇବା ପିଇବାର ବ୍ୟବସ୍ଥା ଲଙ୍ଗରଖାନା ସହିତ ଥିଲା । ଖାଦ୍ୟ ସମ୍ପର୍କରେ କିଛି ଅଭିଯୋଗ ଆସିବାରୁ: "ମୋ ପିତା ହ. ମସିହ୍ ମଉଦ୍ ଅ.ସଙ୍କୁ ଉଲ୍ଲେଖ କଲେ ଯେ, ହୁଜୁର୍ ! ପିଲାଙ୍କୁ ଖାଇବାର କଷ୍ଟ ହେଉଛି । ପ୍ରତ୍ୟୁତ୍ତରରେ ହୁଜୁର୍ ଅ.ସ ଦୟାପୂର୍ବକ କହିଲେ, ଖାଦ୍ୟ ପିଲାଙ୍କୁ ଘରୁ ମିଳିବ । ତେଣୁ କିଛି ମାସ ପର୍ଯ୍ୟନ୍ତ ଖାଦ୍ୟ ହୁଜୁର୍ ଅ.ସଙ୍କ ନିଜ ଘରୁ ଆମ ପାଖକୁ ଆସୁଥିଲା ଏବଂ କେବେ କେବେ ହୁଜୁର୍ ଘରୁ ଆମ୍ବ ଓ ମିଠା ଆଦି ମଧ୍ୟ ଖାଇବା ପାଇଁ ଆମ ପାଖକୁ ପଠାଉଥିଲେ ।"

**(ରିୱାୟାତ୍ ଅସ୍‌ହାବେ ଅହମଦ, ଭାଗ-4, ପୃଷ୍ଠା-167)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଖ୍ୱାଜା ଅବ୍‌ଦୁର୍ ରହମାନ୍ ସାହେବ କାଶ୍ମୀରୀ, ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅଙ୍କୁ କହିଲେ ଯେ, "ସ୍ୱର୍ଗତ ହାଫିଜ୍ ହାମିଦ୍ ଅଲୀ ସାହେବ ତାଙ୍କୁ କହୁଥିଲେ ଯେ, ଯେତେବେଳେ ହୁଜୁର୍ ଅ.ସ ପାଖକୁ କେଉଁ ଠାରୁ କିଛି ଟଙ୍କା ଆସୁଥିଲା ସେତେବେଳେ ହୁଜୁର୍ ଅ.ସ ମୋତେ ଡାକୁଥିଲେ ଏବଂ ନ ଗଣି ମୋତେ ଟଙ୍କା ଦେଇ ଦେଉଥିଲେ ଏବଂ କହୁଥିଲେ ଯେ, "ଅବଦ୍ଦୁର୍ ରହମାନ୍ ! ଏହି ସମୟରେ ଟଙ୍କା ନେଇଯାଅ, ଜଣା ନାହିଁ ପୁଣି କେତେବେଳେ ହାତକୁ ଆସିବ ।" ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ପୁନଶ୍ଚ ଉଲ୍ଲେଖ କରିଛନ୍ତି: "ମୁଁ ନିବେଦନ କରୁଛି ଯେ ହାଫିଜ୍ ହାମିଦ୍ ଅଲୀ ସାହେବ (ସ୍ୱର୍ଗତ) ହୁଜୁର ଅ.ସଙ୍କ ବିଶେଷ ସେବକ ଥିଲେ, ଯାହାଙ୍କୁ ହୁଜୁର୍ ଅ.ସ ଘରର ଆବଶ୍ୟକତା ଏବଂ ଅତିଥିମାନଙ୍କ ଚର୍ଚ୍ଚା ପାଇଁ ଟଙ୍କା ଦେଉଥିଲେ ।" **(ସିରତୁଲ୍ ମହଦୀ, ଭାଗ-1, ଗ୍ରନ୍ଥଖଣ୍ଡ-3, ପୃଷ୍ଠା-529-530, ବର୍ଣ୍ଣନା ସଂଖ୍ୟା-530)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଖାନ୍ ସାହେବ ସୈୟଦ ଗୁଲାମ୍ ହୁସୈନ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ: "ଥରେ ହୁଜୁର୍ ଅ.ସ ମୋତେ କାଦିୟାନ୍‌ରୁ ବଟାଲା ପଠାଇଲେ ଏବଂ କହିଲେ, ଖାନା ସାହେବ ! ଦୟାକାରି ରେଳରୁ ଯାଇ ପାର୍ସଲଟିଏ ନେଇ ଆସିବେ । ଗୋଟେ ବିଲ୍ ଆସିଛି ଏବଂ ପାଞ୍ଚ ଟଙ୍କା ମଧ୍ୟ ମୋତେ ଦେଲ ।" ଟ୍ରେନ୍ ଜରିଆରେ ବିଲ୍‌ଟି ଆସିଥିଲା, ତାହା ବଟାଲାରୁ ନେଇ ଆସ ।" ପାର୍ସଲଟି ଅଙ୍ଗୁର ବାସ୍କେଟ୍ (ଟୋକେଇ) ଥିଲା ଯାହା ଉପରେ କେବଳ ଚାରି ଅଣା ଖର୍ଚ୍ଚ ହେଲା। ଯେତେବେଳେ ମୁଁ ସେହି ଟୋକେଇ ନେଇ ଆସିଲି, ହୁଜୁର୍ ଅ.ସ ଟୋକେଇର ଅଖା ଚିରି ଦୁଇ ହାତରେ ଅଙ୍ଗୁର କାଢ଼ି ପ୍ରଥମେ ମୋତେ ଦେଲେ । କାରଣ ହୁଜୁର୍ ଅ.ସ କହିଲେ, ଗୁଲାମ୍ ସାହେବ ! ଏହା ଆପଣଙ୍କର ଅଂଶ ଅଟେ । ମୁଁ ବାକି 4 ଟଙ୍କା 45 ପାଇସା ଫେରାଇବାକୁ ଚାହିଁଲି । ତେବେ ହୁଜୁର୍ ଅ.ସ ଏହା କହି ଟୋକେଇ ଉଠାଇ ଭିତରକୁ ନେଇଗଲେ । ଆମେ ଆମ ବନ୍ଧୁମାନଙ୍କ ସହ ହିସାବ ରଖୁ ନାହୁଁ । ଗୁଲାମ୍ ସାହେବ କୁହନ୍ତି, ସେହି ସମୟରେ ମୋ ବୟସ, ପନ୍ଦର ବର୍ଷ ଥିଲା ।

**(ରିୱାୟାତ୍ ଅସ୍‌ହାବେ ଅହମଦ, ଭାଗ-5, ପୃଷ୍ଠା-120ରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁନ୍‌ଶୀ କାଜୀ ମହବୁବ୍ ଆଲମ୍ ସାହେବ ର.ଅ କହନ୍ତି ଯେ, ମୌଲବୀ ମୁହମ୍ମଦ ଅଲୀ ସାହେବ ଏବଂ ଖ୍ୱାଜା କମାଲୁଦ୍ଦିନ୍ ସାହେବ ପେଶାୱରରେ ମିଶି ଓକିଲାତି କରୁଥିଲେ । ଦୁହେଁ ଅଂଶୀଦାର ଥିଲେ, ଅର୍ଥାତ୍ ଆପୋଷ ମିଳିତ ଭାବରେ କାମ କରୁଥିଲେ । ମୌଲବୀ ମୁହମ୍ମଦ ଅଲୀ ସାହେବ କାଦିୟାନ୍ ଚାଲି ଆସିଲେ ଏବଂ ଖ୍ୱାଜା ସାହେବ ସେହିଠାରେ ହିଁ ରହିଲେ । ବର୍ତ୍ତମାନ ହ. ସାହେବ ଅ.ସଙ୍କ ଉପରେ ଯେଉଁ ମାମଲା (ମକଦ୍ଦମା)ଗୁଡ଼ିକ ରହିଥିଲା, ସମ୍ଭବତଃ କରମ୍ ଦୀନ୍‌ଙ୍କ ମାମଲାର ଉଲ୍ଲେଖ (ଚର୍ଚ୍ଚା) ଅଟେ । ତାହାର ଅର୍ଥାତ୍ ମକଦ୍ଦମାର ଓକିଲାତି ପାଇଁ ଖ୍ୱାଜା ସାହେବ ପେଶାୱରରୁ ଆସିଲେ । ହ. ଅ.ସ ମସ୍‌ଜିଦେ ମୁବାରକ୍ ଠାକୁ ଆସିଲେ । ଖ୍ୱାଜା ସାହେବ ଅତ୍ୟନ୍ତ ରୋଦନମୟ ମୁହଁ କରି କହିଲେ, "ହୁଜୁର୍ ! ଈଶ୍ୱର ଏବଂ ତାହାଙ୍କ ବାର୍ତ୍ତାବହ ହିଁ ଜାଣନ୍ତି ଯେ, ମୁଁ ଏଠାରେ କେମତି ପହଞ୍ଚିଛି ? ପତ୍ନିଙ୍କ ଅଳଙ୍କାର ବନ୍ଧକ ରଖି ଭଡ଼ା ଟଙ୍କା ଯୋଗାଡ଼ କରି ଏଠାରେ ପହଞ୍ଚିଛି । ମୋର ଆର୍ଥିକ ସ୍ଥିତି ଅତ୍ୟନ୍ତ ଶୋଚୟନୀୟ ଅଟେ ।" ହୁଜୁର ଅ.ସ କହିଲେ,"ଖ୍ୱାଜା ସାହେବ ! ଆପଣଙ୍କୁ ଟଙ୍କା ଦରକାର ? ଆସନ୍ତୁ !" ତା' ପରେ ହୁଜୁର୍ ଅ.ସ ଭିତରକୁ ଗଲେ ଏବଂ ଖ୍ୱାଜା ସାହେବ ମଧ୍ୟ ଆପଣ ଅ.ସଙ୍କ ସାଙ୍ଗରେ ଗଲେ । ଆପଣ ଅ.ସ ଗୋଟିଏ ଟ୍ରଙ୍କ୍ (ସିନ୍ଦୁକ) ଖୋଲିଲେ ଏବଂ ଦୁଇ ତିନି ମୁଠା ମୁଦ୍ରା ବା Coin ଖ୍ୱାଜା ସାହେବଙ୍କ କୋଳରେ ଢାଳି (ଅଜାଡ଼ି) ଦେଲେ ଏବଂ କହିଲେ, "ଖ୍ୱାଜା ସାହେବ ! ଏତିକି ନା ଆହୁରି ଦରକାର?" ଖ୍ୱାଜା ସାହେବ କହିଲେ, "ବାସ୍ ବାସ୍ ହୁଜୁର୍ ! ଏବେ ତ' ବହୁତ ହୋଇଗଲା।" ଖ୍ୱାଜା ସାହେବ ସେହି ଟଙ୍କା ପରେ ମସ୍‌ଜିଦେ ମୁବାରକରେ ଗଣିଲେ । ପ୍ରାୟ ତିନି ଶହ ଟଙ୍କା ଥିଲା । ଖ୍ୱାଜା ସାହେବ ପରଦିନ ଗୁରୁଦାସ୍‌ପୁର ଅଭିମୁଖେ ଚାଲିଗଲେ । ହୁଜୁର୍ ଅ.ସ ସେହି ଟଙ୍କା ଅଗଣିତ ଭାବେ ତାଙ୍କ (ଖ୍ୱାଜା ସାହେବଙ୍କ) କୋଳରେ ଅଜାଡ଼ି ଦେଲେ । ହୁଜର୍ ଅ.ସଙ୍କର ଏହି ସାଧାରଣ ଅଭ୍ୟାସ ଥିଲା ଯେ, ଟଙ୍କା ସେବକମାନଙ୍କୁ ମଧ୍ୟ ଗଣି ଦେଉ ନଥିଲେ । ପୂର୍ଣ୍ଣ ବିଶ୍ୱାସ ଓ ଆସ୍ଥା ରଖୁଥିଲେ । ଯେତେଦୂର ମୋର ରହିବାର ସୁଯୋଗ ହୋଇଛି, କେବେ କୌଣସି ସେବକ ଠାରୁ ହୁଜୁର୍ ଅ.ସ ହିସାବ ମାଗି ନାହାନ୍ତି ବରଂ ଯେତେବେଳେ କେହି ଟଙ୍କା ମାଗୁଥିଲା ସେତେବେଳେ ହୁଜର୍ ଅ.ସ ସେହି ବ୍ୟକ୍ତିଙ୍କୁ ଟଙ୍କା ଦେଇ ଦେଉଥିଲେ ।

**(ରିୱାୟାତ୍ ଅସ୍‌ହାବେ ଅହମଦ, ଭାଗ-5, ପୃଷ୍ଠା-277ରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଶେଖ୍ ୟାକୁବ୍ ଅଲୀ ଇର୍‌ଫାନୀ ର.ଅ ଖ୍ୱାଜା ସାହେବଙ୍କ ଉପରେ ହୋଇଥିବା ଦୟାର ଚର୍ଚ୍ଚା କରି ଉଲ୍ଲେଖ କରନ୍ତି ଯେ, "ଖ୍ୱାଜା କମାଲୁଦ୍ଦୀନ୍ ସାହେବ ଯିଏ ଆଜି ସଂପ୍ରଦାୟରୁ ବିଚ୍ଛିନ୍ନ ହୋଇ ସାରିଛନ୍ତି ଅର୍ଥାତ୍ ଜମାଅତ୍‌ରୁ ଅଲଗା ହୋଇ ଯାଇଛନ୍ତି ଏବଂ ଉପକାରୀ ପିତାଙ୍କ ସନ୍ତାନଙ୍କ ସହିତ ଶତ୍ରୁତା ରଖୁଛନ୍ତି । ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସ ତାଙ୍କ ଉପରେ ଉପକାର କରିଥିଲେ ଏବଂ ଆପଣ ଅ.ସଙ୍କ ସୁପୁତ୍ର ହ. ଖଲିଫତୁଲ୍ ମସିହୁସ୍ ସାନୀ ର.ଅଙ୍କ ସହ ତାଙ୍କର ଶତ୍ରୁତା ରହିଛି । ହ. ମସିହ୍ ମଉଦ୍ ଅ.ସଙ୍କ ଦୟା, କରୁଣା ଏବଂ ଦାନର ବହୁତ ବଡ଼ ଅନୁଭବି ଅଟନ୍ତି ।" ତାଙ୍କୁ ତ' ବହୁତ ଅନୁଭବ ରହିଛି ହ. ମସିହ୍ ମଉଦ୍ ଅ.ସଙ୍କ ଦୟାର। ସେ ବିପୁଳ ପରିମାଣର ଅର୍ଥରାଶି ନେଇଛନ୍ତି । ନେବା ସତ୍ତ୍ୱେ ମଧ୍ୟ ସେ କେବେ ସ୍ୱୀକାର କରି ନାହାନ୍ତି । ଅର୍ଥାତ୍ ନେବା ପରେ ମଧ୍ୟ ନା କେବେ କହିଛନ୍ତି ଓ ନା ହିଁ ଉପକାର ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି ଏବଂ ନିଜ ସେବାର ଖାଲି ବାହାସ୍ଫୋଟ ମାରୁଛନ୍ତି।" ସେ ଏହା ହିଁ କହୁଛନ୍ତି ଯେ ମୁଁ ସଂଗଠନର ବହୁତ ବଡ଼ ସେବା କରୁଛି । ଆପଣ ର.ଅ ଉଲ୍ଲେଖ କରନ୍ତି ଯେ, "ମୁଁ ଏହାକୁ କୃତଘ୍ନତା ଏବଂ ଉପକାର ଭୁଲିଯିବା (ପାସୋରି ଦେବା) ବୋଲି ମନେକରୁଛି । ଯେଉଁ ଦିନଗୁଡ଼ିକରେ ଗୁରୁଦାସପୁର ଠାରେ ମୌଲବୀ କରମ୍ ଦୀନର ମାମଲା ଚାଲିଥିଲା, ଥରେ ମାମଲା ଚାଲିବା ସମୟରେ ସେ ହୁଜୁର୍ ଅ.ସଙ୍କୁ ଚିଠି ଦେଖାଇଲେ ଯାହା ତାଙ୍କୁ ନିଜ ଘର ପେଶାୱରରୁ ଆସିଥିଲା । ତହିଁରେ ଖର୍ଚ୍ଚର ଅଭାବ ସଂପର୍କରେ ଉଲ୍ଲେଖ ରହିଥିଲା । ହୁଜୁର ଅ.ସ ତୁରନ୍ତ ପାଞ୍ଚ ଶହ ଟଙ୍କା ନଗଦ ତାଙ୍କୁ ଦେଇଦେଲେ ଏବଂ ପରେ ମାସିକ ଏକ ଶହ ଟଙ୍କା ହିସାବରେ ଦେଉଥିଲେ । ବିଶେଷ କରି ସଦସ୍ୟବୃନ୍ଦ ହୁଜୁର ଅ.ସଙ୍କ ଆହ୍ୱାନରେ ମାମଲା ଖର୍ଚ୍ଚ

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ପାଇଁ ବିପୁଳ ପରିମାଣର ଅର୍ଥରାଶି ପଠାଇଥିଲେ । ଉକ୍ତ ଅର୍ଥରାଶି ଖ୍ୱାଜା ସାହେବଙ୍କ ପାଖରେ ରହୁଥିଲା । ହୁଜୁର୍ ଅ.ସ କେବେ ବି ହିସାବ ମାଗି ନାହାନ୍ତି । ଏହି ପ୍ରକାରର ଆର୍ଥିକ ବ୍ୟବହାର ଓ ଦାନ ବ୍ୟତୀତ ହ. ସାହିବ୍ ଜାଦା ଅବ୍ଦୁଲ୍ ଲତିଫ୍ ସାହେବ ଶହୀଦ୍ ର.ଅ ହ. ମସିହ୍ ମଉଦ୍ ଅ.ସ ପାଇଁ ଏକ ମୂଲ୍ୟବାନ୍ କୋଟ୍ ଯାହା ଆଫଗାନୀ ଶୈଳୀର ନିର୍ମିତ ହୋଇଥିଲା ତାହା ଆଣିଥିଲେ । ଖ୍ୱାଜା ସାହେବ ଏହା କହି ମାଗିନେଲେ ଯେ, 'ହୁଜୁର୍ ! ଏହି କୋଟ୍‌ଟି ମୋତେ ଦେଇ ଦିଅନ୍ତୁ । ମୁଁ ଯେତେବେଳେ ଉକ୍ତ କୋଟ୍ ପିନ୍ଧି କୋର୍ଟରେ ପ୍ରବେଶ କରିବି ସେତେବେଳେ ଉକ୍ତ କୋଟ୍‌ର ବରକତ୍ (କଲ୍ୟାଣ) ଯୋଗୁଁ ପ୍ରତିପକ୍ଷ ଓକିଲ ଓ କୋର୍ଟରେ ମୋର ପ୍ରଭାବ ପଡ଼ିବ । ହୁଜୁର୍ ଅ.ସ ହସି ହସି ଏହି କାରୁକାର୍ଯ୍ୟପୂର୍ଣ୍ଣ ମୂଲ୍ୟବାନ୍ ଚୋଘା (କୋଟ୍) ଖ୍ୱାଜା ସାହେବଙ୍କୁ ଦେଇଦେଲେ ।" **(ସିରତ୍ ହ. ମସିହ୍ ମଉଦ୍ ଅ.ସ, ହ. ଶେଖ୍ ୟାକୁବ୍ ଅଲୀ ସାହେବ ଇର୍ଫାନୀ ର.ଅ, ଭାଗ-3, ପୃ-311-312)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଗତ ଖୁତ୍‌ବାରେ ମଧ୍ୟ ଉଲ୍ଲେଖ ହୋଇଥିଲା ଯେ, ଖ୍ୱାଜା ସାହେବ ଗୋଟିଏ ଚମଡ଼ା (Leather)ର କୋଟ୍ ଆଣିଥିଲେ ଏବଂ ତାହା ଉତ୍କୃଷ୍ଟ ମାନର ଚମଡ଼ାର କୋଟ୍ ଥିଲା । ଆଜିକାଲି ମଧ୍ୟ ଚମଡ଼ା ପୋଷାକ ବହୁତ ମୂଲ୍ୟବାନ୍ ବୋଲି ମନେକରାଯାଏ । ସେହି ସମୟରେ ଏପରି ବସ୍ତ୍ର ମଧ୍ୟ ଉପଲବ୍ଧ ଥିଲା । ସେହି କୋଟ୍ ମଧ୍ୟ ଆପଣ ଅ.ସ ଖ୍ୱାଜା ସାହେବଙ୍କ ମାଗିବା ଯୋଗୁଁ ତାଙ୍କୁ ଦେଇ ଦେଇଥିଲେ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଶେଖ୍ ହାମିଦ୍ ଅଲୀ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ: "ଶେଷ ଜୀବନ ପର୍ଯ୍ୟନ୍ତ ହୁଜୁର୍ ଅ.ସ ମୋ ଠାରୁ କେବେ ବି ଟଙ୍କାର ହିସାବ ମାଗି ନାହାନ୍ତି କିମ୍ବା କେବେ ବି ରାଗି ନାହାନ୍ତି । ବରଂ ଥରେ ମୁଁ ଲାହୋର୍ ଗଲି । ମୌଲବୀ ନୁରୁଦ୍ଦୀନ୍ ସାହେବ ର.ଅ ସାତ ଶହ (700)ର ହାଣ୍ଡି (ଚେକ୍) ପଠାଇଥିଲେ, ତାହା ନେଇକି ଗଲି । ଅର୍ଥାତ୍ କୌଣସି ମନିଅର୍ଡର କିମ୍ବା ଭାଉଚର୍ ଥିଲା । କିଛି ଜିନିଷ ପତ୍ର ଆଣିଲି ଏବଂ ସାମଗ୍ରୀ ମଧ୍ୟ କିଣିଲି । ପ୍ରାୟ ପଚାଶ ଟଙ୍କା ବଳକା ଫେରାଇ ଆଣିଲି। ଅର୍ଥାତ ସାମଗ୍ରୀ କିଣିବା ପରେ ଯେଉଁ ଟଙ୍କା ବଳି ଯାଇଥିଲା ତାହା ଫେରସ୍ତ ନେଇ ଆସିଲି । ତାହାର ହିସାବ ମୁଁ ହ. ସାହେବଙ୍କୁ ଦେଲି । ଆପଣ ଅ.ସ କହିଲେ, ହାମିଦ୍ ସାହେବ ! 'ମୁଁ ଆପଣଙ୍କ ଠାରୁ କେତେବେଳେ ହିସାବ ମାଗିଛି ?"

**(ରିୱାୟାତ୍ ଅସ୍‌ହାବେ ଅହମଦ, ପୃଷ୍ଠା-59ରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଶେଖ୍ ଅହମଦ ଦୀନ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ଥରେ ହ. ମସିହ୍ ମଉଦ୍ ଅ.ସ ମୋତେ ଆଦେଶ ଦେଲେ ଯେ, "ତୁମେ ଅମୃତସର ମିଆଁ ନବୀ ବଖ୍ଶ ସାହେବ ରଫୁଗର (ରଫୁ କରୁଥିବା ବ୍ୟକ୍ତି)ଙ୍କ ପାଖକୁ ଯାଅ । ହୁଜୁର୍ ଅ.ସ ଏକ ଚିଠି ଲେଖିକି ଦେଲେ ଯେ "ଏହି ଚିଠି ତାଙ୍କୁ ଦେଇଦେବ । ଯେଉଁ ଜିନିଷଗୁଡ଼ିକ ସେ କିଣିକି ଦେବେ ତାହା ଶୀଘ୍ର ନେଇଆସିବ ଏବଂ କାଲି ସୁଦ୍ଧା ଫେରି ଆସିବ ।" ଦ୍ୱିତୀୟ ଦିନ ମୁଁ କିଛି ବିଳମ୍ବରେ ଯାଇ ପହଞ୍ଚିଲି । ହୁଜୁର୍ ଅ.ସଙ୍କର ମିଆଁ କରମ୍‌ଦାଦ୍ ସାହେବ ନାମକ ଜଣେ ସେବକ ଥିଲେ, ହୁଜୁର୍ ଅ.ସ ତାଙ୍କୁ ଆଦେଶ ଦେଲେ ଯେ, କରମଦାଦ୍ ! "ଶୀଘ୍ର ଯାଅ ଏବଂ ଦେଖ ଅହମଦ ଦୀନ୍‌ଙ୍କୁ ଅମୃତସର ପଠା ଯାଇଥିଲା, ସେ ଏପର୍ଯ୍ୟନ୍ତ କାହିଁକି ଫେରି ନାହାନ୍ତି ? ସବୁ କୁଶଳ ମଙ୍ଗଳ ଅଛି ତ' ? ଯାଇ ଟିକେ ଖବର ନିଅ ତ' । ସେ କାହିଁକି ଏପର୍ଯ୍ୟନ୍ତ ଫେରି ନାହାନ୍ତି ?" ବାଟରେ ମିଆଁ କରମ୍‌ଦାଦ୍ ସାହେବଙ୍କ ସହ ମୋର ଭେଟ ହେଲା । ସେ କହିଲେ ଯେ, ଅହମଦ୍ ଦୀନ୍ ସାହେବ ! "ହୁଜୁର୍ ଅ.ସ ତୁମ ପାଇଁ ବହୁତ ଚିନ୍ତିତ ଅଛନ୍ତି ।" ଯେତେବେଳେ ମୁଁ ହ. ମସିହ୍ ମଉଦ୍ ଅ.ସ ସେବାରେ ପହଞ୍ଚିଲି ସେତେବେଳେ ହୁଜୁର୍ ଅ.ସ ଶୀଘ୍ର କହିଲେ, ଅହମଦ ଦୀନ୍ ସାହେବ ! ଆପଣଙ୍କୁ କୌଣସି କଷ୍ଟ ହୋଇ ନାହିଁ ତ' ?" ମୁଁ କହିଲି, ହୁଜୁର୍ ! ମୋତେ କୌଣସି କଷ୍ଟ ହୋଇ ନାହିଁ । ହୁଜୁର୍ ଅ.ସ ଏହିପରି ମୋ ଅବସ୍ଥା ସଂପର୍କରେ ପଚାରିବାରୁ ମୋ ମନ ଅତ୍ୟନ୍ତ ଆନନ୍ଦିତ ଓ ଉତ୍ଫୁଲ୍ଲିତ ହୋଇଗଲା । କାରଣ ଆପଣ ଅ.ସ ହିଁ ମୋ ଅବସ୍ଥା ସଂପର୍କରେ ପଚାରିଛନ୍ତି । ମୁଁ ଗୋଟିଏ ହିସାବ କାଗଜ ଏବଂ କିଛି ବଳକା ଟଙ୍କା ଫେରାଇବାକୁ ଚାହିଁଲି । ହୁଜୁର୍ କହିଲେ, ଅହମଦ୍ ଦୀନ ସାହେବ! "ଏହି କାଗଜ କ'ଣ ?" ମୁଁ ସବିନୟ ଏବଂ ଶିଷ୍ଟାଚାରର ସହିତ କହିଲି, ହୁଜୁର୍ ! ଏହା ଜିନିପତ୍ରର ହିସାବ ଅଟେ ଏବଂ ଏହି ଟଙ୍କା ବଳିଛି । ଅର୍ଥାତ୍ ବଳକା ଅଛି । ହୁଜୁର୍ ଅ.ସ ଅତ୍ୟନ୍ତ ସ୍ନେହର ସହିତ କହିଲେ, ବସ୍ ! ଅର୍ଥାତ୍ ଶେଖ୍ ଅହମଦ ଦୀନ୍ ସାହେବ ! "ମୋର ଏବଂ ଆପଣଙ୍କର କ'ଣ ହିସାବ ! ଏହି ଟଙ୍କା ତୁମେ ନିଜ ଆବଶ୍ୟକତାରେ ଖର୍ଚ୍ଚ କରିନିଅ ।" ମୁଁ ଏକଥା ଶୁଣି ବହୁତ ଖୁସି ହେଲି ।

**(ରିୱାୟାତ୍ ଅସ୍‌ହାବେ ଅହମଦ, ଭାଗ-4, ପୃଷ୍ଠା-95-96)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଶେଖ୍ ୟାକୁବ୍ ଅଲୀ ଇର୍‌ଫାନୀ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, "ହ. ହକୀମୁଲ୍ ଉମ୍ମତ୍ ମୌଲାନା ନୁରୁଦ୍ଦୀନ୍ ସାହେବ ର.ଅ ଥରେ ଆପଣ ଅ.ସଙ୍କ ଠାରୁ କିଛି ଋଣ ନେଇଥିଲେ । ଯେତେବେଳେ ଆପଣ ର.ଅ ସେହି ଟଙ୍କାକୁ ହୁଜୁର ଅ.ସଙ୍କ ସେବାରେ ପରିଶୋଧ କରିବା ନିମନ୍ତେ ପ୍ରେରଣ କଲେ ସେତେବେଳେ ହୁଜୁର୍ ଅ.ସ ଏହାକୁ ନାପସନ୍ଦ କଲେ । ହୁଜୁର୍ ଅ.ସ ଉକ୍ତ ଟଙ୍କାକୁ ଫେରସ୍ତ କରି କହିଲେ, ହକିମ୍ ସାହେବ ! 'ଆପଣ ମୋ ଟଙ୍କାକୁ ନିଜର ଟଙ୍କା ଠାରୁ ଅଲଗା ଭାବୁଛନ୍ତି ନା ?" **(ସିରତ୍ ମସିହ୍ ମଉଦ୍ ଅ.ସ, ହ. ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ ର.ଅ, ଭାଗ-3, ପୃ-307)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଶେଖ୍ ୟାକୁବ୍ ଅଲୀ ଇର୍‌ଫାନୀ ସାହେବ ର.ଅ ହିଁ ପୁନଶ୍ଚ ଉଲ୍ଲେଖ କରନ୍ତି ଯେ: "ଯେତେବେଳେ ହୁଜୁର୍ ଅ.ସ ନିଜ ନବୁୱତ୍‌ର (ଅବତାରତ୍ୱର) ଘୋଷଣା କଲେ ଏବଂ ଲୋକମାନଙ୍କୁ ଏହା ମଧ୍ୟ ଜ୍ଞାତ ହେଲା ଯେ, ଅଲ୍ଲାଃତାଲା ଆପଣ ଅ.ସଙ୍କୁ ଶୁଭ ସମ୍ବାଦ ଦେଇଛନ୍ତି ଯେ, 'ରାଜାମାନେ ତୁମ ପୋଷାକରୁ ବରକତ୍ (କଲ୍ୟାଣ) ଖୋଜିବେ', ସେବେ ଠାରୁ ଲୋକମାନେ ସାଧାରଣତଃ ଆପଣ ଅ.ସଙ୍କ ଠାରୁ ପୋଷାକ ମାଗୁଥିଲେ ଏବଂ ଆପଣ କାହାକୁ ଉତ୍ତର ଦେଉ ନଥିଲେ। ବେଳବେଳେ ଏପରି ସ୍ଥିତି ମଧ୍ୟ ସୃଷ୍ଟି ହେଉଥିଲା ଯେ, ଆପଣ ଅ.ସଙ୍କ ଶରୀରରେ ହିଁ ପୋଷାକ ରହୁଥିଲା ଏବଂ ଆପଣ ଅ.ସ ସବୁ ଦେଇ ଦିଆଯାଉଥିଲା ।"

**(ସିରତ୍ ମସିହ୍ ମଉଦ୍ ଅ.ସ, ଭାଗ-2, ପୃ-290)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ ର.ଅ କୁହନ୍ତି: "ଆପଣ ଅ.ସ ମୀର୍ ଅବ୍‌ବାସ୍ ଅଲୀ ସାହେବଙ୍କୁ 'ବରାହୀନେ ଅହମଦିୟା' ବହିର ମୂଲ୍ୟ ଯାହା ତାଙ୍କ ପାଖକୁ ଆସୁଥିଲା, ଖର୍ଚ୍ଚ କରି ନେବାକୁ ଅନୁମତି ଦେଇ ଦେଲେ । ଏହା ଉଦାରତା ଓ ମହାନତାର ଏକ ଅସାଧାରଣ ପ୍ରମାଣ ଅଟେ।" **(ହୟାତେ ଅହମଦ, ଲେଖକ- ୟାକୁବ୍ ଅଲୀ ଇର୍‌ଫାନୀ ସାହେବ ର.ଅ, ଭାଗ-2, ଗ୍ରନ୍ଥଖଣ୍ଡ-2, ପୃଷ୍ଠା-200)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁନ୍‌ସୀ ଜଫର୍ ଅହମଦ ସାହେବ ର.ଅ କୁହନ୍ତି ଯେ: "ମିର୍ଜା ନିଜାମୁଦ୍ଦୀନ୍ ସାହେବ ର.ଅ ଏବଂ ମିର୍ଜା ଇମାମୁଦ୍ଦୀନ୍ ସାହେବ ଜମାଅତ୍‌ର ଘୋର ବିରୋଧୀ ହେବା ସତ୍ତ୍ୱେ ହ. ମସିହ୍ ମଉଦ୍ ଅ.ସଙ୍କର ମଧ୍ୟ ଘୋର ବିରୋଧୀ ଥିଲେ । ଏମାନେ ଦୁହେଁ ସମ୍ପର୍କୀୟ ମଧ୍ୟ ଥିଲେ କିନ୍ତୁ ଘୋର ବିରୋଧୀ ଥିଲେ । କିନ୍ତୁ ଆବଶ୍ୟକତା ସମୟରେ ଯେତେବେଳେ ସେମାନେ କିଛି ମାଗୁଥିଲେ ସେତେବେଳେ ହୁଜୁର୍ ଅ.ସ ତାହା ପୂରଣ କରି ଦେଉଥିଲେ । ସେ କୁହନ୍ତି ଯେ, "ଏକଦା ମୋ ସାମ୍ନାରେ ମିର୍ଜା ନିଜାମୁଦ୍ଦୀନ୍ ସାହେବ ହୁଜୁର୍ ଅ.ସଙ୍କୁ ପଚାଶ ଟଙ୍କା କିମ୍ବା ଅଧିକ ଟଙ୍କା ହୁଜୁର୍ ଅ.ସଙ୍କ ଠାରୁ ମାଗିଲେ । ହୁଜୁର୍ ଅ.ସ ତୁରନ୍ତ ହାଫିଜ୍ ହାମିଦ୍ ଅଲୀ ସାହେବ ର.ଅଙ୍କ ହାତରେ ସେହି ଟଙ୍କା ପଠାଇଦେଲେ ।"

**(ରିୱାୟାତ୍ ଅସ୍‌ହାବେ ଅହମଦ, ଭାଗ-4, ପୃଷ୍ଠା-215-216)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, "ଡାକ୍ତର ମୀର୍ ମୁହମ୍ମଦ ଇସ୍‌ମାଇଲ୍ ସାହେବ ର.ଅ ମୋତେ କହିଲେ ଯେ, ଅବ୍‌ଦୁଲ୍ ମୁହି ସାହେବ ଆରବୀ ମୋ ସହ ଦିନେ ହ. ଖଲିଫା ଅୱଲ୍ ର.ଅଙ୍କ ସମୟର କଥା ଚର୍ଚ୍ଚା କଲେ ଯେ, 'ହୁଜୁର ଅ.ସଙ୍କ ଉଦାରତା ସଂପର୍କରେ କ'ଣ କହିବି! ସେ କୁହନ୍ତି: 'ମୋତେ କେବେ ଆପଣଙ୍କ ସମୟରେ କୌଣସି କଷ୍ଟ ହୋଇ ନାହିଁ । ଯାହା ଆବଶ୍ୟକତା ହେଉଥିଲା ନିର୍ଦ୍ଦ୍ୱନ୍ଦ୍ୱରେ ମୁଁ ମାଗି ନେଉଥିଲି ଏବଂ ହୁଜୁର୍ ଅ.ସ ମୋ ଆବଶ୍ୟକତା ଠାରୁ ଅଧିକ ମୋତେ ଦେଉଥିଲେ ଓ ନିଜ ଆଡୁ ମଧ୍ୟ ଆପଣ ଅ.ସ ମୋତେ ଦେଉଥିଲେ । ଯେତେବେଳେ ହୁଜୁର୍ ଅ.ସଙ୍କର ଅକାଳ ବିୟୋଗ ହେଲା ସେତେବେଳେ ଯଦିଓ ହ. ମୌଲନା ହକୀମ୍ ନୁରୁଦ୍ଦୀନ୍ ସାହେବ ର.ଅ ଖଲିଫା ଅୱଲ୍ (ଜମାଅତ୍‌ର ପ୍ରଥମ ଖଲିଫା ହୋଇଥିଲେ) । ଯଦିଓ ସେ (ଖଲିଫା ଅୱଲ୍ ର.ଅ) ଜଣେ ଅତ୍ୟନ୍ତ ଉଦାରଶୀଳ ବ୍ୟକ୍ତି ରୂପେ ଖ୍ୟାତ ଥିଲେ । କିନ୍ତୁ ଆପଣ ର.ଅ ମୋର ଆବଶ୍ୟକତା ପୂରଣ କରିପାରିଲେ ନାହିଁ । ଶେଷରେ ନିରୁପାୟ ହୋଇ ମୁଁ ତାଙ୍କୁ ଲେଖିଲି ଯେ, ମହୋଦୟ ! ଆପଣ ହଜରତ୍ ମସିହ ମଉଦ୍ ଅ.ସଙ୍କର ଖଲିଫା ତ' ହୋଇଗଲେ, କିନ୍ତୁ ମୋର ଆବଶ୍ୟକତା ପୂରଣ କରିବାରେ ତାଙ୍କ (ହ. ମସିହ୍ ମଉଦ୍ ଅ.ସଙ୍କର)ର ପ୍ରତିନିଧିତ୍ୱ କଲେ ନାହିଁ । ହୁଜର୍ ଅ.ସ ତ' ମୋ ସହିତ ଏପରି ବ୍ୟବହାର ପ୍ରଦର୍ଶନ କରୁଥିଲେ । ପ୍ରତ୍ୟୁତ୍ତରରେ ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ମୋତେ ସାହାଯ୍ୟ କଲେ ।" କିନ୍ତୁ ସେ କୁହନ୍ତି ଯେ, "ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! କେଉଁଠି ହୁଜୁର୍ ଅ.ସ ଏବଂ କେଉଁଠି ହ. ଖଲିଫା ଅୱଲ୍ ର.ଅ । ଆପଣ ଅ.ସଙ୍କ ସହିତ ତୁଳନାରେ ଖଲିଫା ଅୱଲ୍ ର.ଅ କିଛି ବି ନୁହଁନ୍ତି ।"

**(ସିରତୁଲ୍ ମହଦୀ, ଭାଗ-1, ଗ୍ରନ୍ଥଖଣ୍ଡ-2, ପୃଷ୍ଠା-545, ରିୱାୟତ୍ ନଂ-562)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଥରେ ହଜରତ ମସିହ ମଉଦ୍ ଅ.ସଙ୍କ ଘରୁ ଜଣେ ଗରିବ ସ୍ତ୍ରୀ ଲୋକ କିଛି ଚାଉଳ ଚୋରି କରିନେଲା । ଲୋକମାନେ ତାକୁ ଦେଖିନେଲେ ଏବଂ ପାଟିତୁଣ୍ଡ ହେଲା । ହ. ମସିହ ମଉଦ୍ ଅ.ସ ସେତେବେଳେ ନିଜ କୋଠରୀରେ କାମ କରୁଥିଲେ । ପାଟିତୁଣ୍ଡ ଶୁଣି ହୁଜୁର୍ ଅ.ସ ବାହାରକୁ ଆସିଲେ ଏବଂ ଦେଖିଲେ ଯେ ଜଣେ ଗରିବ, ଦୀନ ଦରିଦ୍ର ମହିଳାଟିଏ ଛିଡ଼ା ହୋଇଛି ଏବଂ ତା' ହାତରେ ଅଳ୍ପ କିଛି ଚାଉଳର ପୁଟୁଳି ଅଛି । ହ. ମସିହ ମଉଦ୍ ଅ.ସ ଘଟଣା ବିଷୟରେ ଜାଣିଲେ ଏବଂ ସେହି ଗରିବ ସ୍ତ୍ରୀ ଲୋକର ଅବସ୍ଥା ଦେଖି ଆପଣ ଅ.ସଙ୍କ ମନ ତରଳିଗଲା । ଆପଣ ଅ.ସ କହିଲେ, "ଏହି ମହିଳାଟି ଭୋକିଲା ଏବଂ ନିଃସ୍ୱ (କାଙ୍ଗାଳ) ଜଣାପଡୁଛି । ତାକୁ ଆଉ କିଛି ଚାଉଳ ଦେଇ ବିଦା କରିଦିଅ ଏବଂ ଈଶ୍ୱରଙ୍କର ଦୋଷ ଢାଙ୍କିବାର ଗୁଣ (ସତ୍ତାରୀ) ଅବଲମ୍ବନ କର । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହମଦ ର.ଅ ଉପରୋକ୍ତ ଘଟଣା ବର୍ଣ୍ଣନା କରି ଉଲ୍ଲେଖ କରନ୍ତି ଯେ, ଉକ୍ତ ଘଟଣା ସଂପର୍କରେ କୌଣସି ଧୈର୍ଯ୍ୟହରା ବ୍ୟକ୍ତି କହିପାରିବ ଯେ ଏହା ତ' ଚୋରି କରିବାକୁ ସାହସ ଏବଂ ପ୍ରଶ୍ରୟ ଦେବା ଭଳି କଥା ଅଟେ । ଅର୍ଥାତ୍ ଜଣେ ଚୋରକୁ ଆପଣ ଅ.ସ ସାହସୀ କରୁଛନ୍ତି । କିନ୍ତୁ ଜ୍ଞାନୀ ଲୋକମାନେ ବୁଝନ୍ତି ବୁଦ୍ଧିମାନ ବ୍ୟକ୍ତି ବୁଝେ ଯେ, ଯେତେବେଳେ ଧନ ହଜରତ ମସିହ ମଉଦ୍ ଅ.ସଙ୍କର ଥିଲା ଏବଂ ନେଉଥିବା ସ୍ତ୍ରୀ ଲୋକଟି ଜଣେ ଭୋକରେ ମରୁଥିବା ନିଃସ୍ୱ (କାଙ୍ଗାଳୀ) ସ୍ତ୍ରୀ ଲୋକଟିଏ ଥିଲା ସେତେବେଳେ ଏହା ଚୋରିରେ ସାହାଯ୍ୟ କରିବା ନୁହେଁ । ବରଂ ପ୍ରକୃତରେ ଇତ୍‌ଆମେ ମିସ୍କିନ୍ (ଗରିବଙ୍କୁ ଆହାର ଦେବା) ମଧ୍ୟରେ ଗଣ୍ୟ ହୁଏ । ହଦିସରୁ ପ୍ରମାଣିତ ଯେ, ହ. ମୁହମ୍ମଦ ସ.ଅ ମଧ୍ୟ ଏପରି ପରିସ୍ଥିତିରେ, ଯେତେବେଳେ ଚୋରି କରୁଥିବା ବ୍ୟକ୍ତି ଅତ୍ୟନ୍ତ ଗରିବ ହୋଇଥାଏ ଏବଂ ଅତ୍ୟାଧିକ ଭୋକ ଓ କ୍ଷୁଧାତୁର ପରିସ୍ଥିତିରେ କିଛି ଖାଇବା ଜିନିଷ

ଉଠାଇ ନିଏ ସେତେବେଳେ ତାକୁ ଚୋର ବୋଲି ଗ୍ରହଣ କରି ନାହାନ୍ତି ବରଂ ଆପଣ ଅ.ସ କ୍ଷମା, ଉଦାରତା ଦେଖାଇ ଆଖି ବନ୍ଦ କରି ନେଇଛନ୍ତି ।" **(ସିରତେ ତୈୟେବା, ଲେଖକ- ହ. ମିର୍ଜା ବଶୀର୍ ଅହମଦ ଏମ୍.ଏ. ର.ଅ ସାହେବ, ପୃଷ୍ଠା-64-65)** ସୁତରାଂ ଏ ହେଉଛି ନିଜର ପ୍ରିୟ ମୁନିବ ସ.ଅଙ୍କର ପୂର୍ଣ୍ଣ ଆଜ୍ଞାବହତ୍ୱର ଉଦାହରଣ ।

اَللّٰهُمَّ صَلِّ عَلٰى مُحَمَّدٍ وَّعَلٰى عَبْدِكَ الْمَسِيْحِ الْمَوْعُوْدِ وَبَارِكْ وَسَلِّمْ ☆☆☆

## ପୃ-1ରେ ବର୍ଣ୍ଣିତ ତଫସିର୍ କବିରର ଅବଶିଷ୍ଟାଂଶ.....

ଉଦ୍‌ବେଳିତ ହେବ, ଯେପରି ଜଣେ ମା' ହୃଦୟରେ ନିଜ ସନ୍ତାନ ପ୍ରତି ପ୍ରେମ ଉଚ୍ଛୁଳି ପଡ଼ିଥାଏ ।" **(ତଫ୍‌ସୀରେ କବୀର୍, ଭାଗ-6, ପୃଷ୍ଠା-169, ପ୍ରକାଶିତ: ୟୁ.କେ)"** ☆☆☆

## ପୃ-2ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ.....

ନବୁଅତ୍ (ପ୍ରଫେଟ୍‌ହୁଡ୍ ବା ଅବତାରତ୍ୱ)କୁ ମଧ୍ୟ ଅଧିକ ପ୍ରାଥମିକତା ଦିଅନ୍ତି । ସେମାନେ ଏପରି ମଧ୍ୟ କୁହନ୍ତି ଯେ, ହ. ଜିବ୍ରାଇଲ୍ ଅ.ସଙ୍କର ଭୁଲ୍ ହୋଇଗଲା, ଐଶୀବବାଣୀ ହ. ଅଲୀ ର.ଅଙ୍କ ପାଖକୁ ଆସିବାର ଥିଲା, କିନ୍ତୁ ତାହା ହ. ମୁହମ୍ମଦ୍ ସ.ଅଙ୍କ ଉପରେ ଅବତୀର୍ଣ୍ଣ କରାଗଲା ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହି ଲୋକମାନେ ପ୍ରଥମ ତିନି ଜଣ ଖଲିଫାଙ୍କୁ ଭୁଲ୍ ବୋଲି କୁହନ୍ତି । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହି ପ୍ରଶ୍ନ ଅଶାନ୍ତି ତଥା ବିଶୃଙ୍ଖଳା ସୃଷ୍ଟିକାରୀମାନେ ପ୍ରଶ୍ନ ଉଠାଇଛନ୍ତି । ସେମାନେ କୁହନ୍ତି ଯେ, ହ. ମୁହମ୍ମଦ୍ ସ.ଅ କହିଥିଲେ ଯେ ମୋର 'ଅହଲେ ବୈତ୍'ଙ୍କୁ ପ୍ରାଥମିକତା ଦିଅ, ଯଦିଓ ହ. ମୁହମ୍ମଦ୍ ସ.ଅଙ୍କର ଅର୍ଥ ଥିଲା ଯେ ତୁମେମାନେ ମୋର କଥାକୁ ସେତିକି (ସେହିପରି) ଶୁଣ ଯେତିକି (ଯେପରି) ତୁମେମାନେ ନିଜର ନିକଟତର ଲୋକଙ୍କ କଥା ଶୁଣିଥାଅ । ଏହି ଲୋକମାନେ ଏହାର ଭୁଲ୍ ବ୍ୟାଖ୍ୟା କରନ୍ତି । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, କିଛି ବର୍ଷ ପୂର୍ବେ ଜଣେ ଶିୟା ପରିବାର ବୈଅତ୍ (ଦୀକ୍ଷା) ଗ୍ରହଣ କରିଛନ୍ତି । ସେମାନେ କୁହନ୍ତି ଯେ, ମୋତେ ଏବେ ଅହମଦି ହେବା ପରେ ଜଣାପଡ଼ିଲା ଯେ, ହ. ମୁହମ୍ମଦ୍ ସ.ଅଙ୍କ ପ୍ରକୃତ ପ୍ରେମ କ'ଣ ?

ହ. ମସିହ୍ ମଉଦ୍ ଅ.ସ କହିଛନ୍ତି ଯେ, ଚାରିଜଣ ଯାକ ଖଲିଫା ସତ୍‌ପଥଗାମୀ (ଖୁଲଫାଏ ରାଶିଦୀନ୍) ଥିଲେ ଏବଂ ମୁଁ ମୋର ଉଦ୍‌ବୋଧନରେ ମଧ୍ୟ ଏହା ଉଲ୍ଲେଖ କରି ଆସୁଛି । ଯୁଦ୍ଧଗୁଡ଼ିକରେ ହ. ଅବୁ ବକ୍କର ର.ଅ ହ. ମୁହମ୍ମଦ୍ ସ.ଅଙ୍କ ସହିତ ଅତ୍ୟନ୍ତ ବିପଜ୍ଜନକ ସ୍ଥାନରେ ରହୁଥିଲେ । ହ. ଅଲୀ କୁହନ୍ତି ଯେ, ମୁଁ ମଧ୍ୟ ସେପରି ସ୍ଥାନରେ ରହୁ ନଥିଲି ।

ହ. ମସିହ୍ ମଉଦ୍ ଅ.ସ ତ' ୟଜୀଦ୍‌କୁ ଅପବିତ୍ର (ପଲୀଦ୍) ବୋଲି ଉଲ୍ଲେଖ କରିଛନ୍ତି। ଏଥିପାଇଁ ଆପଣମାନେ ଅର୍ଥାତ୍ (ପ୍ରଶ୍ନକର୍ତ୍ତା) ଅ.ବ ହ. ଖଲିଫତୁଲ୍ ମସିହ୍ ଦ୍ୱିତୀୟ ର.ଅଙ୍କର ଏକ ସଂକ୍ଷିପ୍ତ ପୁସ୍ତକ " ଇସ୍‌ଲାମ୍ ମେଁ ଇଖ୍‌ତିଲାଫାତ୍ କା ଆଗାଜ୍" (ଇସ୍‌ଲାମ୍ ଧର୍ମରେ ମତଭେଦର ଆରମ୍ଭ) ପାଠ କରନ୍ତୁ । ସେହିପରି ଆପଣ ର.ଅଙ୍କର ଅନ୍ୟ ଏକ ପୁସ୍ତକ ହ. ଅଲୀଙ୍କ ସଂପର୍କରେ ମଧ୍ୟ ରହିଛି, ତାହାକୁ ମଧ୍ୟ ପାଠ କରନ୍ତୁ । ସେହିପରି ହୁଜୁର୍ ଅନ୍‌ୱର୍ ଅ.ବଙ୍କୁ ଆଉ ଗୋଟିଏ ପ୍ରଶ୍ନ ପଚରାଯାଇଥିଲା ଯେ, ପ୍ରିୟ ହୁଜୁର୍ ! ଆମେମାନେ ଜମାଅତ୍ ଏବଂ ସମଗ୍ର ବିଶ୍ୱ ପାଇଁ କିପରି ଏକ ଉଚ୍ଚ ଆଦର୍ଶ (ଉଦାହରଣ) ହୋଇପାରିବୁ ?

ହୁଜୁର୍ ଅନ୍‌ୱର୍ ଅ.ବ ଉତ୍ତର ପ୍ରଦାନ କରି କହିଲେ, କାଲି ହିଁ ମୁଁ ଉଚ୍ଚ ଆଦର୍ଶ ବିଷୟରେ କହିଛି । ଆପଣମାନେ ଦୀକ୍ଷାର ସର୍ତ୍ତାବଳୀ (ଶରାଏତେ ବୈଅତ୍) ପାଳନ କରନ୍ତୁ, ଏହା ହିଁ ଆଦର୍ଶ । ବହୁତ ଲୋକ କୁହନ୍ତି ଯେ, ଆମେ ଅହମଦିମାନଙ୍କର ଆଚରଣଗତ ଆଦର୍ଶକୁ ଦେଖି ଦୀକ୍ଷା ଗ୍ରହଣ କରିଛୁ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ବିଗତ ଦିନରେ ମୁଁ ଧର୍ମ ପ୍ରଚାର (ଦାୱତ୍ ଇଲଲ୍ଲାଃ) ଉପରେ ଖୁତ୍‌ବା ଦେଇଥିଲି । ସେହି ଖୁତ୍‌ବାରେ ମଧ୍ୟ କହିଥିଲି ଯେ, ନିଜର ଉଚ୍ଚ ଆଦର୍ଶ ପ୍ରଦର୍ଶନ କର ।

ହୁଜୁରେ ଅନ୍‌ୱର୍ ଅ.ବ ଇତ୍ୟବସରରେ କହିଲେ, ହ. ମସିହ୍ ମଉଦ୍ ଅ.ସ ଜଣେ ମୌଲବୀଙ୍କ ଘଟଣା ଶୁଣାଇଥିଲେ, ଯିଏ ମସ୍‌ଜିଦ୍‌ରେ ଆର୍ଥିକ ବଳିଦାନ ପାଇଁ ଉପଦେଶ ଦେଇଥିଲା ଏବଂ ତା'ର ଉପଦେଶରେ ପ୍ରଭାବିତ ହୋଇ ତା'ର ସ୍ତ୍ରୀ ନିଜର ସୁନାର କଡ଼ା (କଙ୍କଣ ବା ଚୂଡ଼ି) ମୌଲବୀ ସାହେବଙ୍କୁ ଚାନ୍ଦା (ଦାନ) ଦେବା ପାଇଁ ଦେଲା । ତେବେ ମୌଲବୀ ସାହେବ କହିଲେ ଯେ ଏହା ତ' ମୁଁ ଲୋକଙ୍କ ଭାବନାକୁ ଜାଗ୍ରତ କରିବା ପାଇଁ କହିଥିଲି, ଏହା ଆମ ପାଇଁ ଉଦ୍ଦିଷ୍ଟ ନଥିଲା । ଅର୍ଥାତ୍ ଏହି ଉପଦେଶ ଆମମାନଙ୍କ ପାଇଁ ନଥିଲା ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯେତେବେଳେ ଏପରି କୁଆଚରଣ ହେବ ସେତେବେଳେ କ'ଣ ବା ପ୍ରଭାବ ପଡ଼ିବ ? ଆମମାନଙ୍କ ମଧ୍ୟରେ ତ' ପ୍ରତ୍ୟେକ ବ୍ୟକ୍ତି ଆର୍ଥିକ ବଳିଦାନ ଦେଇଥାଏ । ମୁଁ ମଧ୍ୟ କରେ ଏବଂ ଆପଣମାନେ ମଧ୍ୟ କରନ୍ତି । ପୁଣ୍ୟଶ୍ଳୋକ ହୁଜୁର ଅନ୍‌ୱର୍ ଅ.ବ ଉପରୋକ୍ତ ଅନ୍‌ଲାଇନ୍ ସାକ୍ଷାତ୍‌କାରର ସାରାଂଶ ଉପସ୍ଥାପନ କରି ଜମାଅତ୍‌ର ସମସ୍ତ ସଦସ୍ୟବୃନ୍ଦଙ୍କୁ ବିଶେଷ କରି ଖୁଦ୍ଦାମ୍‌ମାନଙ୍କୁ ଅନୁରୋଧ କରି କହିଲେ, ଖୁଦ୍ଦାମ୍‌ମାନଙ୍କୁ ନିବେଦନ କରାଯାଉଅଛି ଯେ, ଏମ୍.ଟି.ଏ. (MTA)ରେ ଏହି କାର୍ଯ୍ୟକ୍ରମକୁ ଅବଶ୍ୟ ଶୁଣନ୍ତୁ ଏବଂ ଅନ୍ୟମାନଙ୍କୁ ମଧ୍ୟ ଶୁଣାନ୍ତୁ । ହୁଜୁର୍ ଅନୱର୍ ଅ.ବ କହିଲେ, ଆମେମାନେ ଆମ ପ୍ରିୟ ଇମାମ୍ (ଯୁଗାବତାରଙ୍କ) ପବିତ୍ର ବାଣୀକୁ ଧ୍ୟାନର ସହିତ ଶୁଣିବାକୁ ଏବଂ ତାହାକୁ ହୃଦୟର ସହିତ ପାଳନ କରିବାକୁ ଅଲ୍ଲାଃତାଲା ଆମ ସମସ୍ତଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ୱ ବିଲ୍ଲାଃହି ତୌଫିକ୍** (ସମସ୍ତ ସାମର୍ଥ୍ୟ ଅଲ୍ଲାଃତାଲାଙ୍କ ଠାରୁ ହିଁ ମିଳିଥାଏ) । ☆☆☆

## ପୃ-10 ରେ ବର୍ଣ୍ଣିତ ହୁଜୁର୍ ଅ.ବଙ୍କ ଗସ୍ତର ଅବଶିଷ୍ଟାଂଶ.....

ସେଠାରେ ଆମର ମହିଳାମାନେ ସେହି ଅତିଥିମାନଙ୍କ ସହ ଉପସ୍ଥିତ ନଥାନ୍ତି ?

ହୁଜୁର୍ ଅନ୍‌ୱର୍ ଅ.ବ ଉପରୋକ୍ତ ପ୍ରଶ୍ନର ଉତ୍ତର ଦେଇ କହିଲେ, ପ୍ରଥମ କଥା ହେଉଛି ଆସୁଥିବା ଅତିଥିମାନଙ୍କୁ ଆମର ପରମ୍ପରା ବିଷୟରେ ଜଣାଥିବା ଉଚିତ୍। ଶେଷରେ ସେହିମାନଙ୍କୁ ହିଁ ନିମନ୍ତ୍ରଣ କରନ୍ତୁ ଯାହାଙ୍କ ସହ ପୂର୍ବରୁ ସମ୍ପର୍କ ଓ ଯୋଗାଯୋଗ ଥାଏ, ତେଣୁ ସେମାନଙ୍କୁ ପୂର୍ବରୁ ଜଣାଇଦେବା ଦରକାର । ଦ୍ୱିତୀୟ କଥା ହେଉଛି ଯେ, ଯେଉଁ ମହିଳାମାନେ ଅତିଥିମାନଙ୍କୁ ନେଇ ଆସନ୍ତି, ସେମାନଙ୍କ ପାଇଁ ହଲ୍‌ର ପଛ ଭାଗର ଗୋଟିଏ କୋଣରେ ସ୍ଥାନ ନିର୍ଦ୍ଧାରିତ କରି ବ୍ୟବସ୍ଥା କରାଯାଉ । ସେଠାରେ ସେମାନେ ନିଜର ସମ୍ପୂର୍ଣ୍ଣ ଆଚ୍ଛାଦିତ ପୋଷାକ (ପରଦା) ସହ ନିଜ ଅତିଥିମାନଙ୍କ ସହ ବସି ପାରିବେ । କିନ୍ତୁ ଭୋଜନ କରିବା ପାଇଁ ପରଦା ଭିତରେ ଅଲଗା ସ୍ଥାନ ରହିବ, ସେଠାକୁ ଯାଇ ଭୋଜନ କରିବେ । ତେଣୁ କାର୍ଯ୍ୟକ୍ରମ ସୀମା ପର୍ଯ୍ୟନ୍ତ ତ' ଠିକ୍ ଅଛି ଯେ, ଗୋଟିଏ କୋଣରେ ବସିବେ, ବାକି ଗପସପ କରିବାର ଅନୁମତି ନାହିଁ କିମ୍ବା ସେଠାରେ ବସି ଭୋଜନ କରିବାର ଅନୁମତି ନାହିଁ । ଭୋଜନ ପାଇଁ ପରଦା ସହ ଅଲଗା ସ୍ଥାନ ରହିବ ।

ହୁଜୁର୍ ଅନୱର୍ ଅ.ବ କହିଲେ, ନ୍ୟାସନାଲ ସେକ୍ରେଟାରୀ ଅମୁରେ ଆମ୍ମା (ସାଧାରଣ ବ୍ୟାପାର)ଙ୍କୁ ପଚାରିଲେ ଯେ, ଆପଣଙ୍କର କ'ଣ କାମ ? ପ୍ରତ୍ୟୁତ୍ତରରେ ସେ କହିଲେ, ତିନୋଟି କାମ ଅଛି, 1- ହେଉଛି ଜମାଅତ୍‌ର ଲୋକମାନଙ୍କର କଲ୍ୟାଣ ଏବଂ ବିକାଶ। ଏଥି ସଂକ୍ରାନ୍ତରେ ହଜୁରେ ଅନୱର ଅ.ବ କହିଲେ, ଏହା ହିଁ ପ୍ରକୃତ କାମ ଅଟେ । ତା'ପରେ ସେ କହିଲେ ଦ୍ୱିତୀୟ କାମ ହେଲା (2) ବିବାଦ ଏବଂ ଝଗଡ଼ା ସମାଧାନ କରିବା ଏବଂ (3) ତୃତୀୟ କାମ ସୁରକ୍ଷା ଦିଗ ସହିତ ଜଡ଼ିତ । ସେକ୍ରେଟାରୀ ତରବିୟତ୍ (ସଂସ୍କାର ସଚିବ) ଜଣାଇଲେ ଯେ, ବର୍ତ୍ତମାନ ଆଠଟି ବିବାଦ ଉମୁରେ ଆମ୍ମା ପାଖରେ ଅଛି । ଗୋଟିଏ ଧର୍ମ ସମ୍ବନ୍ଧୀୟ ମାମଲା ଏବଂ ବାକିଗୁଡ଼ିକ ସ୍ୱାମୀ-ସ୍ତ୍ରୀଙ୍କ ପାରିବାରିକ କଳହ ମାମଲା । ଏହା ଉପରେ ହୁଜୁର୍ ଅନ୍‌ୱର୍ ଅ.ବ କହିଲେ ଯେ ଯଦି ତର୍‌ବିୟତ୍ ବିଭାଗ ସକ୍ରିୟ ହୋଇଯାଏ, ତେବେ ସମସ୍ତ ମାମଲା ମଧ୍ୟ ଠିକ୍ ହୋଇଯିବ ।

ଅବଶିଷ୍ଟାଂଶ...ପରବର୍ତ୍ତୀ ସଂଖ୍ୟାରେ



## ପୃ-15ରେ ବର୍ଣ୍ଣିତ ଖୁତବା ଜୁମାର ଅବଶିଷ୍ଟାଂଶ.....

ଆପଣଙ୍କ ସ୍ୱଭାବ ବିରୁଦ୍ଧୀୟ କଥା ଥିଲା ଓ ଆପଣଙ୍କ ଉଦାର ବିରୋଧୀ ଥିଲା । ସେ ଯାହାହେଉ ଆପଣ ତ' ସମସ୍ତଙ୍କୁ ଖାଦ୍ୟ ଖୁଆଇବାର ଥିଲା । ଏହା ଦେଖି ହ. ବିବି ସାହିବା ହ. ଅମ୍ମା ଜାନ୍ ର.ଅ ହୁଜୁର ଅ.ସଙ୍କୁ ଭିତରକୁ ଡକାଇଲେ ଏବଂ କହିଲେ ଯେ, 'ଖାଦ୍ୟ ତ' ଅଳ୍ପ ଅଛି, କେବଳ ସେହି କେତେଜଣ ଅତିଥିମାଙ୍କ ପାଇଁ ରନ୍ଧା ହୋଇଛି ଯାହାଙ୍କ ପାଇଁ ଆପଣ ପୂର୍ବରୁ କହିଥିଲେ ।' ଆପଣ ଅ.ସ କହିଲେ ଯେ, 'ସମ୍ଭବତଃ ବାକି ଖାଦ୍ୟ କିଛି ଟାଣି ଓଟାରି ବ୍ୟବସ୍ଥା କରା ଯାଇପାରିବ । ମାତ୍ର ଜର୍ଦ୍ଦା (ମିଠା ଭାତ) ତ' ବହୁତ କମ୍ ଅଛି, ତା'ର କ'ଣ କରାଯିବ ? ତେବେ ହ. ଅମ୍ମା ଜାନ୍ ର.ଅ ନିଜେ କହିଲେ, ହଉ ହଉ ମୁଁ ଜର୍ଦ୍ଦା ପଠାଇବି ନାହିଁ । ବାକି ଖାଦ୍ୟ କାଢ଼ି ଦେଉଛି ।' ହ. ସାହେବ ଅ.ସ କହିଲେ, ନାହିଁ ! ଏହା ଉଚିତ୍ ନୁହେଁ । ତୁମେ ଜର୍ଦ୍ଦାର ପାତ୍ରଟି ମୋ ପାଖକୁ ଆଣ ।' ତେଣୁ ହୁଜୁର୍ ଅ.ସ ସେହି ପାତ୍ର ଉପରେ ରୁମାଲ ଘୋଡ଼ାଇଦେଲେ ଏବଂ ତା'ପରେ ରୁମାଲ୍ ତଳେ ନିଜ ହାତ ନେଇ ନିଜ ଆଙ୍ଗୁଠିଗୁଡ଼ିକୁ ଜର୍ଦ୍ଦାରେ ପୂରାଇଦେଲେ ଏବଂ ତା'ପରେ କହିଲେ: 'ଏବେ ତୁମେ ସମସ୍ତଙ୍କ ପାଇଁ ଖାଦ୍ୟ କାଢ଼, ଈଶ୍ୱର ବର୍‌କତ୍ (କଲ୍ୟାଣ) ଦେବେ ।' ତେଣୁ ମିଆଁ ଅବ୍‌ଦୁଲ୍ଲାଃ ସାହେବ ର.ଅ କୁହନ୍ତି ଯେ ଜର୍ଦ୍ଦା ସମସ୍ତଙ୍କ ପାଇଁ ଆସିଥିଲା ଏବଂ ସମସ୍ତେ ଖାଇଲେ ଏବଂ ତା'ପରେ କିଛି ବଳି ମଧ୍ୟ ପଡ଼ିଲା । ସୁତରାଂ ହ. ମିଆଁ ଅବ୍‌ଦୁଲ୍ଲାଃ ସାହେବ ର.ଅ ବର୍ଣ୍ଣନା କଲେ ଯେ, ମୋତେ ଏହି ଘରୋଇ କଥା ସ୍ୱୟଂ ହୁଜୁର ଅ.ସ କହିଥିଲେ ଯେ, 'ଘରେ ଯେତେବେଳେ ଡକାଇ ଏହା କୁହାଗଲା, ମୁଁ ଏହିପରି କଲି ସେତେବେଳେ ଅଲ୍ଲାଃତାଲା ମଧ୍ୟ ବରକତ୍ (କଲ୍ୟାଣ) ପ୍ରଦାନ କଲେ ।" **(ସିରତୁଲ୍ ମହଦୀ, ଗ୍ରନ୍ଥଖଣ୍ଡ-1, ଭାଗ-1, ପୃଷ୍ଠା-133-135, ବର୍ଣ୍ଣନା ସଂଖ୍ୟା-144)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ ନିରାଡମ୍ବର ଭାବରେ ବନ୍ଧୁମାନଙ୍କୁ ଋତୁକାଳୀନ ଫଳମୂଳ ମଧ୍ୟ ଖୁଆଉଥିଲେ ଏବ ପରିବେଷଣ (ଉପସ୍ଥାପିତ) କରୁଥିଲେ, ତହିଁରେ କୌଣସି ଆଡ଼ମ୍ବରର ପକ୍ଷ ନଥିଲା । ଆପଣଙ୍କ ଅ.ସ ଦାନ ସର୍ବଦା ରହୁଥିଲା । ହ. ମୁମ୍‌ତାଜ୍ ଅଲୀ ସାହେବ ସିଦ୍ଦିକୀ ର.ଅ କୁହନ୍ତି: "ମୋର ମନେ ଅଛି ଯେ, ବଗିଚାରେ ଗୋଟିଏ ମଞ୍ଚ (ଶାହ୍ ନଶୀନ୍) ହେଉଥିଲା ଯାହାକୁ ପୁନର୍ବାର ମରାମତି କରାଯାଇଥିଲା । ସେଥିରେ ହୁଜୁର ଅ.ସ ନିଜର ବନ୍ଧୁମାନଙ୍କ ସହିତ ଆସି ବସୁଥିଲେ ଏବଂ କେବେ କେବେ ସେଠାରେ ବସି ଋତୁକାଳୀନ ଫଳ ମଧ୍ୟ ସେବନ କରୁଥିଲେ । ଥରେ ମୋର ମଧ୍ୟ ମନେ ଅଛି ଯେ, ହୁଜୁର ଅ.ସ ନିଜ ସ୍ନେହଭରା ହାତରେ ଦୁଇଟି ଆମ୍ବ ମୋତେ ପ୍ରଦାନ କଲେ ଏବଂ ସେହିପରି ଅନ୍ୟ ବନ୍ଧୁମାନଙ୍କୁ ମଧ୍ୟ ଦୁଇଟି ଲେଖାଏଁ ଆମ୍ବ ଦେଲେ ।" **(ରିୱାୟାତେ ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-2, ପୃଷ୍ଠା-384)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏଗୁଡ଼ିକ ଆପଣଙ୍କ ଅ.ସ ଅସୀମ ବଦାନ୍ୟତା ଓ ଉଦାରତାର କିଛି ଘଟଣା ଯାହାର ଉଦାହରଣ ଆପଣ ଅ.ସ ନିଜର ପ୍ରିୟ ମୁନିବ ହ. ମୁହମ୍ମଦ୍ ସଲ୍ଲଲ୍ଲାଃହୁ ଅଲୈହି ୱସଲ୍ଲମଙ୍କ ଆଜ୍ଞାବହତ୍ୱରେ ପ୍ରଦର୍ଶ କରିଛନ୍ତି ଏବଂ ଏହି ଉଦାରତା ଓ ବଦାନ୍ୟତା ପର ଆପଣା ଏପରିକି ଶତ୍ରୁମାନେ ମଧ୍ୟ ତହିଁରୁ ଉପକୃତ ହେଉଥିଲେ । ☆☆☆

## ବିଗତ ସଂଖ୍ୟା-33ରେ ବର୍ଣ୍ଣିତ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ ଙ୍କ ୨୦୧୩ର ଅଷ୍ଟ୍ରେଲିଆ ଗସ୍ତର ଅବଶିଷ୍ଟାଂଶ..... ।

ହୁଜୁର ଅନ୍‌ୱର କହିଲେ, ସ୍ୱାଧୀନତା ନାମରେ ପ୍ରଶ୍ନ ଉଠୁଛି । ଯେତେବେଳେ ସେମାନଙ୍କୁ କଠୋରତାର ସହିତ ଚପାଇ ଦିଆଯାଏ ସେତେବେଳେ ସମସ୍ୟା ସୃଷ୍ଟି ହୋଇଥାଏ । ଧୈର୍ଯ୍ୟ, ପ୍ରଜ୍ଞା (ହିକ୍‌ମତ୍) ଏବଂ ସ୍ନେହ ଓ ପ୍ରେମର ସହିତ ଇସ୍‌ଲାମ୍‌ର ଶିକ୍ଷା ବର୍ଣ୍ଣନା କରି ସେମାନଙ୍କୁ ବୁଝାଇବା ଉଚିତ୍ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମେଲ୍‌ବର୍ଣ୍ଣରୁ ଗୋଟିଏ ପରିବାର ମୋତେ ଭେଟିବାକୁ ଆସିଥିଲା । ଜଣାପଡ଼ିଲା ଯେ ପୁରୁଷ ଜଣକ ଜମାଅତ୍‌ର (ସଂପ୍ରଦାୟ) କାର୍ଯ୍ୟକ୍ରମରେ ଆସନ୍ତି ନାହିଁ (ସାମିଲ୍ ହୁଅନ୍ତି ନାହିଁ) । କେବଳ ପତ୍ନି ଓ ପିଲାମାନେ ଆସନ୍ତି । ମୋତେ ତାଙ୍କ ମୁଖ ମଣ୍ଡଳରୁ ଅନୁଭବ ହେଲା ଏବଂ ମୁଁ ପଚାରିଲି ମହୋଦୟ! "କୌଣସି ପଦାଧିକାରୀ (ଓହ୍‌ଦେଦାର୍)ଙ୍କ ବ୍ୟବହାର ଯୋଗୁଁ ଆପଣ କଷ୍ଟ ପାଇଛନ୍ତି (ମର୍ମାହତ ହୋଇଛନ୍ତି) କି ?" ଏହା ଶୁଣି ସେ କାନ୍ଦିବାକୁ ଲାଗିଲେ ଏବଂ ଭାବବିହ୍ୱଳ ହୋଇପଡ଼ିଲେ । ମୁଁ ତାଙ୍କୁ ବୁଝାଇଲି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, କିନ୍ତୁ ପଦାଧିକାରୀମାନଙ୍କ ବ୍ୟବହାର ଭଲ ହେବା ଉଚିତ୍ । ନିଜ ପଦାଧିକାରୀମାନଙ୍କୁ ସୁଧାରିବା ଏବଂ ସମ୍ଭାଳିବା ଦରକାର । କେତେକ ଲୋକ ସେମାନଙ୍କ ବ୍ୟବହାର ଯୋଗୁଁ ପଛଘୁଞ୍ଚା ଦିଅନ୍ତି । ନିଜର ବ୍ୟକ୍ତିଗତ ଅହଂକାର (ଅନା) ଏବଂ ମନୋମାଳିନ୍ୟକୁ ସମାପ୍ତ କରନ୍ତୁ । ଈଶ୍ୱର (ଖୁଦାତାଆଲା) ସେବା କରିବାର ସୁଯୋଗ ଦେଉଛନ୍ତି । ତେଣୁ ଏହାକୁ ଏକ ଦିବ୍ୟ ଅନୁଗ୍ରହ (ଫଜ୍‌ଲେ ଇଲାହୀ) ତଥା ଈଶ୍ୱର କୃପା ବୋଲି ମନେକରନ୍ତୁ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମଜ୍‌ଲିସେ ଶୁରା ଏବଂ ସାଂଗଠନିକ ନିର୍ବାଚନ ପୂର୍ବରୁ ମୁଁ ଖୁତ୍‌ବା ଦେଇଥିଲି । ସେହି ଖୁତ୍‌ବାକୁ ସମସ୍ତ ପଦାଧିକାରୀମାନେ ଶୁଣନ୍ତୁ । UK (ୟୁ.କେ) ଶୁରା ଅବସରରେ ମୁଁ ଯେଉଁ ଅଭିଭାଷଣ ଦେଇଥିଲି, ତାହା ମଧ୍ୟ ସମସ୍ତ ପଦାଧିକାରୀମାନେ ଶୁଣନ୍ତୁ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମୋତେ ଏକଥା ଚୌଧୁରୀ ଜହୁର୍ ବାଜ୍‌ୱା ସାହେବ କହିଥିଲେ ଯେତେବେଳେ ହ. ମିର୍ଜା ଶରୀଫ୍ ଅମହଦ୍ ସାହେବ 'ନାଜିର୍ ଇସ୍‌ଲାହ୍ ଓ ଇର୍‌ଶାଦ୍' (ସଂସ୍କାର ଓ ମାର୍ଗଦର୍ଶନ ବିଭାଗର ପ୍ରମୁଖ) ଥିଲେ । ସେହି ସମୟରେ ଯେତେବେଳେ ସ୍ୱର୍ଗତ ଶ୍ରୀଯୁକ୍ତ ଜହୁର୍ ଅମହଦ୍ ବାଜ୍‌ୱା ସାହେବ 'ନାଏବ୍ ନାଜିର୍ ଇସ୍‌ଲାହ୍ ଓ ଇର୍‌ଶାଦ୍' (ଉପ-ପ୍ରମୁଖ) ନିଯୁକ୍ତ ହେଲେ ସେତେବେଳେ ହ. ମିର୍ଜା ଶରୀଫ୍ ଅହମଦ ସାହେବ ତାଙ୍କୁ ବୁଝାଇଥିଲେ ଯେ "ଆପଣ ନାଏବ୍ ନାଜିର୍ ନିଯୁକ୍ତ ହୋଇଛନ୍ତି। ତେଣୁ ଆପଣ ଏକଥା ସର୍ବଦା ମନେରଖନ୍ତୁ ଯେ, କାହାକୁ ଅହମଦିୟତ୍‌ରେ ସାମିଲ୍ କରିବା ବହୁତ କଷ୍ଟକର କାମ ଅଟେ । କିନ୍ତୁ ଦୂରେଇ ଦେବାଟା ବହୁତ ସହଜ କାମ ଅଟେ ।" ତେଣୁ ପଦାଧିକାରୀମାନେ ନିଜର ବ୍ୟବହାରକୁ ପରିବର୍ତ୍ତନ କରିବା ଉଚିତ୍ ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ସହିତ ସ୍ନେହ ଓ ପ୍ରେମର ବ୍ୟବହାର ପ୍ରଦର୍ଶନ କରିବା ଉଚିତ୍ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସମସ୍ତ ଜମାଅତ୍‌ର 'ସେକ୍ରେଟାରୀ ତର୍ବିୟତ୍' (ଶିକ୍ଷା ଓ ପ୍ରଶିକ୍ଷଣ ସଚିବ)ମାନେ ଏକ 'ରିଫ୍ରେସର୍ କୋର୍ସ' (ପୁନଶ୍ଚର୍ଯ୍ୟା ପାଠ୍ୟକ୍ରମ) କରନ୍ତୁ । ଯେପରିକି ସେମାନଙ୍କର ଟ୍ରେନିଂ (ପ୍ରଶିକ୍ଷଣ ତଥା ତାଲିମ୍) ହୋଇପାରିବ । ସେମାନଙ୍କୁ ଜଣାପଡ଼ିବା ଉଚିତ୍ ଯେ, କିପରି କାମ କରିବାକୁ ହେବ ଏବଂ ପ୍ରତ୍ୟେକଙ୍କୁ କିପରି ସାଙ୍ଗରେ ନେଇ ଚାଲିବାକୁ ହେବ ? କିପରି ଧୈର୍ଯ୍ୟ ଓ ପ୍ରଜ୍ଞା (ହିକ୍‌ମତ୍)ର ସହିତ ତର୍ବିୟତ୍ (ସଂସ୍କାର) ଦେଇ ନିଜ ସହିତ ଯୋଡ଼ିବାକୁ ହେବ ଏବଂ ଯେଉଁମାନେ ଦୂରେଇ ଯାଇଛନ୍ତି ସେମାନଙ୍କୁ କିପରି ନିକଟତର କରିବାକୁ ହେବ ?

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସାକ୍ଷାତକାର (ମୁଲାକାତ୍) ଗୁଡ଼ିକ ସମୟରେ ୫ଟି ପ୍ରସଙ୍ଗ ମୋ ସାମ୍ନାକୁ ଆସିଛି । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯାହାର ଯେଉଁ ପ୍ରସଙ୍ଗ ହୋଇଥାଉ ନା କାହିଁକି ଅନ୍ୟ କାହାରିକୁ ଏହି ଅଧିକାର ପ୍ରାପ୍ତ ହୋଇ ନାହିଁ ଯେ, ସେ ତାକୁ ବଦ୍‌ନାମ୍ କରିବ । ଯଦି କଥାଟି ସତ୍ୟ ହୋଇଥାଏ ତଥାପି ବଦ୍‌ନାମ୍ କରିବା ଉଚିତ୍ ନୁହେଁ । ପରଦାପୋଷୀ (ଦୋଷ ଢାଙ୍କିବା) କରିବା ଦରକାର ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଲାଗୁଛି 'ହ୍ୟୁମାନିଟି ଫର୍ଷ୍ଟ' (Humanity First) ସଂଗଠନ ଉପରେ ଅଧିକ ପ୍ରଭାବଶାଳୀ ହେଉଛି । ଖୁଦାମ୍ (ଯୁବକ) ଏବଂ ଅନ୍‌ସାର୍ (ପ୍ରୌଢ଼) ନିଜ ନିଜର ଚାରିଟି ୱାକ୍ (Charity Walk) ଆୟୋଜନ କରନ୍ତୁ ଏବଂ ସେଥିରେ ସେମାନଙ୍କର ନିଜ ନାମ ବ୍ୟବହାର ହେଉ । ସେମାନଙ୍କର ନିରଜ ସ୍ୱତନ୍ତ୍ର ପରିଚୟ ସାମ୍ନାକୁ ଆସୁ । ବାକି ଯେଉଁଠି ଫଣ୍ଡ (ପାଣ୍ଠି) ବଣ୍ଟନ ହେବ, ସେଥିରୁ 'ହ୍ୟୁମାନିଟି ଫର୍ଷ୍ଟ'କୁ ମଧ୍ୟ ନିଶ୍ଚୟ ଦିଅନ୍ତୁ ଏବଂ ଅନ୍ୟାନ୍ୟ ସ୍ଥାନୀୟ ଚାରିଟି (Local Charities) ସଂସ୍ଥାଗୁଡ଼ିକୁ ମଧ୍ୟ ଦିଅନ୍ତୁ । ଯେତେବେଳେ ଚେକ୍ (Check) ପ୍ରଦାନର ସମାରୋହ ଆୟୋଜନ କରିବେ ସେତେବେଳେ ପ୍ରିଣ୍ଟ ଏବଂ ଇଲେକ୍ଟ୍ରୋନିକ୍ ମିଡିଆକୁ ମଧ୍ୟ ନିମନ୍ତ୍ରଣ କରନ୍ତୁ । ଯେପରି ଗୋଟିଏ ପଟେ ଜମାଅତ୍‌ର ପରିଚୟ ହେବ ଏବଂ ଅନ୍ୟପଟେ ଅଣମୁସଲିମ୍ ଏବଂ ଅନ୍ୟମାନଙ୍କୁ ମଧ୍ୟ ଜଣାପଡ଼ିବ ଯେ, ଇସ୍‌ଲାମ୍ ଧର୍ମ କେତେ ସୁନ୍ଦର ଧର୍ମ ଅଟେ ଯିଏ ଯାହା ରଙ୍ଗ, ବଂଶ ଓ ଧର୍ମର ଭେଦଭାବ ବିନା ପ୍ରତ୍ୟେକଙ୍କର କଲ୍ୟାଣ ତଥା ହିତ ସାଧନ କରିବାର ଶିକ୍ଷା ଦିଏ ଏବଂ ପ୍ରତ୍ୟେକଙ୍କୁ ସାହାଯ୍ୟ କରିଥାଏ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହିପରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରନ୍ତୁ। ଚାରିଟି ୱାକ୍ ବ୍ୟତୀତ ରକ୍ତଦାନ (Blood Donation) ଶିବିର ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଏବଂ ବର୍ଷର ଆରମ୍ଭରେ କାଉନ୍‌ସିଲ୍ ସହ ମିଶି ଅଞ୍ଚଳର ସଫେଇ ବା 'ୱକାରେ ଅମଲ୍' (ସାମୂହିକ ସ୍ୱଚ୍ଛତା) କାର୍ଯ୍ୟକ୍ରମ ରହିଛି । ଏହିପରି କାର୍ଯ୍ୟକ୍ରମଗୁଡ଼ିକରେ ମିଡିଆକୁ ସାମିଲ୍ (Involve) କରନ୍ତୁ ଏବଂ ବାରମ୍ବାର ସାମ୍ନାକୁ ଆସନ୍ତୁ । ତେବେ ଜମାଅତ୍‌ର ଅଧିକ ପରିଚୟ ହେବ । ଯେଉଁ କାମ ଦ୍ୱାରା ଭଲପାଇବା ବ୍ୟାପୁଛି ଏବଂ ଇସ୍‌ଲାମ୍ ଧର୍ମର ସୌନ୍ଦର୍ଯ୍ୟତା ପ୍ରକାଶ ପାଉଛି ତାହାର ପ୍ରଚାର ପ୍ରସାର କରିବା ମଧ୍ୟ ଆବଶ୍ୟକ ଅଟେ ।

ହୁଜୁର୍ ଅନ୍‌ୱର୍ ଅ.ବ ପ୍ରକାଶନ ବିଭାଗ (ଶୋବା ଇଶାଅତ୍)କୁ ନିର୍ଦ୍ଦେଶ ଦେଇ କହିଲେ, ଯେ ପୁସ୍ତକଗୁଡ଼ିକର ମୂଲ୍ୟ କମ୍ ରଖନ୍ତୁ ଓ ଲାଭ କମ୍ ନିଅନ୍ତୁ । ଏହାଦ୍ୱାରା ଆପଣଙ୍କ ବହିଗୁଡ଼ିକ ଅଧିକ ସଂଖ୍ୟାରେ ବିକ୍ରି ହେବ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଖଲିଫାତୁଲ୍ ମସିହୁସ୍ ସାନୀ ର.ଅ ପ୍ରାରମ୍ଭିକ ଦିନମାନଙ୍କରେ ରବ୍‌ୱାର ଦୋକାନୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ, ଲାଭ କମ୍ ନିଅନ୍ତୁ। ଏହାଦ୍ୱାରା ଗୋଟିଏ ପଟେ ଆପଣଙ୍କ ସାମଗ୍ରୀ ଅଧିକ ବିକ୍ରି ହେବ ଏବଂ ରୋଜଗାର ମଧ୍ୟ ଭଲ ହେବ, ଅନ୍ୟପଟେ ବାହାରୁ ଜିନିଷପତ୍ର ଓ ସାମଗ୍ରୀ ମଧ୍ୟ ରବ୍‌ୱାକୁ ଆସୁଥିବ । କିନ୍ତୁ ଏବେ ତ' ଲୋକମାନେ ଅଧିକ ଲାଭ ନେବା ଆରମ୍ଭ କରି ଦେଇଛନ୍ତି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପ୍ରକାଶନ ବିଭାଗର କାମ ଟଙ୍କା ରୋଜଗାର କରିବା ନୁହେଁ ବରଂ ସେମାନଙ୍କର ପ୍ରଗତି ଓ ସଫଳତା ଏହିକିଯେ ଆମେମାନେ ଏତେ ପରିମାଣର ସାହିତ୍ୟିକ (Literature) ପୁସ୍ତକ ବିକ୍ରି କରିଛୁ ଏବଂ ଏତେ ବିପୁଳ ସଂଖ୍ୟାରେ ଲୋକମାନେ ପୁସ୍ତକ କ୍ରୟ (କିଣି) କରିଛନ୍ତି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପବିତ୍ର କୁରଆନ୍‌ର ବିକ୍ରି ମଧ୍ୟ ଅଧିକ ହେବା ଉଚିତ୍। ଯଦି ସେଠାରୁ (ଲଣ୍ଡନରୁ) ଆପଣମାନଙ୍କ ପାଖକୁ କୁରଆନ୍ ପହଞ୍ଚିବା ପରେ ଅଧିକ ମହଙ୍ଗା ପଡୁଛି, ତେବେ ସମ୍ପୂର୍ଣ୍ଣ ସମୀକ୍ଷାତ୍ମକ ବିବରଣୀ ଲେଖି ମୋ ପାଖକୁ ପଠାନ୍ତୁ । ତା'ପରେ ମୁଁ ଏହି ବିଷୟରେ ନିର୍ଦ୍ଦେଶ ଦେବି । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମୁଁ ପୂର୍ବରୁ ହିଁ ନିର୍ଦ୍ଦେଶ ଦେଇଛି ଯେ ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ବହି Revelation ନିଜ ଷ୍ଟକ୍‌ରୁ କାଢ଼ି ତାହାକୁ ବାଣ୍ଟନ୍ତୁ, ତାହାର କାଗଜ ହଳଦିଆ ପଡ଼ିଯାଉଛି ।


ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, କାଦିୟାନ୍‌ରୁ ଯେଉଁସବୁ ନୂଆ ବହି ପ୍ରକାଶିତ ହେଉଛି, ତାହା ସାଙ୍ଗେ ସାଙ୍ଗେ ମଗାଉ ଥାଆନ୍ତୁ । ଅନ୍‌ୱାରୁଲ୍ ଉଲୁମର ଏବେ ଆହୁରି ଅଧିକ ଖଣ୍ଡ (Volumes) ପ୍ରକାଶ ପାଇ ସାରିଛି । ତେଣୁ ତାହାକୁ ମଧ୍ୟ ମଗାନ୍ତୁ (ଅର୍ଡର କରନ୍ତୁ) ।

ପୁସ୍ତକଗୁଡ଼ିକର ଅନୁବାଦ ବିଷୟରେ ନିର୍ଦ୍ଦେଶ ଦେଇ ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏଠାରେ ନିଜର ଏକ ଟିମ୍ ଗଠନ କରନ୍ତୁ ଯିଏ ଅନୁବାଦ କାମ କରିବ । ସେମାନଙ୍କର ଇଂରାଜୀ ଭାଷାରେ ଉଚ୍ଚ ଦକ୍ଷତା ଥିବା ଉଚିତ୍ ଏବଂ ତା' ସାଙ୍ଗକୁ ଉର୍ଦ୍ଦୁ ଭାଷା ମଧ୍ୟ ଆସୁଥିବା ଉଚିତ୍ କିମ୍ବା କୌଣସି ବରିଷ୍ଠ ବ୍ୟକ୍ତିଙ୍କୁ ସାଙ୍ଗରେ ଲଗାନ୍ତୁ ଯିଏ ଉର୍ଦ୍ଦୁ ଜାଣିଥିବେ ଏବଂ ଅନ୍ୟମାନେ ସାଙ୍ଗ ହୋଇ ଅନୁବାଦ କରିବେ ।

ଲିଫ୍‌ଲେଟ୍‌ସ (Leaflets/ପତ୍ରିକା) ପ୍ରସ୍ତୁତି ବିଷୟରେ ନିର୍ଦ୍ଦେଶ ଦେଇ ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆଜିକାଲି ସଂସାର ଧର୍ମ ପ୍ରତି ଆଉ ଆଗ୍ରହ ପ୍ରକାଶ କରୁ ନାହିଁ । ଯାହାର ଈଶ୍ୱରଙ୍କ ଉପରେ ବିଶ୍ୱାସ ନାହିଁ, ସେ ଧର୍ମକୁ ନେଇ କ'ଣ ବା କରିବ? ତେଣୁ ଏହା ଜରୁରୀ ଯେ ଏପରି ଲୋକମାନଙ୍କୁ ପ୍ରଥମେ ଈଶ୍ୱରଙ୍କ ଉପରେ ବିଶ୍ୱାସ କରାନ୍ତୁ । ଲୋକଙ୍କ ମନରେ ଏହା ଅଛି ଯେ ଧର୍ମ ଅଶାନ୍ତି ଓ ବିବାଦ ପ୍ରସାରିତ (ସୃଷ୍ଟି) କରିଥାଏ। ତେଣୁ ଏହା ଉପରେ ଅର୍ଥାତ୍ ଈଶ୍ୱର, ଈଶ୍ୱର ବିଶ୍ୱାସ, ଧର୍ମ ଓ ଧର୍ମବିଶ୍ୱାସ ସଂପର୍କରେ ଲିଫ୍‌ଲେଟ୍ ତିଆରି ହେବା ଦରକାର ଯେପରି କି ଲୋକଙ୍କ ମନ ମସ୍ତିଷ୍କ ସ୍ୱଚ୍ଛ ହୋଇପାରିବ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପାମ୍ପଲେଟ୍ (Pamphlet) ପ୍ରଭୃତି ତିଆରି କରିବା ପୂର୍ବରୁ ଯୋଜନା (Plan) କରନ୍ତୁ ଏବଂ ଏକ ସର୍ଭେ (Survey) ପ୍ରସ୍ତୁତ କରନ୍ତୁ ଯେ, ଲୋକଙ୍କର ଆଗ୍ରହ କେଉଁଥିରେ ରହିଛି ? କୌଣସି ଗୋଟିଏ ଅଞ୍ଚଳକୁ ଚୟନ କରି ଜାଣିବାକୁ ଚେଷ୍ଟା କରନ୍ତୁ ଯେ, ଏଠାରେ କେତେଜଣ ନାସ୍ତିକବାଦୀ ଲୋକ ଅଛନ୍ତି ଯେଉଁମାନେ ଈଶ୍ୱରଙ୍କୁ ମାନନ୍ତି ନାହିଁ ଏବଂ କେତେ ପ୍ରତିଶତ ଏପରି ଲୋକ ଅଛନ୍ତି ଯେଉଁମାନେ ଧର୍ମକୁ ପସନ୍ଦ କରନ୍ତି । ଖ୍ରୀଷ୍ଟ ଧର୍ମରେ କେତେ ଲୋକମାନଙ୍କର ଆଗ୍ରହ ରହିଛି ଏବଂ କେତେଜଣ ଇସ୍‌ଲାମ୍‌ର ବିରୋଧୀ ? କେତେଜଣ ଅଛନ୍ତି ଯେଉଁମାନେ ଇସ୍‌ଲାମ୍‌କୁ ଆତଙ୍କବାଦୀଙ୍କ ଧର୍ମ ବୋଲି ଭାବନ୍ତି ? ପ୍ରଥମେ ଏହି ସବୁ ଗବେଷଣା (Research) କରନ୍ତୁ ଏବଂ ପ୍ରଥମେ ଲୋକଙ୍କ ମାନସିକତା ଦେଖନ୍ତୁ । ତା'ପରେ ସେମାନଙ୍କ ଆବଶ୍ୟକତା ଓ ମାନସିକତା ଅନୁଯାୟୀ ଲିଫ୍‌ଲେଟ୍ ଏବଂ ପାମ୍ପଲେଟ୍ ତିଆରି କରି ପ୍ରକାଶ କରନ୍ତୁ ।

ହୁଜୁର୍ ଅନ୍‌ୱର୍ ଅ.ବ ନିର୍ଦ୍ଦେଶ ଦେଇ କହିଲେ, ଖୁଦାମ୍ ଏବଂ ଲଜ୍‌ନା (ମହିଳା ସଂଗଠନ)ର ଅଲଗା ଅଲଗା ଟିମ୍ ଗଠନ କରନ୍ତୁ । ଅହମଦିୟତ୍ ବିରୋଧରେ ଯେଉଁସବୁ ୱେବ୍‌ସାଇଟ୍ ଅଛି ଏହି ଟିମ୍‌ଗୁଡ଼ିକ ସେହି ୱେବସାଇଟ୍‌ଗୁଡ଼ିକୁ ସଠିକ୍ ଶିକ୍ଷାରେ ପୂରପୂର୍ଣ୍ଣ କରି ଦିଅନ୍ତୁ । ଏତେ ପରିମାଣରେ ପରିପୂର୍ଣ୍ଣ କରି ଦିଅନ୍ତୁ ଯେ, ଯେତେବେଳେ ବି କେହି ସେହି ୱେବ୍‌ସାଇଟ୍‌ଗୁଡ଼ିକୁ ଯିବ ସେତେବେଳେ ଯେଉଁଠାରେ ତାକୁ ଅହମଦିୟତ୍ ବିରୋଧୀ ସାମଗ୍ରୀ ଦେଖାଯିବ ସେଠାରେ ହିଁ ଅହମଦିୟତ୍ ଅର୍ଥାତ୍ ସତ୍ୟ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ମଧ୍ୟ ତାକୁ ଦେଖାଯିବ । ସେଠାରେ ହିଁ ତାକୁ ବିରୋଧୀ ପ୍ରଚାରର ଉତ୍ତର ମଧ୍ୟ ମିଳିଯିବ । ଏହି ପ୍ରଶ୍ନର ଉତ୍ତରରେ କେତେକ ଅତିଥିମାନେ ଉକ୍ତ କଥା ପ୍ରକାଶ କରନ୍ତି ଯେ, କୌଣସି ସମାରୋହ କିମ୍ବା ରିସେପ୍‌ସନ୍ (Reception) ଯେଉଁଠାରେ ଅଣଜମାଅତ୍ (Non-Ahmadi) ଅତିଥିମାନଙ୍କୁ ଆମନ୍ତ୍ରିତ କରାଯାଇଥାଏ ଅବଶିଷ୍ଟାଂଶ..ପୃ-09 ରେ



(ଖୁତ୍‌ବା ଜୁମା)

## ଯୁଗାବତାର ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସଙ୍କ ଅସୀମ ଦୟା, ଉଦାରତା ଓ ବଦାନ୍ୟତାର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

**ଖୁତ୍‌ବା ଜୁମା 10 JULY 2026 ମସିହା ଅନୁଯାୟୀ ୧୦ ୱଫା ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦରର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ۔ إِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ହ. ଶେଖ୍ ୟାକୁବ୍ ଅଲୀ ସାହେବ ଇର୍ଫାନୀ ର.ଅ ହ. ମସିହ୍ ମଉଦ୍ ଅ.ସଙ୍କ ଚରିତ୍ର ଚିତ୍ରଣ ସଂପର୍କରେ ବର୍ଣ୍ଣନା କରି ଉଲ୍ଲେଖ କରନ୍ତି: ଆପଣ ଅ.ସ.ଙ୍କ ଜୀବନରେ ଦାନର ଏକ ଅନ୍ୟ ରୂପ ସୁପାରିଶ୍ ଆକାରରେ ଦୃଶ୍ୟମାନ ହେଉଉଥିଲା । କେତେକ ସମୟରେ ତାଙ୍କ ପାଖକୁ ଏପରି କୌଣସି ଭିକ୍ଷୁକ ଆସୁଥିଲା ଯାହାର ନିବେଦନକୁ ପୂରଣ କରିବା ଆପଣ ଅ.ସଙ୍କ ନିଜ ଆୟତ୍ତରେ ନଥିଲା । ବରଂ ଅନ୍ୟମାନଙ୍କ ସହ ଜଡ଼ିତ ଓ ଶଂସ୍ଲିଷ୍ଟ ରହିଥିଲା । ଏପରି ସ୍ଥିତିରେ ଆପଣ ଅ.ସ ଉକ୍ତ ପ୍ରସଙ୍ଗର ବ୍ୟବସ୍ଥା କରୁଥିଲେ ଯେ, ସେହି ଭିକ୍ଷୁକର ଲାଭ ପାଇଁ ଏପରି ଲୋକମାନଙ୍କୁ ସୁପାରିଶ୍ କରୁଥିଲେ ଯାହାଙ୍କୁ ଆପଣ ଅ.ସ ନିଜର କୌଣସି ବ୍ୟକ୍ତିଗତ ଆବଶ୍ୟକତା ନିମନ୍ତେ ମଧ୍ୟ କେବେହେଲେ କିଛି କହୁ ନଥିଲେ । ଅର୍ଥାତ୍ ଅନ୍ୟମାନଙ୍କ କାମ ତ' କରାଇ ନେଉଥିଲେ କିନ୍ତୁ ନିଜ କାମ ସେହି ବ୍ୟକ୍ତିଙ୍କ ଦ୍ୱାରା କେବେ ବି କରାଇ ନଥିଲେ । ଆପଣ ର.ଅ ଉଲ୍ଲେଖ କରନ୍ତି ଯେ, ଏହା ଏପରି ଏକ ଉଦାର ଏବଂ ନିଷ୍କପଟ ତଥା ନିଷ୍ପାପର ଗୁଣ ଯାହା ସଂସାରରେ ଖୁବ୍ କ୍ୱଚିତ୍ (କମ୍) ଦେଖିବାକୁ ମିଳେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ ର.ଅ ମିର୍ଜା ଇମାମୁଦ୍ଦୀନ୍ ସାହେବଙ୍କ ବିଷୟରେ ଉଲ୍ଲେଖ କରନ୍ତି ଯେ, ଏହା କୌଣସି ଗୁପ୍ତ କଥା ନୁହେଁ ଯେ, ମିର୍ଜା ଇମାମୁଦ୍ଦୀନ୍ ସାହେବ ଏହି ଜମାଅତ୍‌ର ଘୋର ଶତ୍ରୁ ଥିଲେ ଏବଂ ହୁଜୁର ଅ.ସଙ୍କ ପରିବାର ସହ ତାଙ୍କର ଶତ୍ରୁତା ଥିଲା । କିନ୍ତୁ ହ. ମସିହ୍ ମଉଦ୍ ଅ.ସ ସାଂସାରିକ ପ୍ରସଙ୍ଗଗୁଡ଼ିକରେ ତାଙ୍କର ଶତ୍ରୁତାକୁ ସବୁବେଳେ ଅଣଦେଖା କରି ଦେଉଥିଲେ । ଧର୍ମ ପର୍ଯ୍ୟନ୍ତ କଥା ତ' ଠିକ୍ ଥିଲା । ଆପଣ ଅ.ସ ଧର୍ମ ପ୍ରସଙ୍ଗରେ ଶତ୍ରୁତା ସହ୍ୟ କରୁନଥିଲେ । କିନ୍ତୁ ସାଂସାରିକ ପ୍ରସଙ୍ଗରେ ଆପଣ ଅ.ସ କେବେ ବି ଖାତିର୍ କରୁ ନଥିଲେ । ଅର୍ଥାତ୍ ତାଙ୍କ ସହ ଭଲ (ଉତ୍ତମ) ବ୍ୟବହାର ପ୍ରଦର୍ଶନ କରିବାରେ କେବେ ହେଲେ ଅବହେଳା ପ୍ରଦର୍ଶନ କରୁ ନଥିଲେ । ସେ ଅନେକ ସମୟରେ ହ. ମସିହ୍ ମଉଦ୍ ଅ.ସଙ୍କ ଠାରୁ ଆର୍ଥିକ ସାହାଯ୍ୟ ନେଉଥିଲେ । କିନ୍ତୁ ଏହି ସବୁ ଉପକାର ସତ୍ତ୍ୱେ ସେ ବିରୋଧରେ ଲାଗି ରହୁଥିଲେ ଏବଂ ଏହିପରି ଭାବେ ସେ ଜଣେ କଠୋର ଶତ୍ରୁ ଥିଲେ। ଥରେ ସେ ଗୋଟିଏ ଘୋଡ଼ା ବିକ୍ରି କରିବାକୁ ଚାହୁଁଥିଲେ । ଏଥିପାଇଁ ସେ ଭାବିଲେ ଯେ ଘୋଡ଼ାଟିକୁ ଜମ୍ମୁ ନେଇ ହ. ହକୀମୁଲ୍ ଉମ୍ମତ୍ ମୌଲବୀ ନୁରୁଦ୍ଦୀନ୍ ସାହେବ, ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କ ମାଧ୍ୟମରେ ଉପସ୍ଥାପିତ କରିବେ, ଯାହା ଫଳରେ ତାଙ୍କୁ ଏକ ଉଚିତ୍ ମୂଲ୍ୟ ମିଳିପାରିବ । ସେଠାରେ ରାଜା ମହାରାଜାଙ୍କ ସହ ତାଙ୍କର ପରିଚୟ ଥିବାରୁ ସେମାନେ ଏହାକୁ କିଣି ନେବେ । ଏହି କଥାକୁ ଧ୍ୟାନରେ ରଖି ମିର୍ଜା ଇମାମୁଦ୍ଦୀନ୍ ନିଜେ ହ. ମସିହ୍ ମଉଦ୍ ଅ.ସଙ୍କୁ ଅନୁରୋଧ କଲେ ଯେ, ସେ ଅର୍ଥାତ୍ ହୁଜୁର୍ ଅ.ସ ହ. ମୌଲବୀ ସାହେବଙ୍କ ନାମରେ ଏକ ସୁପାରିଶମୂଳକ ପତ୍ର ଲେଖି ଦିଅନ୍ତୁ । ଆପଣ ଅ.ସ ଏହି ଅନୁରୋଧକୁ ପ୍ରତ୍ୟାଖ୍ୟାନ ନକରି ନିଃସଙ୍କୋଚରେ ହ. ମୌଲବୀ ସାହେବଙ୍କ ନାମରେ ଏକ ସୁପାରିଶମୂଳକ ଚିଠି ଲେଖିଦେଲେ । ସେ ଉଲ୍ଲେଖ କରନ୍ତି ଯେ, ଏହା ସ୍ପଷ୍ଟ ଯେ, ମିର୍ଜା ଇମାମୁଦ୍ଦୀନ୍ ସାହେବଙ୍କ ଶତ୍ରୁତା କୌଣସି ଲୁଚି ରହିଥିବା କଥା ନଥିଲା, କିନ୍ତୁ ଯେତେବେଳେ ଭଲ କାମ ଏବଂ ସାହାଯ୍ୟ କରିବାର କଥା ଆସୁଥିଲା ସେତେବେଳେ ହ. ମସିହ୍ ମଉଦ୍ ଅ.ସଙ୍କ ମନକୁ ସେହି ଶତ୍ରୁତା କଥା କେବେ ଆସୁ ନଥିଲା ଏବଂ ତାଙ୍କୁ ଲାଭ ପହଞ୍ଚାଇବାରେ ସେ କେବେ ସଙ୍କୋଚ ବୋଧ କରୁ ନଥିଲେ ।

**(ସିରତ୍ ହ. ମସିହ୍ ମଉଦ୍ ଅ.ସ ଭାଗ-2, ପୃଷ୍ଠା-296-297)**

ହ. ମସିହ୍ ମଉଦ୍ ଅ.ସ ହ. ମୌଲବୀ ନୁରୁଦ୍ଦୀନ୍ ସାହେବ ର.ଅଙ୍କୁ ଯେଉଁ ଚିଠି ଲେଖିଥିଲେ, ତାହା ଏହିପରି ଥିଲା ଯେ, "**ବିସ୍‌ମିଲ୍ଲାଃ ହିର୍ ରହ୍‌ମାନ ନିର୍ ରହିମ୍ । ନହ୍‌ମଦୁହୁ ୱ ନୁସଲ୍ଲି ଅଲା ରସୁଲିହିଲ୍ କରିମ୍** । ମୋର ଶ୍ରଦ୍ଧେୟ ଭାଇ ମୌଲବୀ ହକୀମ୍ ନୁରୁଦ୍ଦୀନ୍ ସାହେବ, **ଅସ୍ସଲାମ୍ ଅଲୈକୁମ୍ ୱ ରହମତୁଲ୍ଲାଃହି ୱ ବରକାତୁହୁ।** ଚିଠି ଲେଖିବାର ଉଦ୍ଦେଶ୍ୟ ଆପଣଙ୍କୁ କଷ୍ଟ ଦେବା ଅଟେ । ଆଶା କରେ ଆପଣ ଧ୍ୟାନ ଏବଂ ଚେଷ୍ଟା କରିବାରେ ହେଳା କରିବେ ନାହିଁ । (ଅର୍ଥାତ୍ ଆପଣ ଅ.ସ ବହୁତ ଧ୍ୟାନ ଦେବାକୁ କହିଥିଲେ) ଏବଂ ତାହା ହେଉଛି ଯେ ମିର୍ଜା ଇମାମୁଦ୍ଦୀନ୍ ସାହେବ, ଯିଏ ମୋର ଜଣେ ଦାଦା ପୁଅ ଭାଇ ହେବେ ତାଙ୍କ ପାଖରେ ଏକ ଅତ୍ୟନ୍ତ ମୂଲ୍ୟବାନ ଘୋଡ଼ା ଅଛି ଯାହାକି ଖୁବ୍ ଦ୍ରୁତଗାମୀ ଏବଂ ରାଜା ମହାରାଜାଙ୍କ ଆରୋହଣ ଯୋଗ୍ୟ ଅଟେ । ବର୍ତ୍ତମାନ ସେ ଏହାକୁ ବିକ୍ରି କରିବାକୁ ଚାହୁଁଛନ୍ତି । ଯେହେତୁ ଏପରି ମୂଲ୍ୟବାନ ଘୋଡ଼ା ସାଧାରଣ ଲୋକ କିଣିପାରିବେ ନାହିଁ ଏବଂ ରାଜାମାନେ ନିଜେ ଏପରି ଜିନିଷ ଖୋଜୁଥାନ୍ତି, ତେଣୁ ମୁଁ ଆପଣଙ୍କୁ ନିବେଦନ କରୁଛି ଯେ ଆପଣ ଜମ୍ମୁର ରାଜା କିମ୍ବା ତାଙ୍କର କୌଣସି ଭାଇଙ୍କ ସହ କଥା ହୋଇ ଚେଷ୍ଟା କରନ୍ତୁ ଯେପରି ସେମାନେ ଉଚିତ୍ ମୂଲ୍ୟରେ ଏହି ଘୋଡ଼ାଟି କିଣି ନିଅନ୍ତେ । ଯଦି ସେମାନଙ୍କର କିଣିବାର ଇଚ୍ଛା ପକ୍କା (ସୁନିଶ୍ଚିତ) ହୋଇଯାଏ ତେବେ ଘୋଡ଼ାଟି ଆପଣଙ୍କ ପାଖକୁ ପଠାଯିବ । ସମ୍ପୂର୍ଣ୍ଣ ଚେଷ୍ଟା କରିବା ପରେ ନିଶ୍ଚୟ ଜଣାଇବେ । **ୱସ୍ସଲାମ୍**, ବିନୀତ ମିର୍ଜା ଗୁଲାମ୍ ଅହମଦ ।"

**(ସିରତ୍ ହ. ମସିହ୍ ମଉଦ୍ ଅ.ସ ଭାଗ-2, ପୃଷ୍ଠା-297-298)**

ଏହା 1848 ମସିହାର ଘଟଣା ଅଟେ । ସେହି ସମୟରେ ଶତ୍ରୁତା ତ' ମିର୍ଜା ଇମାମୁଦ୍ଦୀନଙ୍କ ଥିଲା କିନ୍ତୁ । ଆପଣ ଅ.ସ.ଙ୍କର ଦାବି (ପ୍ରତିଶୃତ ମସିହ୍ ହେବାର) ହୋଇ ନଥିଲା । କିନ୍ତୁ ତଥାପି ଆପଣ ଅ.ସ ନିଜର ସେହି ଶତ୍ରୁ ଭାଇଙ୍କୁ ସାହାଯ୍ୟ କରିଥିଲେ । ହ. ଶେଖ୍ ମୁହମ୍ମଦ ନସୀବ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ କୌଣସି ସମୟରେ ସିଖ୍ ବଢେମାନଙ୍କ ଘରେ ଭଡ଼ାରେ ରହୁଥିଲି, ଯାହା ମିର୍ଜା ନିଜାମୁଦ୍ଦୀନ୍ ସାହେବ (ନମ୍ବରଦାର ବା ୱାର୍ଡମେମ୍ବର)ଙ୍କ ଘର ପାଖରେ ଥିଲା । କୌଣସି କଥାକୁ ନେଇ ଘର ମାଲିକାଣୀ ମୋ ସହିତ ଅକାରଣରେ ଝଗଡ଼ା କଲା ଏବଂ ମୋତେ ଘର ଖାଲି କରିବାକୁ କହିଲା । ମୁଁ କହିଲି ଯେ ଯେତେବେଳେ ଷ୍ଟାମ୍ପ୍ ପେପର ଲେଖା ହୋଇଛି, ଚୁକ୍ତି ହୋଇଛି ଏବଂ ମୁଁ ନିୟମିତ ଭଡ଼ା ଦେଉଛି, ତେଣୁ ମୁଁ ଘର ଖାଲି କରିବି ନାହିଁ। ସେ ଏହି ମାମଲାରେ ମିର୍ଜା ନିଜାମୁଦ୍ଦୀନ୍ ସାହେବଙ୍କ ସାହାଯ୍ୟ ନେବାକୁ ଚାହିଁଲା। ସେମାନେ ଖୈରୁଦ୍ଦୀନ୍ ନାମକ ଜଣେ ଚୌକିଦାର ମାଧ୍ୟମରେ ମୋତେ ବାରମ୍ବାର ଡକାଉଥିଲେ। କେବେ ମୁଁ ଯାଉଥିଲି ତ' ଆଉ କେବେ ଯାଉନଥିଲି । ସେମାନେ ମୋତେ ଗଣ୍ଡଗୋଳର ଭୟ ଦେଖାଇ ଘର ଖାଲି କରାଇବାକୁ ଚାହୁଁଥିଲେ । କିନ୍ତୁ ମୁଁ ଖାଲି କରୁ ନଥିଲି । ଏହା ପରେ ମିର୍ଜା ସାହେବ ଶେଖ୍ ୟାକୁବ୍ ଅଲୀ ସାହେବ ର.ଅଙ୍କ ସାହାଯ୍ୟ ଲୋଡ଼ିଲେ। ମିର୍ଜା ନିଜାମୁଦ୍ଦୀନ୍ ସାହେବ ଶେଖ୍ ସାହେବଙ୍କ କହିବାରୁ ଶେଖ୍ ସାହେବ ମୋତେ କହିଲେ, ହୁଜୁର୍ ଘର ଖାଲି କରିଦେବା ଭଲ ହେବ । ସେହି ଦିନମାନଙ୍କରେ ମୋ ଘରେ ଗୋଟିଏ ଝିଅ ଜନ୍ମ ହୋଇଥିଲା । ତେଣୁ ଘର ବଦଳାଇବା କଷ୍ଟକର ଥିଲା। ମୁଁ ଏକଥା ହ. ମୌଲବୀ ନୁରୁଦ୍ଦୀନ୍ ସାହେବ ର.ଅଙ୍କୁ ଜଣାଇଲି । ମୌଲବୀ ସାହେବ ଶେଖ୍ ୟାକୁବ୍ ଅଲୀ ସାହେବଙ୍କ ଉପରେ କ୍ରୋଧିତ ହେଲେ ଏବଂ ଲେଖିଲେ ଯେ, ୟାକୁବ୍ ସାହେବ ! ପ୍ରଥମେ ଆପଣ ଅ.ସଙ୍କ ପାଇଁ କୌଣସି ଘରର ବ୍ୟବସ୍ଥା କରନ୍ତୁ ତା'ପରେ ଯାଇ ଘର ଖାଲି କରାନ୍ତୁ । ଶେଖ୍ ସାହେବ ମୌଲବୀ ସାହେବଙ୍କ କ୍ରୋଧ ଦେଖି ସମ୍ପୂର୍ଣ୍ଣ ନୀରବ ହୋଇଗଲେ । କିନ୍ତୁ ମିର୍ଜା ନିଜାମୁଦ୍ଦୀନ୍ ଦାବି ଜାରି ରଖିଥିଲେ ଯେ, ଘର ଶୀଘ୍ର ଖାଲି କର । ସେ କୁହନ୍ତି, ଶେଷରେ ଦିନେ ମୁଁ ହ. ମସିହ୍ ମଉଦ୍ ଅ.ସଙ୍କ ସେବାରେ ସମସ୍ତ ବୃତ୍ତାନ୍ତ (କଥା) ଲେଖି ଜଣାଇଲି । ଆପଣ ଅ.ସ ବହୁତ ଦୁଃଖିତ ହେଲେ ଏବଂ କହିଲେ, ନସୀବ୍ ସାହେବ "ପତ୍ର ପଢ଼ି ମୋତେ ବହୁତ ଦୁଃଖ ଲାଗିଲା। ଯଦି ମୋ ପାଖରେ କୌଣସି ଘର ଖାଲି ଥାଆନ୍ତା, ତେବେ ମୁଁ ନିଶ୍ଚୟ ଆପଣଙ୍କୁ ଦେଇ ଦେଇଥାନ୍ତି । ଆଗକୁ ଧ୍ୟାନ ରଖିବି ।" ତତ୍‌ସହିତ ଆପଣ ଅ.ସ କହିଲେ, "ଆଜି ଜୋହର୍ (ମଧ୍ୟାହ୍ନ) ନମାଜ୍ ପାଇଁ ଯେତେବେଳେ ମୁଁ ଆସିବି ଏବଂ ଶେଖ୍ ୟାକୁବ୍ ଅଲୀ ସାହେବ ମଧ୍ୟ ଆସିବେ, ସେତେବେଳେ ମୋତେ ମନେ ପକାଇଦେବ ।" ସେହି ଦିନଗୁଡ଼ିକରେ ମସଜିଦ୍ ମୁବାରକ୍‌ର ସମ୍ପ୍ରସାରଣ କାମ ଚାଲିଥିଲା ଏବଂ ନମାଜ୍ ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅଙ୍କ ଘରେ ପାଠ କରାଯାଉଥିଲା । ସେ କୁହନ୍ତି, ଯେତେବେଳେ ମୁଁ ଜୋହର୍ ନମାଜ୍ ପାଇଁ ଗଲି, ଆପଣ ଅ.ସ ଆସିଲେ । ମୁଁ କିଛି କହିବା ପୂର୍ବରୁ ହିଁ ଆପଣ ଅ.ସ ମୋତେ ଦେଖି ନିଜେ କହିଲେ, ନସୀବ୍ ସାହେବ "ମିର୍ଜା ନିଜାମୁଦ୍ଦୀନ୍‌ଙ୍କ ଘରୁ ଜଣେ ସ୍ତ୍ରୀଲୋକ ଆସିଥିଲା । ମୁଁ ସେମାନଙ୍କୁ ଖବର ପଠାଇ ଦେଇଛି ଯେ, ଏବେ ଆପଣଙ୍କୁ ଆଉ କୌଣସି ଅସୁବିଧା ହେବ ନାହିଁ । ସୁତରାଂ ପରେ ମୋତେ କେହି କିଛି କହି ନଥିଲେ ଏବଂ ମୁଁ ସଦର ଅଞ୍ଜୁମନ୍ ଅମହଦିୟା ଦ୍ୱାରା (ଠାରୁ) କ୍ୱାଟର୍ ନମିଳିବା ପର୍ଯ୍ୟନ୍ତ ସେହି ଘରେ ଅନେକ ଦିନ ପର୍ଯ୍ୟନ୍ତ ରହିଲି । ଯେତେବେଳେ ମୁଁ ଅଞ୍ଜୁମନ୍‌ରୁ ଘର ମିଳିବା ପରେ ସେହି ଘରକୁ ଖାଲି କଲି ସେତେବେଳେ ସେହି ମହିଳା ଲୋକର ମନୋଭାବ ସମ୍ପୂର୍ଣ୍ଣ ବଦଳି ଯାଇଥିଲା । ହ. ମସିହ୍ ମଉଦ୍ ଅ.ସ ତାଙ୍କ ଉପରେ ଯେଉଁ ଉପକାର କରିଥିଲେ, ସେଥିପାଇଁ ସେ ମୋତେ ଆଉ ସେହି ଘରୁ ଯିବାକୁ (ଛାଡ଼ୁ) ଦେଉ ନଥିଲା ଏବଂ ବହୁତ କାନ୍ଦି କାନ୍ଦି ପଚାରୁଥିଲା ଯେ, ନସୀବ୍ ସାହେବ ! ଆପଣ କାହିଁକି ଯାଉଛନ୍ତି । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଦେଖନ୍ତୁ କେଉଁଠି ପ୍ରଥମେ ଝଗଡ଼ାର ବାତାବରଣ ରହିଥିଲା ଏବଂ କେଉଁଠି ହ. ମସିହ୍ ମଉଦ୍ ଅ.ସଙ୍କ ବ୍ୟବହାର ଓ ଉପକାର ଯୋଗୁଁ ସେହି ମହିଳା ସମ୍ପୂର୍ଣ୍ଣ ବଦଳିଗଲା । ସେ ଉଲ୍ଲେଖ କରନ୍ତି ଯେ, ହ. ମସିହ୍ ମଉଦ୍ ଅ.ସଙ୍କର ନିଜର ଜଣେ ସାଧାରଣ ସେବକ ପ୍ରତି ଏହିପରି ଦୟା ଥିଲା। ଯଦିଓ ମିର୍ଜା ନିଜାମୁଦ୍ଦୀନ୍ ସାହେବଙ୍କ ସହ ତାଙ୍କର କୌଣସି କଥାବାର୍ତ୍ତା କିମ୍ବା ଯିବା ଆସିବା ନଥିଲା । ସମ୍ପୂର୍ଣ୍ଣ ସମ୍ପର୍କ କଟି ଯାଇଥିଲା । ତଥାପି ଆପଣ ଅ.ସ ମୋ ଉପରେ ଏହି ମହୋପକାର କଲେ । **(ରିୱାୟାତ୍ ଅସ୍‌ହାବ୍ ଅହମଦ୍, ଭାଗ-5, ପୃଷ୍ଠା-445-446)** ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଶେଖ୍ ୟାକୁବ୍ ଅଲୀ ସାହେବ ଇର୍ଫାନୀ ର.ଅ ଉଲ୍ଲେଖ କରନ୍ତି: "ମୁଁ ମିର୍ଜା ମୁହମ୍ମଦ ବେଗ୍ (ହୋଶିଆର୍ ପୁରର ମିର୍ଜା ଅମହଦ୍ ବେଗ୍‌ଙ୍କ ପୁଅ)ଙ୍କ ଘଟଣା

ମଧ୍ୟ ଉଲ୍ଲେଖ କରୁଛି । ମିର୍ଜା ମୁହମ୍ମଦ ବେଗ୍‌ଙ୍କ ପରିବାର ସହ ସମ୍ପର୍କ ଭଲ ନଥିଲା ଏବଂ ଏହି ଅସନ୍ତୋଷ କେବଳ ଅଲ୍ଲାଃଙ୍କ ପ୍ରସନ୍ନତା ପ୍ରାପ୍ତି ପାଇଁ ଉଦ୍ଦିଷ୍ଟ ଥିଲା ।" (ଏହା ସେହି ଅହମଦ ବେଗ୍ ଏବଂ ମୁହମ୍ମଦୀ ବେଗମଙ୍କ ପରିବାର ଥିଲା ଯିଏ ବିଧର୍ମୀ ଏବଂ ଜମାଅତ୍‌ର ଶତ୍ରୁ ଥିଲେ)। "ମିର୍ଜା ମୁହମ୍ମଦ ବେଗ୍ ଜମ୍ମୁ ଯାଇ ଚାକିରି କରିବାକୁ ଚାହୁଁଥିଲେ ଏବଂ ହ. ମସିହ୍ ମଉଦ୍ ଅ.ସଙ୍କ ଠାରୁ ହ. ହକୀମୁଲ୍ ଉମ୍ମତ୍‌ଙ୍କ ନାମରେ ସୁପାରିଶ୍‌ମୂଳକ ପତ୍ର ଚାହିଁଥିଲେ । ହ. ଅ.ସ ନିଃସଙ୍କୋଚରେ ନିମ୍ନଲିଖିତ ଚିଠି ଲେଖିଦେଲେ । କାରଣ ହୁଜୁର୍ ଅ.ସ କୌଣସି ଉଚିତ୍ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରୁ ନଥିଲେ ।" ସେହି ପତ୍ରରେ ଏହା ଉଲ୍ଲେଖ ରହିଥିଲ ଯେ, "ମୁହମ୍ମଦ ବେଗ୍ ନାମକ ପୁତ୍ର ଯିଏ ଆପଣଙ୍କ ପାଖରେ ଅଛି, ଆପଣ ଜାଣିଥିବେ ଯେ ତା'ର ପିତା ମିର୍ଜା ଅମହଦ୍ ବେଗ୍ ନିଜର ଅଜ୍ଞାନତା ଯୋଗୁଁ ମୋ ପ୍ରତି କଠୋର ଶତ୍ରୁତା ଓ ବିଦ୍ୱେଷ ରଖିଛନ୍ତି । କିନ୍ତୁ ଏଥିରେ କୌଣସି ଅସୁବିଧା ନାହିଁ ଯେ, ସେମାନଙ୍କ କଠୋରତା ବଦଳରେ ନମ୍ରତା ଆପଣାଇ اِدْفَعْ بِالَّتِیْ ھِیَ اَحْسَنُ (ଶ୍ରେଷ୍ଠ ଉପାୟରେ ମନ୍ଦତାକୁ ଦୂର କର) ଅନୁସାରେ ପୁଣ୍ୟ ହାସଲ କରାଯାଉ ।" (ଅର୍ଥାତ୍ ଉତ୍ତମ ଉପାୟରେ ତାଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କରି ପୁଣ୍ୟ ହାସଲ କରିବା)। "ଏହା ମହମ୍ମଦ ବେଗ୍‌ର କେତୋଟି ଚିଠି ଆସିଛି ଯେ, ମୌଲବୀ ସାହେବ ତାଙ୍କୁ ପୋଲିସ୍ ବିଭାଗରେ ଚାକିରି କରାଇ ଦିଅନ୍ତୁ।" ଏହି ଚିଠି ପାଇବା ପରେ ହ. ମୌଲବୀ ସାହେବ ର.ଅ ତାଙ୍କୁ ପୋଲିସ୍‌ରେ ଚାକିରି କରାଇ ଦେଲେ। ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହିସବୁ ଘଟଣାରୁ ସ୍ପଷ୍ଟ ଯେ, ଆପଣ ଅ.ସ ସବୁ ପ୍ରକାରେ ଅଲ୍ଲାଃଙ୍କ ସୃଷ୍ଟିର କଲ୍ୟାଣ ପାଇଁ ପ୍ରସ୍ତୁତ ରହୁଥିଲେ ଏବଂ ଦାନ, ଉଦାରତା ଓ ସୁପାରିଶ୍ କରିବାରେ କେବେ ସଙ୍କୋଚବୋଧ କରୁ ନଥିଲେ । ଏହା ସତ୍ତ୍ୱେ ଯେଉଁଠାରେ ସେ ଦେଖୁଥିଲେ ଯେ କିଛି ଦେବା ଅର୍ଥାତ୍ ଅର୍ଥ ଅପବ୍ୟୟର ରୂପ ନେଉଛି ତେବେ ସେପରିପ୍ରେକ୍ଷୀରେ ଆପଣ ଅ.ସ ତହିଁରୁ ସେ ଦୂରେଇ ରହୁଥିଲେ ଏବଂ କହୁଥିଲେ ଅପବ୍ୟୟ ହେବା ଉଚିତ୍ ନୁହେଁ ।

**(ସିରତ୍ ହ. ମସିହ୍ ମଉଦ୍ ଅ.ସ ଭାଗ-2, ପୃଷ୍ଠା-298-299)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଶେଖ୍ ୟାକୁବ୍ ଅଲୀ ସାହେବ ର.ଅ ଉଲ୍ଲେଖ କରନ୍ତି: "କାଦିୟାନ୍‌ରେ ନିହାଲ୍ ଚନ୍ଦ (ନିହାଲା) ନାମକ ଜଣେ ବାହାରୁରାଜ୍ ବ୍ରାହ୍ମଣ (ହିନ୍ଦୁ ବ୍ୟକ୍ତି) ବାସ କରୁଥିଲା । ସେ ନିଜ ଯୁବ ବୟସରେ ଜଣେ ପ୍ରସିଦ୍ଧ ମକଦ୍ଦମାକାରୀ ଥିଲା । ଜୀବନର ଶେଷ ପର୍ଯ୍ୟନ୍ତ ତା'ର ସ୍ଥିତି ପ୍ରାୟ ଏପରି ହିଁ ଥିଲା । ସେ ସେହି ଲୋକଙ୍କ ମଧ୍ୟରୁ ଅନ୍ୟତମ ଥିଲା ଯିଏ ହ. ଅ.ସଙ୍କ ପରିବାର ସହ ସାଧାରଣତଃ ପ୍ରତିଯୋଗିତା ଏବଂ ଦୁଷ୍ଟାମି କରୁଥିଲା । ପରେ ଜମାଅତ୍‌ର ଶତ୍ରୁମାନଙ୍କ ସହିତ ମଧ୍ୟ ସେ ରହୁଥିଲା। ଜୀବନର ଶେଷ ଭାଗରେ ତା'ର ଆର୍ଥିକ ସ୍ଥିତି ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଲା। ଏପରିକି କେତେକ ସମୟରେ ତା'ର ଦୈନନ୍ଦିନ ଆବଶ୍ୟକ ଖର୍ଚ୍ଚ ପାଇଁ ମଧ୍ୟ ତାକୁ ବହୁତ କଷ୍ଟ ହେଉଥିଲା ତଥା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା (ଖାଇବା ପିଇବା କଷ୍ଟକର ହୋଇଗଲା) । ଦିନେ ସେ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରସ୍ଥ ହୋଇ ସାକ୍ଷାତ୍ କରିବାର ଇଚ୍ଛା ପ୍ରକାଶ କଲା । ଶତ୍ରୁ ଥିଲା, କିନ୍ତୁ ଏପରି ଲୋକଙ୍କର ତ' ଲାଜ ଶରମ ନଥାଏ । ସେ ଦ୍ୱାରରେ ପହଞ୍ଚିଲା । ସାକ୍ଷାତର ଖବର ଆପଣ ଅ.ସଙ୍କ ପାଖକୁ ପଠାଗଲା । ଆପଣ ଅ.ସ ତୁରନ୍ତ ବାହାରକୁ ଆସିଲେ । ସେ ନମସ୍କାର କରି ଆପଣ ଅ.ସଙ୍କୁ ନିଜର ଦୁଃଖ କହିବା ଆରମ୍ଭ କଲା । ହ. ଅ.ସ ତାକୁ କେବଳ ସାନ୍ତ୍ୱନା ଦେଲେ ନାହିଁ, ବରଂ 25 ଟଙ୍କା ଆଣି ତା' ହାତରେ ଦେଲେ ଏବଂ କହିଲେ, 'ବର୍ତ୍ତମାନ ପାଇଁ ଏଥିରେ (ଏତିକିରେ) ହିଁ କାମ ଚଳାଅ, ପରେ ଆବଶ୍ୟକ ହେଲେ ମୋତେ ଜଣାଇବ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସୁତରାଂ ଏହା ପରେ ସେହି ବ୍ୟକ୍ତିର ଅଭ୍ୟାସ ହୋଇଗଲା ଯେ, ସେ ମାସେ ଦୁଇ ମାସ ପରେ ଆସୁଥିଲା ଏବଂ ନିଜ ଆବଶ୍ୟକତା ପାଇଁ ଆପଣ ଅ.ସଙ୍କ ଠାରୁ ଏକ ଉଚିତ୍ ପରିମାଣର ଟଙ୍କା ନେଇଯାଉଥିଲା । ସେ କେବଳ ହ. ଅ.ସଙ୍କ ଠାରୁ ନୁହେଁ, ବରଂ ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କ ଠାରୁ ମଧ୍ୟ ଋଣ ଆକାରରେ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ଟଙ୍କା ନେଇଥିଲା । ଯେତେବେଳେ ପ୍ରତିଶ୍ରୁତି ସମୟ ବିତିଗଲା ସେତେବେଳେ ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ତାକୁ ଟଙ୍କା ମାଗିଲେ । କିନ୍ତୁ ସେ ହାଲୁକା ଉତ୍ତର ଦେଇ ଏଡ଼ାଇଦେଲା । ଶେଷରେ ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ମୋତେ (ବର୍ଣ୍ଣନାକାରୀ) ତା'ଠାରୁ ଟଙ୍କା ଆଦାୟ କରିବାକୁ କହିଲେ। ଯେତେବେଳେ ମୁଁ ତାକୁ କହିଲି, ସେ ଉପରୋକ୍ତ ଘଟଣା ବର୍ଣ୍ଣନା କଲା ଏବଂ କହିଲା, 'ମୌଲବୀ ସାହେବ ବାରମ୍ବାର ଲୋକ ପଠାଉଛନ୍ତି, କିନ୍ତୁ ମିର୍ଜାଜୀ ଅ.ସ ତ' ମୋତେ ସବୁବେଳେ ଟଙ୍କା ଦିଅନ୍ତି ଏବଂ ସେଥିରେ ମୋର ଗୁଜୁରାଣ ମେଣ୍ଟିଥାଏ । ମୁଁ ଆସି ହ. ଖଲିଫା ଅୱଲ୍ ର.ଅଙ୍କୁ ଏହି କଥା କହିବାରୁ ସେ କହିଲେ, 'ଠିକ୍ ଅଛି, ଏବେ ତାକୁ ଆଉ କିଛି କୁହ ନାହିଁ ।" ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ମଧ୍ୟ ତା'ପରେ ଆଉ କିଛି ମାଗି ନଥିଲେ ।" ହୁଜୁର୍ ଅ.ବ କହିଲେ, ସେହିପରି ପଣ୍ଡିତ ବିଜୟ ନାଥ ନାମକ ଜଣେ ବ୍ୟକ୍ତି ମଧ୍ୟ ଥିଲା । ମୋତେ ଜଣାଅଛି ଯେ, କେତେକ ସମୟରେ ହୁଜୁର୍ ଅ.ସ ତା' ସହ ମଧ୍ୟ ଭଲ ବ୍ୟବହାର ମଧ୍ୟ ପ୍ରଦର୍ଶନ କରିଥିଲେ । ଯଦିଓ ତା'ର ବ୍ୟବହାର ଭଲ ନଥିଲା କିନ୍ତୁ ତଥାପି ଆପଣ ଅ.ସ ତା' ସହିତ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିଥିଲେ ।"

**(ସିରତ୍ ହ. ମସିହ୍ ମଉଦ୍ ଅ.ସ ଭାଗ-2, ପୃଷ୍ଠା-289-290)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅମହଦ୍ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, ପାଦ୍ରୀ ୱାଲ୍ଟର୍ (M.A.) ସାହେବ ଯେକି YMCA ର ସେକ୍ରେଟରୀ ଥିଲେ, ସେ ନିଜର ଇଂରାଜୀ ପୁସ୍ତକ The Ahmadiya Movementରେ ହ. ମସିହ୍ ମଉଦ୍ ଅ.ସଙ୍କ ସମ୍ପର୍କରେ ଏହି ମତାମତ ଲେଖିଛନ୍ତି: "ଏହା ସମ୍ପୂର୍ଣ୍ଣ ପ୍ରମାଣିତ ଯେ ମିର୍ଜା ସାହେବ ନିଜ ଅଭ୍ୟାସରେ ସରଳ ଏବଂ ଉଦାର ମନୋଭାବ ପୋଷଣ କରୁଥିଲେ। ବିରୋଧୀଙ୍କ ଘୋର ବିରୋଧ ଏବଂ ନିର୍ଯାତନା ଆଗରେ ସେ ଯେଉଁ ଅଦମ୍ୟ ନୈତିକ ସାହସ ଦେଖାଇଥିଲେ ତାହା ନିଶ୍ଚିତ ଭାବରେ ପ୍ରଶଂସନୀୟ । ତେଣୁ ଜଣେ ଚୁମ୍ବକୀୟ ଆକର୍ଷଣ ଏବଂ ଅତ୍ୟନ୍ତ ଉତ୍ତମ ବ୍ୟବହାର ପ୍ରଦର୍ଶନକାରୀ ବ୍ୟକ୍ତି ହିଁ ଏପରି ଲୋକମାନଙ୍କ ପ୍ରତି ଆନୁଗତ୍ୟ, ବନ୍ଧୁତା ଏବଂ ବିଶ୍ୱସ୍ତତା ପ୍ରଦର୍ଶନ କରି ପାରିବ । ତେଣୁ ଏପରି ଲୋକମାନଙ୍କ ମଧ୍ୟରୁ ଅତି କମରେ ଦୁଇ ଜଣ ଆଫଗାନିସ୍ତାନରେ ନିଜର ବିଶ୍ୱାସ ପାଇଁ ପ୍ରାଣର ବଳି ଦେଇ ଦେଇଥିଲେ... ।" ଏହା ଆଫଗାନିସ୍ତାନର ଶହୀଦ୍‌ମାନଙ୍କ ବିଷୟରେ, ସେ ମଧ୍ୟ ଉଲ୍ଲେଖ କରିଛନ୍ତି । ସେ କୁହନ୍ତି ଯେ, ଏହା ହ. ମସିହ୍ ମଉଦ୍ ଅ.ସଙ୍କ ବ୍ୟବହାର ଯୋଗୁଁ ହିଁ ଥିଲା ।" କିନ୍ତୁ ସେମାନେ ଦୁହେଁ ମିର୍ଜା ସାହେବଙ୍କ ସାହଚର୍ଯ୍ୟତ୍ୱକୁ ଛାଡ଼ି (ପରିତ୍ୟାଗ କରି) ନଥିଲେ । ମୁଁ କିଛି ପୁରୁଣା ଅମହଦିଙ୍କୁ ସେମାନଙ୍କ ଅମହଦି ହେବାର କାରଣ ସଂପର୍କରେ ଯେତେବେଳେ ପଚାରିଲି ସେତେବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକମାନେ ମିର୍ଜା ସାହେବଙ୍କ ବ୍ୟକ୍ତିଗତ ପ୍ରଭାବ ଏବଂ ବ୍ୟକ୍ତିତ୍ୱକୁ ହିଁ ମୁଖ୍ୟ କାରଣ ରୂପେ ଦର୍ଶାଇଥିଲେ ।"

**(ସିରତୁଲ୍ ମେହଦୀ, ଭାଗ-1, ପୃଷ୍ଠା- 268-269, ବର୍ଣ୍ଣନା ସଂଖ୍ୟା-297)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସାଧାରଣ ସଭାଗୁଡ଼ିକରେ ମଧ୍ୟ ଆପଣ ଅ.ସ କହୁଥିଲେ ଯେ, ବିରୋଧୀମାନେ ଯଦି ଆସି ନିଜର ସନ୍ଦେହ ଦୂର କରିବାକୁ ପ୍ରଶ୍ନ ପଚାରନ୍ତି, ତେବେ ସେମାନଙ୍କ ଖର୍ଚ୍ଚ ବହନ କରିବାକୁ ମଧ୍ୟ ମୁଁ ପ୍ରସ୍ତୁତ ଅଛି । ଏ ସମ୍ପର୍କରେ ହ. ମିର୍ଜା ବଶୀର୍ ଅମହଦ୍ ସାହେବ ଉଲ୍ଲେଖ କରନ୍ତି ଯେ, "ମିଆଁ ଫଖ୍‌ରୁଦ୍ଦୀନ୍ ସାହେବ ମୁଲ୍‌ତାନୀ ମୋତେ କହିଲେ: "ହ. ମସିହ୍ ମଉଦ୍ ଅ.ସଙ୍କ ସମୟରେ ଥରେ ମୋ ବାପା ଏଠାକୁ ଆସିଥିଲେ । ସେ ବହୁତ ବଡ଼ ବିରୋଧୀ ଏବଂ କଟୁଭାଷୀ ଥିଲେ । ଏଠାକୁ ଆସି ମଧ୍ୟ ସେ ବହୁତ କଠୋର କଥା କହୁଥିଲେ । ମୁଲ୍‌ତାନ୍‌ରେ ଥିବାବେଳେ ସେ କହୁଥିଲେ ଯେ 'ଯଦି ମୁଁ କେବେ ମିର୍ଜାଙ୍କୁ ଭେଟେ, ତେବେ ତାଙ୍କ ମୁହଁରେ ହିଁ ଅଭିଶାପ ଦେବି ।' ସେ ଯାହାହେଉ, ମୁଁ ତାଙ୍କୁ ହୁଜୁର୍ ଅ.ସଙ୍କ ପାଖକୁ ନେଇଗଲି । ହୁଜୁର୍ ଅ.ସ ଯେତେବେଳେ ବାହାରକୁ ଆସିଲେ, ମୋ ବାପା ବହୁତ ସମ୍ମାନର ସହିତ ଠିଆ ହୋଇଗଲେ ଏବଂ ତା'ପରେ ଭୟଭୀତ ହୋଇ ପଛଘୁଞ୍ଚା ଦେଇ ବସି ପଡ଼ିଲେ। ସେତେବେଳେ ସଭାରେ ଅନ୍ୟ ଲୋକମାନେ ମଧ୍ୟ ଉପସ୍ଥିତ ଥିଲେ । ହୁଜୁର ଅ.ସ ବସି ବସି କୌଣସି ପ୍ରଶ୍ନ ନପଚାରି ଭାଷଣ ଦେବା ଆରମ୍ଭ କଲେ ଏବଂ ଅନେକ ଥର କହିଲେ, 'ମୁଁ ଚାହୁଁଛି ଯେ ଲୋକମାନେ ମୋ ପାଖକୁ ଆସନ୍ତୁ, ମୋ କଥା ଶୁଣନ୍ତୁ ଏବଂ ମୋତେ ପ୍ରଶ୍ନ ପଚାରନ୍ତୁ । ମୁଁ ସେମାନଙ୍କ ପାଇଁ ଖର୍ଚ୍ଚ କରିବାକୁ ମଧ୍ୟ ପ୍ରସ୍ତୁତ ଅଛି । କିନ୍ତୁ ପ୍ରଥମତଃ ଲୋକମାନେ ଆସନ୍ତି ନାହିଁ । ଆଉ ଯଦି ବି ଆସନ୍ତି ତେବେ ଚୁପ୍‌ଚାପ୍ ବସି ରହି ଥାଆନ୍ତି ଏବଂ ପଛକୁ ଯାଇ କଥା ହୁଅନ୍ତି ।' ସଂକ୍ଷେପରେ କହିବାକୁ ଗଲେ ହୁଜୁର୍ ଅ.ସ ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରି ଧର୍ମପ୍ରଚାର କଲେ ଏବଂ ସେମାନଙ୍କୁ କଥା କହିବାକୁ ଅନେକ ଥର ଉତ୍ସାହିତ ମଧ୍ୟ କଲେ । ମୋ ବାପା ବହୁତ ବାଚାଳ ଅଟନ୍ତି କିନ୍ତୁ ତାଙ୍କ ମୁହଁରେ ଯେପରି ତାଲା ପଡ଼ିଗଲା (ପାଟି ଖନ୍ନି ମାରିଗଲା) ଏବଂ ସେ ଗୋଟିଏ ଶବ୍ଦ (ପଦେ) ମଧ୍ୟ କହିପାରିଲେ ନାହିଁ । ସେଠାରୁ ଉଠିବା ପରେ ମୁଁ ତାଙ୍କୁ ପଚାରିଲି ଯେ, ପିତାଶ୍ରୀ ! ଆପଣ ସେଠାରେ କିଛି କହିଲେ ନାହିଁ କାହିଁକି ? ସେ କିଛି ନକହି କଥାକୁ ଏଡ଼ାଇ ଦେଲେ ।" ମିଆଁ ଫଖ୍‌ରୁଦ୍ଦୀନ୍ ସାହେବ କହୁଥିଲେ ଯେ ହୁଜୁର୍ ଅ.ସ ଭାଷଣରେ ମୋ ବାପାଙ୍କୁ ସମ୍ବୋଧିତ କରି ନଥିଲେ ବରଂ ଏକ ସାଧାରଣ ଭାଷଣ ଦେଇଥିଲେ ।

**(ସିରତୁଲ୍ ମେହଦୀ, ଗ୍ରନ୍ଥଖଣ୍ଡ-1, ପୃଷ୍ଠା-54-55)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅମହଦ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ନୁସ୍ରତ୍ ହାଇସ୍କୁଲର ଶିକ୍ଷୟିତ୍ରୀ ସଫିୟା ବେଗମ୍ (ସ୍ୱର୍ଗତ ମୌଲବୀ ଅବ୍‌ଦୁଲ୍ କାଦିର୍ ସାହେବ ଲୁଧିଆନୱୀଙ୍କ ଝିଅ) ମୋତେ କହିଲେ: 'ହୁଜୁର୍ ! ଥରେ ଜଣେ ଭିକ୍ଷୁକ ଝରକା ଦେଇ ଗୋଟିଏ କୁର୍ତ୍ତା (ଜାମା) ମାଗିଲା । ହୁଜୁର୍ ଅ.ସ ନିଜେ ପିନ୍ଧିଥିବା କୁର୍ତ୍ତା ଓହ୍ଲାଇ ଝରକା ପଟୁ ସେହି ଭିକ୍ଷୁକକୁ ଦେଇଦେଲେ । ମୋ ବାପା ଏହା ଦେଖି କହିଲେ, 'ଅଲ୍ଲାଃ ଅଲ୍ଲାଃ (ଅର୍ଥାତ୍ ଅଦ୍ଭୁତ ଓ ଅପ୍ରତୀମ) ! ଆପଣ ଅ.ସ କିପରି ଉଦାରତା ଦେଖାଉଛନ୍ତି ।"

**(ସିରତୁଲ୍ ମେହଦୀ, ଗ୍ରନ୍ଥଖଣ୍ଡ-2, ପୃଷ୍ଠା-311, ବର୍ଣ୍ଣନା ସଂଖ୍ୟା-1565)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅମହଦ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ହାଫିଜ୍ ହାମିଦ୍ ଅଲୀ ସାହେବଙ୍କ ସ୍ତ୍ରୀ ରସୁଲ୍ ବିବି ସାହେବା କହିଲେ: "ଆମର ଖାଇବା ଓ ପିନ୍ଧିବାର ସମସ୍ତ ଖର୍ଚ୍ଚ ହୁଜୁର ଅ.ସ ହିଁ ଦେଉଥିଲେ (ବହନ କରୁଥିଲେ) । ଥରେ ହୁଜୁର୍ ଅ.ସ ନିଜ ପାଇଁ ଏବଂ ହାଫିଜ୍ ହାମିଦ୍ ଅଲୀ ସାହେବଙ୍କ ପାଇଁ ଗୋଟିଏ ପ୍ରକାରର କପଡ଼ାର ୱାସ୍କୋଟ୍ (ଜାକେଟ୍) ତିଆରି କରାଇଲେ । ଶୀତ ଦିନ ଥିଲା । ମୁଁ ହାଫିଜ୍ ସାହେବଙ୍କୁ କହିଲି, ହାଫିଜ୍ ସାହେବ ! ସକାଳେ ଯେତେବେଳେ ମୁଁ ତହଜ୍ଜୁଦ୍ ନମାଜ୍ ପାଇଁ ଉଠେ ଏବଂ ରୋଷେଇ ଯେତେବେଳେ କରେ ସେତେବେଳେ ମୋତେ ଭାରି ଶୀତ ଲାଗେ । ହାଫିଜ୍ ସାହେବ ସେହି ଗରମ୍ ଜାକେଟ୍ ମୋତେ ପିନ୍ଧିବାକୁ ଦେଇଦେଲେ । ଯେତେବେଳେ ମୁଁ ତାହା ପିନ୍ଧି ଚୁଲି ପାଖରେ ନିଆଁ ଜାଳୁଥିଲି ସେତେବେଳେ ହୁଜୁର ଅ.ସ ଆସିଗଲେ । ହୁଜୁର୍ ଅ.ସ ମଜାରେ ପଚାରିଲେ, 'ରସୁଲ୍ ବିବି ସାହେବା ! ଆପଣ କ'ଣ ମୋ ଜାକେଟ୍ ଚୋରି କରି ନେଇଛନ୍ତି କି ? ତେବେ ପ୍ରତ୍ୟୁତ୍ତରରେ ମୁଁ କହିଲି, ହୁଜୁର ! ସବୁକିଛି ତ' ଆପଣଙ୍କର ହିଁ (ଦୟା) ଅଟେ । ଆପଣଙ୍କର ହିଁ ଖାଉଛୁ ଓ ଆପଣଙ୍କର ହିଁ ପିନ୍ଧୁଛୁ । ଏକଥା ଶୁଣି ହୁଜୁର୍ ଅ.ସ ହସିଲେ ଏବଂ କହିଲେ, 'ଖୁବ୍ ଖାଅ ଏବଂ ପିଅ ।" **(ସିରତୁଲ୍ ମେହଦୀ, ଗ୍ରନ୍ଥଖଣ୍ଡ-2, ଭାଗ-5, ପୃଷ୍ଠା-**

**288, ବର୍ଣ୍ଣନା ସଂଖ୍ୟା-1517)** ହ.ଶେଖ୍ ୟାକୁବ ଅଲୀ ସାହେବ ର.ଅ ବର୍ଣ୍ଣନା କରନ୍ତି: "ଆପଣଙ୍କ ଅ.ସ ସାଧାରଣ ଅଭ୍ୟାସ ଥିଲା ଯେ, ଯାହା କିଛି ବି କାହାକୁ ଦେଉଥିଲେ ତାହା କୌଣସି ଦେଖାଣିଆ ପାଇଁ ନଥିଲା, ବରଂ କେବଳ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ତଥା ଅନୁଗ୍ରହତା ଏବଂ ସୃଷ୍ଟିକର୍ତ୍ତାଙ୍କ ସୃଷ୍ଟି ପ୍ରତି ଦୟା ଭାବନା ନିମନ୍ତେ ଉଦ୍ଦିଷ୍ଟ ଥିଲା। ଏଥିପାଇଁ ସାଧାରଣତଃ ଆପଣ ଅ.ସ ଅତ୍ୟନ୍ତ ଗୁପ୍ତ ଉପାୟରେ ଏହି ଦାନ କରୁଥିଲେ ଏବଂ କେବେ କେବେ (ବେଳେ ବେଳେ) ଅନ୍ୟମାନଙ୍କୁ ଅନୁପ୍ରାଣିତ କରିବା ଓ ବ୍ୟାବହାରିକ ଶିକ୍ଷା ଦେବା ପାଇଁ ପ୍ରକାଶ୍ୟରେ ମଧ୍ୟ ଦାନ କରୁଥିଲେ ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଗୁପ୍ତ ଭାବରେ ଦାନ କରିବାରେ ଆପଣଙ୍କ ଅ.ସଙ୍କ ଏକ ଉପାୟ ଏହା ମଧ୍ୟ ଥିଲା ଯେ, କେତେକ ସମୟରେ ଏପରି ଢଙ୍ଗରେ ଆପଣ ଅ.ସ ଦାନ ଦେଉଥିଲେ ଯେ, ନିଜେ ନେଉଥିବା ଲୋକକୁ ମଧ୍ୟ କଷ୍ଟରେ ଜଣା ପଡୁଥିଲା । ଏଥି ସଂକ୍ରାନ୍ତରେ ସେ କୁହନ୍ତି ଯେ, "ମୁଁ ଗୋଟିଏ ଘଟଣା ବର୍ଣ୍ଣନା କରୁଛି । ମୁନ୍ସୀ ମୁହମ୍ମଦ ନସୀବ୍ ସାହେବ (ଯିଏ ଆଜିକାଲି କାଦିୟାନ୍ ସହିତ ସମ୍ପର୍କ ଛିନ୍ନ କରି ସାରିଛନ୍ତି) ପରବର୍ତ୍ତୀ ସମୟରେ ପଛଘୁଞ୍ଚା ଦେଇଥିଲେ ।" ସେ ଏକ ଅନାଥ ପିଲା ଭାବରେ କାଦିୟାନ୍ ଆସିଥିଲେ ଏବଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଦୟା ଓ କରୁଣାରୁ କାଦିୟାନରେ ହିଁ ରହି ଶିକ୍ଷା ଲାଭ ପାଇଥିଲେ । ତାଙ୍କର ଖର୍ଚ୍ଚ ଏବଂ ଆବଶ୍ୟକତାର ସମସ୍ତ ଭାର ଜମାଅତ୍ (ସିଲ୍‌ସିଲା) ଉପରେ ଥିଲା । ଯେତେବେଳେ ସେ ତରୁଣ ଯୁବକ ହେଲେ ଏବଂ ବିବାହ କଲେ ସେତେବେଳେ ଲାହୋରର ଏକ ଖବରକାଗଜ ଅଫିସରେ କିରାଣୀ (ମୁହର୍ରିର) ହେଲେ ଏବଂ ପରେ ଅଫିସ୍ ବଦର୍ କାଦିୟାନ୍‌କୁ ଆସି ବାର ଟଙ୍କା ମାସିକ ବେତନରେ ସେ ଚାକିରି କଲେ ।

ହୁଜୁର୍ ଅନୱର୍ ଅ.ବ କହିଲେ, ହ. ଖଲିଫତୁଲ୍ ମସିହ୍ ଦ୍ୱିତୀୟ ର.ଅଙ୍କୁ ଯେତେବେଳେ ଅଲ୍ଲାଃତାଲା ପ୍ରଥମ ପୁତ୍ର ନସୀର ଅହମଦ ପ୍ରଦାନ କଲେ ସେତେବେଳେ ଉକ୍ତ ସନ୍ତାନର ଅକାଳ ବିୟୋଗ ଘଟିଥିଲା । ସେତେବେଳେ ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱର୍ଗତ ନସୀର ଅହମଦ ସାହେବଙ୍କ ପାଇଁ ଜଣେ ଅନ୍ନା (ଧାତ୍ରୀ, ପିଲା ପାଳୁଥିବା ମହିଳା)ଙ୍କ ଆବଶ୍ୟକତା ପଡ଼ିଲା । ସେ କୁହନ୍ତି, "ମୁଁ ଶେଖ୍ ମୁହମ୍ମଦ୍ ନସୀବ ସାହେବଙ୍କୁ ପ୍ରୋତ୍ସାହିତ କଲି ଯେ ଏପରି ସୁଯୋଗରେ ତୁମେ ନିଜ ପତ୍ନିଙ୍କୁ ସେବା କରିବା ନିମନ୍ତେ ପ୍ରସ୍ତାବ ଦିଅ। ଏହା ହମ୍ ଖୁର୍ମା ଓ ହମ୍ ସୱାବ (ଆନନ୍ଦ ଓ ପୁଣ୍ୟ) ଉଭୟର ସୁଯୋଗ । ଅର୍ଥାତ୍ ଯେଉଁ କାମରେ ଲାଭ ମଧ୍ୟ ଅଛି ଏବଂ ପୁଣ୍ୟ ମଧ୍ୟ ରହିଛି ତାହା ତୁମକୁ ଦୁଇଗୁଣ ଫାଇଦା (ଲାଭ) ହିଁ ଦେବ । "ମୋର ପରାମର୍ଶକୁ ଶେଖ୍ ସାହେବ ସମ୍ମାନର ସହିତ ଗ୍ରହଣ କଲେ ଏବଂ ତାଙ୍କୁ ଏହି ସୁଯୋଗ ମିଳିଗଲା ଏବଂ ତାଙ୍କ ସ୍ତ୍ରୀ ସାହିବ୍‌ଜାଦା ନସୀର୍ ଅହମଦ୍ ସାହେବଙ୍କୁ କ୍ଷୀର ପିଆଇବା ପାଇଁ ନିଯୁକ୍ତ ହେଲେ ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଏହି ସଂପର୍କରେ ହ. ମସିହ୍ ମଉଦ୍ ଅ.ସଙ୍କ କଥା ସଂପର୍କରେ ପଚାରି ବୁଝିଲେ ଯେ ଶେଖ୍ ମୁହମ୍ମଦ୍ ନସୀବ ସାହେବଙ୍କୁ କେତେ ବେତନ ମିଳେ । ଯେତେବେଳେ ଆପଣ ଅ.ସଙ୍କୁ ଜ୍ଞାତ ହେଲା ଯେ ନସୀବ୍ ସାହେବଙ୍କୁ କେବଳ ବାର ଟଙ୍କା ମିଳେ ସତେବେଳେ ଆପଣ ଅ.ସ ଅନୁଭବ କଲେ ଯେ ଏତେ ଅଳ୍ପ ବେତନରେ ହୁଏତ ଗୁଜୁରାଣ ମେଣ୍ଟିବା କଷ୍ଟକର ହେଉଥିବ । ଯଦିଓସେହି ଯୁଗ ଅତ୍ୟନ୍ତ ଶସ୍ତା ଯୁଗ ଥିଲା, "ସୁଲଭତାର ଦିନ ଥିଲା, ତଥାପି ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କୁ ଏହା ଅନୁଭୂତ ହେଲା ଏବଂ ଆପଣ ଅ.ସ ଦିନେ ଯାଉ ଯାଉ (ଯିବା ସମୟରେ) ତାଙ୍କ ରୁମ୍‌ରେ କୋଡ଼ିଏ ପଚିଶ ଟଙ୍କାର ଏକ ପୁଟୁଳି ଫିଙ୍ଗିଦେଲେ (ରଖିଦେଲେ) । ଶେଖ୍ ସାହେବଙ୍କ ମନରେ ସନ୍ଦେହ ହେଲା ଯେ, ଜଣା ନାହିଁ ଏହି ଟଙ୍କାଟି କାହାର । ଶେଷରେ ଜଣାପଡ଼ିଲା ଯେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ତାଙ୍କର ଅଭାବକୁ ଅନୁଭବ କରି ରଖି ଦେଇଛନ୍ତି, ଯେପରି କଷ୍ଟ ନ ହେଉ ଏବଂ ଶାନ୍ତିରେ ଗୁଜୁରାଣ ଚାଲିପାରିବ । ତେଣୁ ସେ ସେହି ଟଙ୍କା ଅଳଙ୍କାର ତିଆରି କରିବାରେ ଖର୍ଚ୍ଚ କଲେ । କାରଣ ସେତେବେଳେ ତାଙ୍କର ଖାଇବା ପିଇବାର ଆବଶ୍ୟକତା ହ.ଅ.ସଙ୍କ ବିଶାଳ ଦସ୍ତରଖାନ୍ ଅର୍ଥାତ୍ ଲଙ୍ଗର୍ ଖାନାରୁ ହିଁ ପୂରଣ ହୋଇ ଯାଉଥିଲା ।" **(ସିରତ୍ ହ. ମସିହ୍ ମଉଦ୍ ଅ.ସ, ଲେଖକ- ହ.ଶେଖ୍ ୟାକୁବ୍ ଅଲୀ ଇର୍‌ଫାନୀ ସାହେବ, ଦ୍ୱିତୀୟ ଭାଗ-2, ପୃଷ୍ଠ-294-295)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ.ଶେଖ୍ ୟାକୁବ ଅଲୀ ଇର୍ଫାନୀ ସାହେବ ର.ଅ ପୁନଶ୍ଚ କହନ୍ତି: "ଯେଉଁଠାରେ ଆପଣଙ୍କ ଅ.ସଙ୍କ ଅଭ୍ୟାସ ଥିଲା ଯେ, ଆପଣ ଅ.ସ ମାଗୁଥିବା ଲୋକ ଅର୍ଥାତ୍ ଭିକ୍ଷୁକକୁ କେବେ ବି ଫେରାଉ ନଥିଲେ ସେଠାରେ ଏହି କଥା ମଧ୍ୟ ଆପଣଙ୍କ ଅଭ୍ୟାସରେ ଥିଲା ଯେ, କେତେକ ଲୋକମାନଙ୍କ ଆବଶ୍ୟକତାକୁ ଅନୁଭବ କରି ସେମାନେ କିଛି ମାଗିବା ପୂର୍ବରୁ ହିଁ ଆପଣ ଅ.ସ ସେମାନଙ୍କୁ ସାହାଯ୍ୟ କରୁଥିଲେ । ସୁତରାଂ ଆପଣ ର.ଅ 28 ଅକ୍ଟୋବର 1904ର" କଥା କହୁଛନ୍ତି ଯେ, ଫଜର୍ (ପ୍ରାତଃ ପ୍ରାର୍ଥନା) ପୂର୍ବରୁ ଆପଣ ଅ.ସ କିଛି ଟଙ୍କା, ଯାହାର ସଂଖ୍ୟା ଆଠ କିମ୍ବା ଦଶ ହେବ, ଜଣେ ନିଷ୍ଠାପର ମୁହାଜିର୍ (ପ୍ରବାସକାରୀ)ଙ୍କୁ ଏହା କହି ଦେଲେ ଯେ, "ଶୀତ ଦିନ ଆସିଗଲାଣି, ଆପଣଙ୍କୁ ଲୁଗାପଟାର ଆବଶ୍ୟକତା ହେବ ।" ସେହି ମୁହାଜିର (ପ୍ରବାସକାରୀ)ଙ୍କ ପକ୍ଷରୁ କୌଣସି ଅନୁରୋଧ ନଥିଲା । କିନ୍ତୁ ନିଜେ ହୁଜୁର ଅ.ସ ତାଙ୍କର ଆବଶ୍ୟକତା ଅନୁଭବ କରି ଏହି ଅର୍ଥ ପ୍ରଦାନ କଲେ । ଉକ୍ତ ଘଟଣାଟି କେବଳ ଗୋଟିଏ ଘଟଣା ନୁହେଁ ବରଂ ଏପରି ଅନେକ ଥର ହେଉଥିଲା ଏବଂ ଗୁପ୍ତ ଭାବରେ ମଧ୍ୟ ଆପଣ ଅ.ସ ସାଧାରଣତଃ ଆବଶ୍ୟକତା ଥିବା ଲୋକଙ୍କ ପ୍ରତି ଅର୍ଥାତ୍ ଅଭାବିମାନଙ୍କ ପ୍ରତି ସଦ୍‌ବ୍ୟବହାର ପ୍ରଦର୍ଶନ କରୁଥିଲେ । ଏଥିରେ କୌଣସି ବନ୍ଧୁ-ଶତ୍ରୁ, ହିନ୍ଦୁ କିମ୍ବା ମୁସଲମାନର ପାର୍ଥକ୍ୟ ନଥିଲା । **(ସିରତ୍ ହ. ମସିହ୍ ମଉଦ୍ ଅ.ସ, ଲେଖକ- ହ. ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ, ଭାଗ-2, ପୃଷ୍ଠା- 288-289)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ ର.ଅ ଉଲ୍ଲେଖ କରନ୍ତି: "ହ. ମସିହ୍ ମଉଦ୍ ଅ.ସଙ୍କ ଅଭ୍ୟାସରେ ଏହି କଥା ମଧ୍ୟ ସାମିଲ ଥିଲା... ଯେ, କେତେକ ସମୟରେ ସେ କାହାର ଅଭାବ ଓ ଆବଶ୍ୟକତାକୁ ଅନୁଭବ କରି ତାଙ୍କର ପ୍ରଶ୍ନ (ମାଗିବାକୁ) କିମ୍ବା ପ୍ରକାଶ କରିବାକୁ ଅପେକ୍ଷା କରୁ ନଥିଲେ ବରଂ ନିଜ ଆଡୁ ହିଁ ଭିକ୍ଷୁକକୁ ଓ ଅଭାବିମାନଙ୍କୁ ପ୍ରଦାନ କରି ଦେଉଥିଲେ ।" ଏ ସଂପର୍କରେ କାଶ୍ମୀର ରାଜ୍ୟର ପେନ୍‌ସନ ପ୍ରାପ୍ତ ଇନ୍ସପେକ୍ଟର ଶ୍ରୀଯୁକ୍ତ ଶେଖ୍ ଫତେହ୍ ମୁହମ୍ମଦ ସାହେବ ହ. ମସିହ୍ ମଉଦ୍ ଅ.ସଙ୍କ ସେବାରେ ଦୀର୍ଘ ସମୟରୁ ଆସୁଥିଲେ । ସେ ବର୍ଣ୍ଣନା କରନ୍ତି ଯେ, 'ମୁଁ ଯେତେବେଳେ ବି ହୁଜୁର୍ ଅ.ସଙ୍କ ସେବାରେ ଆସୁଥିଲି ସେତେବେଳେ ହୁଜୁର୍ ଅ.ସ ସର୍ବଦା ମୋର ଭଡ଼ା ପଇସା ଦେବା ପାଇଁ ପ୍ରସ୍ତୁତ ରହୁଥିଲେ । ମାତ୍ର ମୋର ଆବଶ୍ୟକତା ନଥିବାରୁ ମୁଁ କେବେ ନେଇ ନାହିଁ । କିନ୍ତୁ ହୁଜୁର୍ ଅ.ସଙ୍କ ବଦାନ୍ୟତାର ଆତ୍ମା ଏତେ ମହାନ ଥିଲା ଯେ, ଆପଣ ଅ.ସ ନ ପଚାରି ସର୍ବଦା ଦେବାକୁ ଆଗେଇ ଆସୁଥିଲେ । ଏହା କେବଳ ମୋ ସାଙ୍ଗରେ ନଥିଲା, ବରଂ ଅଧିକାଂଶ ଲୋକଙ୍କୁ ଆପଣ ଅ.ସ ଦେଉଥିଲେ । ସିରୀୟା (ଶାମ୍) ଏବଂ ଆରବରୁ କେତେକ ଲୋକ ଆସୁଥିଲେ ଏବଂ ଆପଣ ଅ.ସ ସେମାନଙ୍କୁ କେତେକ ସମୟରେ ଯାତ୍ରା ଖର୍ଚ୍ଚ (ଅର୍ଥାତ୍ ପାଥେୟ) ଭାବରେ ପ୍ରଚୁର ଟଙ୍କା ଦେଇ ଦେଉଥିଲେ, କାରଣ ହୁଜୁର ଅ.ସ ଜାଣିଥିଲେ ଯେ, ସେମାନେ ଦୂର ଦୂରାନ୍ତରୁ ଆସିଛନ୍ତି ।"**(ସିରତ୍ ହ. ମସିହ୍ ମଉଦ୍ ଅ.ସ, ଲେଖକ - ହ. ଶେଖ ୟାକୁବ୍ ଅଲୀ ଇର୍ଫାନୀ ସାହେବ ର.ଅ, ଭାଗ-3, ପୃଷ୍ଠା- 309)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସେହିପରି ଶେଖ୍ ୟାକୁବ ଅଲୀ ଇର୍ଫାନୀ ସାହେବ ର.ଅ ଉଲ୍ଲେଖ କରନ୍ତି: "ଅଧିକାଂଶ ଏହି ପ୍ରକାରର ମାଗୁଥିବା ଲୋକ ମଧ୍ୟ ଆସି ଯାଉଥିଲେ ଯେଉଁମାନେ ସାଧାରଣତଃ ମାଗୁନଥିଲେ ବରଂ ଚିଠି ଲେଖି ଦେଉଥିଲେ ଏବଂ କାହାକୁ କିଛି ଜଣା ମଧ୍ୟ ପଡୁନଥିଲା ଯେ, ସେ (ଅମକ ବ୍ୟକ୍ତି) ମାଗିଛି । କିନ୍ତୁ ଯେତେବେଳେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଭିତରୁ ସେହି ଲୋକ ପାଇଁ କିଛି ପଠାଉଥିଲେ ସେତେବେଳେ ଯାଇ ଜଣାପଡୁଥିଲା କିମ୍ବା କେବେ ଭିତରକୁ ଯିବା ସମୟରେ କହିକି ଯାଉଥିଲେ ଯେ, 'ତୁମେ ବସ, ମୁଁ ଆସୁଛି' । କେତେକ ଲୋକମାନେ ଏହି ଭାବି ରହି ଯାଉଥିଲେ ଯେ, ହଜୁର୍ ଅ.ସ ଆସିବେ ତେବେ ଜଣାପଡୁଥିଲା ଯେ, ଆପଣ ଅ.ସ ତାଙ୍କର ଆବଶ୍ୟକୀୟ ଜିନିଷ ନଗଦ ଟଙ୍କା କିମ୍ବା ଲୁଗାପଟା ନେଇ ଆସୁଛନ୍ତି ।" **(ସିରତ୍ ହ. ମସିହ୍ ମଉଦ୍ ଅ.ସ, ଲେଖକ- ହ. ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ, ଭାଗ-2, ପୃଷ୍ଠା-294)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ.ମୁନ୍‌ସୀ ଫଜଲ୍ ଅହମଦ ସାହେବ ଜଫର୍ ଅହମଦ ସାହେବ ସଂର୍କରେ କୁହନ୍ତି: "ମିଆଁଜୀ ନିଜାମୁଦ୍ଦୀନ୍ ଅହମଦି କପୁରଥଲା ନିବାସୀ, ଜଣେ ଅତ୍ୟନ୍ତ ଗରିବ ଲୋକ ଥିଲେ । ସେ ଚାଲି ଚାଲି କାଦିୟାନ୍ ଗଲେ ଏବଂ ଦୁଇ ଅଣା (ଟଙ୍କାର ଅଂଶ) ହୁଜୁର ଅ.ସଙ୍କୁ ଭେଟି ସ୍ୱରୂପ ଅର୍ପଣ କଲେ । ହୁଜୁର ଅ.ସ 'ଜଜାକୁମୁଲ୍ଲାହ' (ଅଲ୍ଲାତାଲା ଆପଣଙ୍କୁ ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ) କହି ସେହି ଦୁଇ ଅଣା ଗ୍ରହଣ କଲେ । କିଛି ଦିନ ପରେ ନିଜାମୁଦ୍ଦୀନ୍ ସାହେବ ଫେରିବା ପାଇଁ ବିଦାୟ ନେବାକୁ ଲାଗିଲେ ତେବେ ହୁଜୁର ଅ.ସ କହିଲେ, 'ରୁହ' । ଆପଣ ଅ.ସ ଭିତରକୁ ଯାଇ ସାତ କିମ୍ବା ଆଠ ଟଙ୍କା ଆଣି ମିଆଁଜୀ ନିଜାମୁଦ୍ଦୀନ୍‌ଙ୍କୁ ପ୍ରଦାନ କଲେ ।"

**(ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-4, ପୃଷ୍ଠା-215)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ.ମିର୍ଜା ବଶୀର ଅହମଦ ସାହେବ ର.ଅ ଉଲ୍ଲେଖ କରନ୍ତି: "ମୁନ୍‌ସୀ ଜଫର୍ ଅହମଦ ସାହେବ କପୁରଥଲ୍‌ୱୀ ଲେଖା ମାଧ୍ୟମରେ ମୋତେ ବର୍ଣ୍ଣନା କଲେ ଯେ, ମୁନ୍‌ସୀ ଅଲୀ ଗୌହର ସାହେବ କପୁରଥଲାରେ ଡାକ ଘରେ ଚାକିରି କରୁଥିଲେ । ଅଢ଼େଇ 2.50 ପଇସା ତାଙ୍କର ପେନ୍‌ସନ ଥିଲା । ଅବସର ନେବା ପରେ ତାଙ୍କର ଗୁଜୁରାଣ ମେଣ୍ଟାଇବା ଅତ୍ୟନ୍ତ କଷ୍ଟକର ହୋଇଗଲା । ସେ ଜାଲନ୍ଧର ସ୍ଥିତ ନିଜ ବାସଭବନକୁ ଚାଲିଗଲେ । ସେ ମୋତେ ଚିଠି ଲେଖିଲେ ଯେ, ମହୋଦୟ ! 'ଯେତେବେଳେ ଆପଣ କାଦିୟାନ୍ ଯିବେ ସେତେବେଳେ ମୋତେ ସାଙ୍ଗରେ ଟିକେ ନେଇଯିବେ ।' ସେ ଜଣେ ବହୁତ ନିଷ୍ଠାପର ଅହମଦି ଥିଲେ । ସେ କୁହନ୍ତି, "ତେଣୁ ମୁଁ ଯେତେବେଳେ କାଦିୟାନ୍ ଯିବାକୁ ବାହାରିଲି ସେତେବେଳେ ତାଙ୍କୁ ସାଙ୍ଗରେ ନେବା ପାଇଁ ଜାଲନ୍ଧର ଗଲି । ସେ ଜଣେ ଅତ୍ୟନ୍ତ ଅତିଥିପରାୟଣ ତଥା ଅତିଥି ସତ୍କାରକ ଲୋକ ଥିଲେ । ମୋ ପାଇଁ ସେ ସୁସ୍ୱାଦ ଭୋଜନ ରୋଷେଇ କରାଇଲେ ଏବଂ ପରେ ମୋତେ ଜଣାପଡ଼ିଲା ଯେ ସେ କୌଣସି ବାସନ କୁସନ ବିକ୍ରି କରି ଏହି ଆତିଥ୍ୟତାର ବ୍ୟବସ୍ଥା କରିଛନ୍ତି ।" ଏହା ଥିଲା ସେହି ସାଥୀ (ସହାବା)ଙ୍କ ସ୍ଥିତି ଯାହାଙ୍କର ପ୍ରଶିକ୍ଷଣ ଆପଣ ଅ.ସଙ୍କ ମାଧ୍ୟମରେ ହିଁ ହୋଇଥିଲା । ତେଣୁ ସେ କୁହନ୍ତି: "ମୁଁ ମୁନ୍‌ସୀ ଅଲୀ ଗୌହର୍ ସାହେବଙ୍କ ଟିକେଟ୍ ନିଜେ ହିଁ କିଣିନେଲି । ସେ ନିଜେ ଭଡ଼ା ଦେବା ପାଇଁ ଜିଦ୍ କଲେ । ମୁଁ କହିଲି, ଏହା ଆପଣ ହୁଜୁର ଅ.ସଙ୍କ ସେବାରେ ଅର୍ପଣ କରି ଦିଅନ୍ତୁ । ମୋତେ ତାଙ୍କର ପରିସ୍ଥିତି ଜଣାଥିଲା । ଟିକେଟ୍ ମୁଁ ମୋ ପାଖରୁ ନେଇଥିଲି ଏବଂ ଯେତେବେଳେ ସେ ବହୁତ ଜିଦ୍ କଲେ ସେତେବେଳେ ମୁଁ କହିଲି ଯେ ଠିକ୍ ଅଛି, ତେବେ ଏହି ଟଙ୍କା ଆପଣ ହ. ମସିହ୍ ମଉଦ୍ ଅ.ସଙ୍କ ସେବାରେ ଅର୍ପଣ କରି ଦିଅନ୍ତୁ । ତେଣୁ ଦୁଇ ଟଙ୍କା ସେ ହୁଜୁର ଅ.ସଙ୍କ ସେବାରେ ଅର୍ପଣ କଲେ । ଆଠ ଦଶ ଦିନ ରହିବା ପରେ ଯେତେବେଳେ ଆମେ ଫେରିବା ପାଇଁ ଅନୁମତି ନେବାକୁ ଗଲୁ, ହୁଜୁର ଅ.ସ ଅନୁମତି ଦେଲେ ଏବଂ ମୁନ୍‌ସୀ ସାହେବଙ୍କୁ କହିଲେ ଯେ, ଆପଣ ଟିକିଏ ରୁହନ୍ତୁ । ତା'ପରେ ଆପଣ ଅ.ସ ଦଶ କିମ୍ବା ପନ୍ଦର ଟଙ୍କା ଆଣି ମୁନ୍‌ସୀ ସାହେବଙ୍କୁ ଦେଲେ । ମୁନ୍‌ସୀ ସାହେବ କାନ୍ଦିବାକୁ ଲାଗିଲେ

ଏବଂ ନିବେଦନ କଲେ ଯେ, ହୁଜୁର ! ମୋର ସେବା କରିବା କଥା ନା କି ମୁଁ ହୁଜୁରଙ୍କ ଠାରୁ ପଇସା ନେବି ?' ହୁଜୁର ଅ.ସ ମୋତେ ଆଦେଶ ଦେଲେ ଯେ, ଏ ଆପଣଙ୍କ ବନ୍ଧୁ ଅଟନ୍ତି ତେଣୁ ଆପଣ ତାଙ୍କୁ ବୁଝାନ୍ତୁ । ତା'ପରେ ମୋର ବୁଝାଇବା ପରେ ଯେ 'ଏଥିରେ ବରକତ୍ (କଲ୍ୟାଣ) ଅଛି, ହ. ମସିହ୍ ମଉଦ୍ ଅ.ସ ଯାହା ଦେଇଛନ୍ତି ତାହା ନେଇଯାଅ । ସେ ତାହା ଗ୍ରହଣ କଲେ ଏବଂ ଆମେ ଫେରି ଆସିଲୁ । ଯଦିଓ ହ. ସାହେବ ଅ.ସଙ୍କୁ ମୁନ୍‌ସୀ ସାହେବଙ୍କ ପରିସ୍ଥିତି ସଂପର୍କରେ ଆଦୌ ଜଣାନଥିଲା ।"

**(ସିରତୁଲ୍ ମହଦୀ, ଗ୍ରନ୍ଥଖଣ୍ଡ-2, ଭାଗ-4, ପୃଷ୍ଠା-96-97, ଘଟଣା ସଂଖ୍ୟା-1123)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁନ୍‌ସୀ ଜଫର୍ ଅହମଦ ସାହେବ ର.ଅ ଉଲ୍ଲେଖ କରନ୍ତି: "ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କୁ ନିଜର ସେବକମାନଙ୍କ ମନକୁ ସନ୍ତୁଷ୍ଟ ଓ ଉତ୍ସାହିତ ରଖିବାର ବହୁତ ବଡ଼ ଚିନ୍ତା ଥିଲା ଏବଂ ହୁଜୁର ଅ.ସ ଏହା ପାଇଁ ନିଜେ ନିଜ ସତ୍ତାରୁ ସମସ୍ତ ପ୍ରକାର ତ୍ୟାଗ ଓ ବଳିଦାନ ବ୍ୟାବହାରିକ ଭାବେ ପ୍ରଦର୍ଶନ କରୁଥିଲେ।" ସେ କୁହନ୍ତି ଯେ, "ଥରେ ଇଦ୍‌ର ଦିନ ଥିଲା ଏବଂ ମୋର ସାଫା (ପଗଡ଼ି) ସଫା ନଥିଲା। କାରଣ ଯେତେବେଳେ ବି ଆମେମାନେ ଆସୁଥିଲୁ ସେତେବେଳେ ଗୋଟିଏ କିମ୍ବା ଦୁଇ ଦିନର ସମୟ ବାହାର କରି ଆସୁଥିଲୁ । କିନ୍ତୁ ଆମେମାନେ ଯେତେବେଳେ ଏଠାକୁ (କାଦିୟାନ୍) ଆସୁଥିଲୁ ସେତେବେଳେ ହୁଜୁର ଅ.ସ ଆମମାନଙ୍କୁ ରହିବା ନିମନ୍ତେ ଆଦେଶ ଦେଉଥିଲେ ଯେ, ଏଠାରେ ହିଁ କିଛି ଦିନ ରୁହ । ତେବେ ଆମକୁ ଚାକିରିକୁ ଫେରିଯିବାର ଚିନ୍ତା ମଧ୍ୟ ରହୁ ନଥିଲା ଏବଂ ଆମେ ସେଠାରେ ରହୁଥିଲୁ । ସେହିପରି ଥରେ ଯେତେବେଳେ ଆମେ ଆସିଲୁ, ଇଦ୍ ଦିନ ଆସିଗଲା ଏବଂ ମୁଁ ଗୋଟିଏ ହିଁ ସାଫା (ପଗଡ଼ି) ନେଇ ଆସିଥିଲି । ତାହା ମଇଳା ହୋଇଯାଇଥିଲା । ମୁଁ ଚାହିଁଲି ଯେ ବଜାରକୁ ଯାଇ ନୂଆ ପଗଡ଼ିଟିଏ କିଣି ଆଣିବି । ତେଣୁ ମୁଁ ବଜାର ଆଡ଼କୁ ଯାଉଥିଲି ଆପଣ ଅ.ସ ମୋତେ ଦେଖିନେଲେ ଏବଂ ଆପଣଙ୍କ ଦିବ୍ୟଦୃଷ୍ଟି ତ' ଦେବଦତ୍ତ ଥିଲା । ଆପଣ ଅ.ସ ପଚାରିଲେ, ମହୋଦୟ ! 'କୁଆଡ଼େ ଯାଉଛନ୍ତି ?' ମୁଁ କହିଲି, ଆଜ୍ଞା ' ଆଜି ଇଦ୍ ଦିନ ଅଟେ ଏବଂ ମୋର ପଗଡ଼ି ମଇଳା ହୋଇଯାଇଛି । ତେଣୁ ମୁଁ ବଜାରକୁ ନୂଆ ପଗଡ଼ି କିଣିବା ପାଇଁ ଯାଉଛି ।' ଏକଥା ଶୁଣିବା ମାତ୍ରେ ଆପଣ ଅ.ସ ସେହି ସମୟରେ ହିଁ ସେଠାରେ ଠିଆ ହୋଇଗଲେ ଏବଂ ଆପଣ ଅ.ସ ନିଜର ପବିତ୍ର ପଗଡ଼ି (ଅମାମା) ଓହ୍ଲାଇ ମୋତେ ଦେଇଦେଲେ । ଆପଣ ଅ.ସ କହିଲେ, ମହୋଦୟ ! 'ଏହି ପଗଡ଼ି ଆପଣଙ୍କୁ ପସନ୍ଦ ଲାଗୁଛି ତେଣୁ ଆପଣ ଏହାକୁ ନେଇଯାଆନ୍ତୁ । ମୁଁ ଅନ୍ୟ ଏକ ପଗଡ଼ି ବାନ୍ଧିନେବି । ମୋ ଉପରେ ଏହି ପ୍ରେମ ଓ ସ୍ନେହର ଯେଉଁ ପ୍ରଭାବ ପଡ଼ିଲା, ତାହାକୁ ଶବ୍ଦରେ ପ୍ରକାଶ କରିପାରିବ ନାହିଁ । ମୁଁ ଅତ୍ୟନ୍ତ ସମ୍ମାନ ଏବଂ ଆନ୍ତରୀକତାର ସହିତ ସେହି ପଗଡ଼ିକୁ ନେଇନେଲି ଓ ଆପଣ ଅ.ସ ନିରାଡ଼ମ୍ବରତାର ସହିତ ଘରକୁ ଫେରିଗଲେ । ଅତଏବ୍ ଆପଣ ଅ.ସ ପରେ ଅନ୍ୟ ଏକ ପଗଡ଼ି ବାନ୍ଧି ସେଠାକୁ ଆସିଗଲେ ।"

**(ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-4, ପୃଷ୍ଠା-225-226)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମିଆଁ ଖୈରୁଦ୍ଦୀନ୍ ସାହେବ ର.ଅ ବର୍ଣ୍ଣନା କରି କୁହନ୍ତି: "ଏକଦାର ଚର୍ଚ୍ଚା ହେବ ଯେତେବେଳେ ହୁଜୁର ଅ.ସ ଅବତାରତ୍ୱର ଦାବି କରି ନଥିଲେ । ହୁଜୁର ଅ.ସଙ୍କ ବଡ଼ ଭାଇଙ୍କ ବିବାହ ଥିଲା ଏବଂ ସେ କିଛି ଖାସି ମଗେଇଥିଲେ ଯାହାକୁ ନଙ୍ଗଲ୍ ବାଗ୍‌ବାନାଁର ଜଣେ ବ୍ୟକ୍ତି ଚରାଉଥିଲା । ଦିନେ ହୁଜୁର ଅ.ସ ବୁଲିବାକୁ ଯାଉଥିଲେ କି ବାଟରେ ସେହି ଛେଳିଗୁଡ଼ିକୁ ସେ ଚରାଉଥିଲା । ତାହା ସହିତ ତା'ର ପୁଅ ମଧ୍ୟ ଥିଲା ଏବଂ ସେହି ପୁଅଟି ଖାଲି ପାଦରେ ଥିଲା । ହୁଜୁର ଅ.ସ ତା' ଆଡ଼କୁ ଚାହିଁ କହିଲେ, "ମିଆଁ ! ତୁମେ ଖାଲି ପାଦରେ ବୁଲୁଛ, ତୁମ ପାଦରେ କଣ୍ଟା ଫୋଡ଼ି ହେଉ ନାହିଁ କି ?" ସେ କହିଲା, 'ହୁଜୁର ! ମୋ ପାଖରେ ଜୋତା ନାହିଁ ଏବଂ ମୋ ବାପା ଜଣେ ଗରିବ ବ୍ୟକ୍ତି ଅଟନ୍ତି । ସେ ଜୋତା କିଣିପାରିବେ ନାହିଁ ।' ହୁଜୁର ଅ.ସ ନିଜ ପାଦରୁ ଗୋଟିଏ ଜୋତା ଓହ୍ଲାଇ କହିଲେ, ହେଇ ନିଅ ! 'ଏହି ଜୋତାକୁ ପିନ୍ଧ । ଦେଖ, ପୂରା ହେଉଛି କି ନାହିଁ ?' ସେ କ୍ଷମା ପ୍ରାର୍ଥନା କଲା ଯେ, ହୁଜୁର୍ ! 'ମୁଁ ଆପଣଙ୍କ ଜୋତା କିପରି ପିନ୍ଧିବି ?' ହୁଜୁର ଅ.ସ କହିଲେ, 'ନାହିଁ !' ତାକୁ ବାଧ୍ୟ କରି କହିଲେ, ପିନ୍ଧ । ସେ ଗୋଟିଏ ପାଦରେ ପିନ୍ଧିଲା । ହୁଜୁର ଅ.ସ କହିଲେ, ହଁ ! ଠିକ୍ ଅଛି, ତୁମକୁ ପୂରା ହେଉଛି। ତା'ପରେ ଆପଣ ଅ.ସ ଅନ୍ୟ ଜୋତାଟି ଓହ୍ଲାଇ କହିଲେ, ହେଇ ନିଅ ! ଏହାକୁ ମଧ୍ୟ ପିନ୍ଧିନିଅ । ସେ ତାହା ମଧ୍ୟ ପିନ୍ଧିନେଲା । ଏହା ଦେଖି ହୁଜୁର ଅ.ସ ବହୁତ ଖୁସି ହେଲେ ଏବଂ କହିଲେ, ବାସ୍ ଏବେ ଠିକ୍ ଅଛି । ତୁମେ ଏହାକୁ ବ୍ୟବହାର କର । ତେଣୁ ଆପଣ ସେହିପରି ଖାଲି ପାଦରେ ଘରକୁ ଫେରି ଆସିଲେ । ଏହା ସେତେବେଳର କଥା ଯେତେବେଳେ ହୁଜୁର ଅ.ସଙ୍କ ବୟସ ହୁଏତ କୋଡ଼ିଏ କିମ୍ବା ତିରିଶ ବର୍ଷ ହୋଇଥିବ ।"

**(ରିୱାୟାତ୍ ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-5, ପୃଷ୍ଠା-380ରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ନିଜର ଉପକାରୀ ଓ ମହାବତାର ହ. ମୁହମ୍ମଦ ମୁସ୍ତଫା ସଲ୍ଲାଲ୍ଲାଃହୁ ଅଲୈହି ୱସଲ୍ଲମ୍‌ଙ୍କ ଅନୁସରଣ ତଥା ଆଜ୍ଞାବହତ୍ୱରେ ଉଦାରତା ଓ ବଦାନ୍ୟତାର ସାକ୍ଷାତ୍ ପ୍ରତୀକ ଥିଲେ। ତଥାପି କେତେକ ସମୟରେ ଏହା ମଧ୍ୟ ଦେଖାଯାଇଛି ଯେ, କୌଣସି ବିଚକ୍ଷଣତା ଓ ଉଦ୍ଦେଶ୍ୟ ଦୃଷ୍ଟିରୁ ଆପଣ ଅ.ସ ମାଗୁଥିବା ଲୋକକୁ ଦେବାକୁ ବାରଣ ମଧ୍ୟ କରିଛନ୍ତି । ତେଣୁ ଶେଖ୍ ୟାକୁବ ଅଲୀ ଇର୍ଫାନୀ ସାହେବ ର.ଅ ଉଲ୍ଲେଖ କରନ୍ତି: "ଆପଣ ଅ.ସ ୧୮୮୨ ମସିହାରେ, ଯାହା ବୈଅତ୍ (ଦୀକ୍ଷା)ର ବର୍ଷ ଥିଲା, ଲୁଧିୟାନାରେ ଉପସ୍ଥିତ ଥିଲେ । ଏକ ଅବସରରେ ଆପଣଙ୍କ ପାଖକୁ ଜଣେ ମାଗୁଥିବା ଲୋକ (ଭିକ୍ଷୁକ) ଆସିଲା ଏବଂ ସେ ଚର୍ଚ୍ଚ କଲା ଯେ, ମୋର ଜଣେ ସମ୍ପର୍କୀୟ ଇହଲୀଳା ସମ୍ବରଣ (ମୃତ୍ୟୁବରଣ) କରିଛନ୍ତି । ମୋ ପାଖରେ କଫନ୍ ଦଫନ (ଶବ ସତ୍କାର) ପାଇଁ କୌଣସି ବ୍ୟବସ୍ଥା (ଟଙ୍କା) ନାହିଁ । ସେ କିଛି ରୂପା ଓ ତମ୍ବା ମୁଦ୍ରା ଗୋଟିଏ ଗିନାରେ ରଖିଥିଲା, ଏହା ଦେଖାଇବା ପାଇଁ ଯେ, କିଛି ଚାନ୍ଦା ମିଳିଛି," ମାଗି ମାଗି ଗୁଜୁରାଣ କରୁଛି ଯେପରି କଫନ୍ ଦଫନ୍ (ଶବ ସତ୍କାର) କରିପାରିବ । ଆହୁରି ଅର୍ଥର ଆବଶ୍ୟକତା ରହିଛି । ହ. ମସିହ୍ ମଉଦ୍ ଅ.ସ ଶ୍ରଦ୍ଧେୟ ହ. କାଜି ଖ୍ୱାଜା ଅଲୀ ସାହେବଙ୍କୁ (ଯିଏ ବହୁତ ନିଷ୍ଠାପର ଏବଂ ହୁଜୁର ଅ.ସଙ୍କ ମାର୍ଗରେ ସମର୍ପିତ ବରିଷ୍ଠ ବ୍ୟକ୍ତି ଥିଲେ) କହିଲେ, କାଜି ସାହେବ ! ଏହାଙ୍କ ସାଙ୍ଗରେ ଯାଇ କଫନ । ର ସାମଗ୍ରୀ ବ୍ୟବସ୍ଥା କରିଦିଅନ୍ତୁ । ହ. ମସିହ୍ ମଉଦ୍ ଅ.ସଙ୍କର ଏହିପରି ଅଭ୍ୟାସ ନଥିଲା, ସାଧାରଣତଃ ତ' ଯିଏ ମାଗୁଥିଲା ଦେଇ ଦେଉଥିଲେ, କିନ୍ତୁ ଏଠାରେ ସେ କୁହନ୍ତି ଯେ, ଆମେ ଏକ ନୂଆ କଥା ଦେଖିଲୁ ଯାହା ଅଭ୍ୟାସ ବିରୁଦ୍ଧୀୟ କଥା ଥିଲା । କେବଳ ସେତିକି ନୁହେଁ ବରଂ ସାଧାରଣତଃ ଆପଣ ଅ.ସ ଯାହା ଉଚିତ୍ ବୋଲି ମନେକରୁଥିଲେ ତାହା ଦେଇ ଦେଉଥିଲେ । ଏହି ଆଦେଶରେ ସେବକମାନେ ଆଶ୍ଚର୍ଯ୍ୟ ମଧ୍ୟ ହେଲେ । କାଜି ସାହେବ ମଧ୍ୟ ପଚାରିଲେ ନାହିଁ ଯେ କ'ଣ ଦେବି, ବରଂ ସେ ସାଙ୍ଗରେ ବାହାରିଲେ ଏବଂ ତାକୁ କହିଲେ ଯେ 'ଚାଲ ଭାଇ, ମୁଁ ଯାଇ ସମସ୍ତ ବ୍ୟବସ୍ଥା କରୁଛି । ସେହି ଭିକ୍ଷୁକ କାଜି ସାହେବଙ୍କୁ ନେଇ ବାହାରିଲା । କିଛି ସମୟ ପରେ କାଜି ସାହେବ ହସି ହସି ଫେରି ଆସିଲେ ଏବଂ କହିଲେ, ହୁଜୁର ! ସେ ତ' ବହୁତ ବଡ଼ ପ୍ରତାରକ (ଠକ) ଥିଲା । ବାଟରେ ଯାଇ ସେ ମୋତେ ନେହୁରା ହୋଇ କହିବାକୁ ଲାଗିଲା ଯେ, ଆଜ୍ଞା ଅଲ୍ଲାଃଙ୍କ ସକାଶେ ଆପଣ ଯାଆନ୍ତୁ ନାହିଁ । ଯାହା ଦେବାର ଅଛି ଦେଇ ଦିଅନ୍ତୁ । ମୁଁ କହିଲି ମୋତେ ତ' ନିଜେ ଯିବାର ଆଦେଶ ମିଳିଛି, ତେଣୁ ଯାହା କିଛି ତୁମ ପାଖରେ ଅଛି ତାହା ମୋତେ ଦିଅ । ଯାହା ଖର୍ଚ୍ଚ ହେବ ମୁଁ କରିବି । ଶେଷରେ ସେ ଯେତେବେଳେ ଦେଖିଲା ଯେ, ମୁଁ ଆପଣ ଅ.ସଙ୍କ କଥାରୁ ଓହରୁ ନାହିଁ । ସେ ହାତ ଯୋଡ଼ି ଲଜ୍ଜାର ସହିତ କହିଲା, ଆଜ୍ଞା କେହି ମରି ନାହାନ୍ତି କି କଫନ୍ ଦଫନର (ଶବ ସତ୍କାର)ପାଇଁ ଅର୍ଥର ଆବଶ୍ୟକତା ନାହିଁ । ଏହା ମୋର ଭିକ୍ଷା ବୃତ୍ତି ଅଟେ । ଏବେ ମୋର ଗୋପନୀୟତା ଆପଣ କାହା ଆଗରେ ପ୍ରକାଶ କରନ୍ତୁ ନାହିଁ । ଆପଣ ଫେରି ଯାଆନ୍ତୁ ଏବଂ ମୋତେ ଛାଡ଼ି ଦିଅନ୍ତୁ । ମୁଁ ଆଉ ଏହି କାମ (ଭିକ୍ଷା ବୃତ୍ତି) କରିବି ନାହିଁ । ଅତଏବ୍ କେତେକ ସମୟରେ ମାଗୁଥିବା ଲୋକଙ୍କର ଏପରି ଅବସ୍ଥା ମଧ୍ୟ ହେଉଥିଲା। ସୁତରାଂ ଯେତେବେଳେ କାଜି ସାହେବ ଏହି ଘଟଣା ବର୍ଣ୍ଣନା କଲେ, ସେତେବେଳେ ସ୍ୱାଭାବିକ ରୂପେ ତାହାକୁ ଶୁଣି ବହୁତ ହସ ମଧ୍ୟ ଆସିଲା । କିନ୍ତୁ ଆପଣ ଅ.ସଙ୍କର ବିଶ୍ୱାସକାରୀ ସୁଲଭ ଦିବ୍ୟଦୃଷ୍ଟି ଏବଂ ନୈତିକତାର ମଧ୍ୟ ବିଚିତ୍ର ପ୍ରଭାବ ପଡ଼ିଲା । ଆପଣ ଅ.ସ ସଦିଚ୍ଛା ଏବଂ ସୁଧାରଣା ରଖି ତାକୁ ମନା ତ' କଲେ ନାହିଁ, କିନ୍ତୁ ଏପରି ଉପାୟ ଆପଣେଇଲେ ଯଦ୍ୱାରାକି ତା'ର ଚାରିତ୍ରିକ ସଂଶୋଧନ ମଧ୍ୟ ହୋଇଗଲା ଏବଂ ଅଯଥା ସ୍ଥାନରେ ଆପଣ ଅ.ସଙ୍କୁ ଖର୍ଚ୍ଚ କରିବାର ଆବଶ୍ୟକତା ମଧ୍ୟ ପଡ଼ିଲା ନାହିଁ ।"

**(ସିରତ୍ ହ. ମସିହ୍ ମଉଦ୍ ଅ.ସ, ଲେଖକ - ହ. ଶେଖ ୟାକୁବ୍ ଅଲୀ ଇର୍ଫାନୀ ସାହେବ ର.ଅ, ଭାଗ-2, ପୃଷ୍ଠା- 287-288)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହିପରି ଏକ ଘଟଣା ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ନିଜେ ମଧ୍ୟ ବର୍ଣ୍ଣନା କରିଛନ୍ତି: "ଲୁଧିୟାନାରେ ଜଣେ ଭିକ୍ଷୁକ ମୋ ପାଖକୁ ଆସିଲା ଏବଂ ପ୍ରକାଶ କଲା ଯେ, ଜଣେ ଲୋକ ମରିଯାଇଛି । ତା'ର ଶବ ସତ୍କାର ପାଇଁ ସାମଗ୍ରୀ ଯୋଗାଡ଼ କରୁଛି । ଚାରି ଆଣାର ଅଭାବ ଅଛି । ଜଣେ ଲୋକ କହିଲା ଯେ ପ୍ରଥମେ ଦେଖିବା ଦରକାର ଯେ ସେହି ଶବ କେଉଁଠି ଅଛି, ତା'ପରେ ତା'ର ସମ୍ପୂର୍ଣ୍ଣ ସାହାଯ୍ୟ କରିବା ଦରକାର । ତେଣୁ ସେହି ଲୋକ ସାଙ୍ଗରେ ଗଲା । ତେବେ କିଛି ଦୂର ଯାଇ ଭିକ୍ଷୁକଟି ଦଉଡ଼ି ପଳାଇଲା । କାରଣ ସେ ସବୁ ମିଛ କାହାଣୀ ତିଆରି କରିଥିଲା।"

**(ମଲ୍‌ଫୁଜାତ୍, ଅଷ୍ଟମ ଗ୍ରନ୍ଥଖଣ୍ଡ-8, ପୃଷ୍ଠା-15, ସଂସ୍କରଣ-2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ଥରେ କେଉଁଠାରୁ ଚିଠି ଆସିଲା ଯେ, ଆମେ ଏକ ମସଜିଦ୍ ତିଆରି କରିବାକୁ ଚାହୁଁଛୁ ଏବଂ ଶୁଭକାମନା ସ୍ୱରୂପ (ତବରୁକନ୍ ବା କଲ୍ୟାଣ ସ୍ୱରୂପ) ଆପଣ ଅ.ସଙ୍କଠାରୁ ମଧ୍ୟ ଚାନ୍ଦା ଚାହୁଁଛୁ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କହିଲେ, "ଆମେ ଦେଇ ତ' ପାରିବୁ ଏବଂ ଏହା କୌଣସି ବଡ଼ କଥା ନୁହେଁ। କିନ୍ତୁ ଯେତେବେଳେ ନିଜେ ଆମ ପାଖରେ ବହୁତ ଗୁରୁତ୍ୱପୂର୍ଣ୍ଣ ଓ ଆବଶ୍ୟକୀୟ ଖର୍ଚ୍ଚ ରହିଛି, ଯାହା ତୁଳନାରେ ଏହିପରି ଖର୍ଚ୍ଚରେ ସାମିଲ ହେବା ଅପବ୍ୟୟ (ଇସ୍ରାଫ୍) ବୋଲି ମନେହୁଏ । ତେଣୁ ଆମେ କିପରି ତହିଁରେ ସାମିଲ ହେବୁ ? ଏଠାରେ ଯେଉଁ ମସ୍‌ଜିଦ୍ ଅଲ୍ଲାଃତାଲା ତିଆରି କରୁଛନ୍ତି, ତାହା ହିଁ ମସ୍‌ଜିଦେ ଅକ୍‌ସା ଅଟେ ଏବଂ ତାହା ସବୁଠାରୁ ପ୍ରାଥମିକ । ବର୍ତ୍ତମାନ ଲୋକମାନଙ୍କ ପକ୍ଷେ ଏହା ଉଚିତ୍ କି ସେମାନେ ଏହି ମସ୍‌ଜିଦ୍ ପାଇଁ ଟଙ୍କା ପଠାଇ ପୁଣ୍ୟ କାର୍ଯ୍ୟରେ ସାମିଲ ହୁଅନ୍ତୁ । ଆପଣ ଅ.ସ କହିଲେ, "ଆମର ବନ୍ଧୁ ହେଉଛି ସେହି ବ୍ୟକ୍ତି ଯିଏ ଆମ କଥା ମାନେ । ଆମର ବନ୍ଧୁ ସେ ନୁହେଁ ଯିଏ ନିଜ କଥାକୁ ପ୍ରାଧାନ୍ୟ ଦିଏ ।" ପୁନଶ୍ଚ ଆପଣ ଅ.ସ ଉଦାହରଣ ଦେଲେ ଯେ, "ହ.ଇମାମ୍ ଅବୁ ହନୀଫା ର.ଅଙ୍କ ପାଖକୁ ଜଣେ ବ୍ୟକ୍ତି ଆସିଲା ଏବଂ ସେ କହିଲା, ଆଜ୍ଞା ଆମେ ଏକ ମସ୍‌ଜିଦ୍ ତିଆରି କରିବାକୁ ଯାଉଛୁ ଆପଣ ମଧ୍ୟ ଏଥିରେ କିଛି ଯୋଗଦାନ ଦିଅନ୍ତୁ ଅର୍ଥାତ୍ କିଛି ଚାନ୍ଦା ଦେଇ ସାହାଯ୍ୟ ଦିଅନ୍ତୁ । ସେ ଅସମର୍ଥ୍ୟତା ପ୍ରକାଶ କଲେ ଏବଂ କହିଲେ, ଆଜ୍ଞା ମୁଁ ଏଥିରେ (ଉକ୍ତ ମସ୍‌ଜିଦ୍ ପାଇଁ) କିଛି ଦେଇପାରିବି ନାହିଁ । ଯଦିଓ ସେ ଚାହିଁଥିଲେ ବହୁତ କିଛି ଦେଇପାରିଥାନ୍ତେ କିନ୍ତୁ ସେହି ବ୍ୟକ୍ତି କହିଲା ଯେ, ଆଜ୍ଞା ଆମେ ଆପଣଙ୍କ ଠାରୁ କିଛି ଅଧିକ ମାଗୁ ନାହୁଁ, କେବଳ ଶୁଭକାମନା ସ୍ୱରୂପ କିଛି ଦେଇ ଦିଅନ୍ତୁ । ଶେଷରେ ସେ ଗୋଟିଏ ଦୁଇ ଆଣି (ଛୋଟ ମୁଦ୍ରା) ପାଖାପାଖି ଦେଲେ । ସଞ୍ଜ ବେଳେ ସେହି ବ୍ୟକ୍ତି ସେହି ଦୁଇ ଆଣି ନେଇ ଫେରି ଆସିଲା ଏବଂ କହିବାକୁ ଲାଗିଲା ଯେ 'ହୁଜୁର ! ଏହା ତ' ନକଲି ଅଟେ ।

ତେବେ ଇମାମ୍ ଅବୁ ହନୀଫା ବହୁତ ଖୁସି ହେଲେ ଏବଂ କହିଲେ, 'ବହୁତ ଭଲ ହେଲା। ବାସ୍ତବରେ ମୋର ମନ ନଥିଲା ଯେ ମୁଁ ତୁମକୁ କିଛି ଦେବି ଯେପରି ତୁମେ ମସ୍‌ଜିଦ୍ ତିଆରି କରୁଛ । ମସ୍‌ଜିଦ୍ ତ' ଅନେକ ଅଛି ଏବଂ ମୋତେ ଏଥିରେ ଅପବ୍ୟୟ ମନେ ହୁଏ । ଇମାମ୍ ଅବୁ ହନୀଫା କହିଲେ, ତୁମେମାନେ ତ' ନମାଜ୍ ପାଠ କରୁ ନାହଁ ଏବଂ ଖାଲି ଲୋକ ଦେଖାଣିଆ ପାଇଁ ମସଜିଦ୍ ତିଆରି କରୁଛ ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-2, ପୃଷ୍ଠା-170-171, ସଂସ୍କରଣ-2022)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ପିଲାମାନଙ୍କୁ ମଧ୍ୟ ସେମାନଙ୍କ ଇଚ୍ଛା ମୁତାବକ ଜିନିଷ ପ୍ରଦାନ କରୁଥିଲେ । ସୁତରାଂ ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, ବିବି ରାଣୀ ମୁସିୟା (କାଦିୟାନର ଅଜିଜ୍ ବେଗମ୍‌ଙ୍କ ମାତାଶ୍ରୀ, ହକୀମ୍ ମୁହମ୍ମଦ ଉମର୍ ସାହେବଙ୍କ ପତ୍ନି) ବର୍ଣ୍ଣନା କରନ୍ତି: "ମୁଁ 1901 ମସିହାରେ ଚିଠି ମାଧ୍ୟମରେ ବୈଅତ୍ (ଦୀକ୍ଷା) ଗ୍ରହଣ କରିଥିଲି । ଯେହେତୁ ମୋର ଝିଅ ଅଜୀଜା ବେଗମ (ହକୀମ୍ ମୁହମ୍ମଦ ଉମର ସାହେବଙ୍କ ଧର୍ମପତ୍ନୀ) କାଦିୟାନ୍‌ରେ ଥିଲେ । ଏଥିପାଇଁ ମୋତେ ମଧ୍ୟ 1902 ମସିହାରେ କାଦିୟାନ୍ ଆସିବାକୁ ଇଚ୍ଛା ହେଲା । ମୋ ସାଙ୍ଗରେ ମୋର ସାନ ଝିଅ ଥିଲା । ଯେତେବେଳେ ହୁଜୁର୍ ଅ.ସ ସକାଳେ କୌଣସି ସମୟରେ ବୁଲିବା ପାଇଁ ବାହାରେ ବଗିଚା ଆଡ଼କୁ ଯାଉଥିଲେ ସେତେବେଳେ ମୁଁ ମଧ୍ୟ ଅଧିକାଂଶ ସମୟ ଆପଣ ଅ.ସଙ୍କ ସାଙ୍ଗରେ ଯାଉଥିଲି । ବୟସ୍କ ହୋଇଯିବା ହେତୁ ଏବଂ ବିଳମ୍ବ ହୋଇଯିବା ହେତୁ କଥାସବୁ ମନେ ନାହିଁ । ସେ ଉଲ୍ଲେଖ କରନ୍ତି, "କିନ୍ତୁ ଗୋଟିଏ କଥା ମନେ ଅଛି ଯେ, ଥରେ ସକାଳ ସମୟରେ ଯେତେବେଳେ ହୁଜୁର୍ ଅ.ସ ଭୋଜନ କରୁଥିଲେ, ମୁଁ ମଧ୍ୟ ଆସିଗଲି । ମୋର ସାନ ଝିଅ କାନ୍ଦିବା ଆରମ୍ଭ କଲା । ହୁଜୁର୍ ଅ.ସ ପଚାରିଲେ, କ'ଣ କାରଣ ରହିଛି ଯେ, ପିଲାଟି କାନ୍ଦୁଛି ? "ତେବେ ମୁଁ କହିଲି ହୁଜୁର୍ ! ସେ ରୁଟି ମାଗୁଛି । ଆପଣ ଅ.ସ ରୁଟି ମଗେଇ ଦେଇଦେଲେ । କିନ୍ତୁ ଝିଅଟି ଚୁପ୍ ହେଲା ନାହିଁ । ହୁଜୁର ଅ.ସ ପୁନର୍ବାର ପଚାରିବାରୁ ମୁଁ କହିଲି ଯେ, ହୁଜୁର୍ ! 'ମୋ ଝିଏ ସେହି ରୁଟି ମାଗୁଛି ଯେଉଁ ରୁଟି ଆପଣ ଅ.ସ ଖାଉଛନ୍ତି । ତେବେ ହୁଜୁର ଅ.ସ ସେହି ରୁଟି ତାକୁ ଦେଇଦେଲେ ଯାହା ହୁଜୁର ଅ.ସ ନିଜେ ଖାଉଥିଲେ । ସୁତରାଂ ଝିଅଟି ସେହି ରୁଟି, ଯାହା ଅଳ୍ପ ଥିଲା ନେଇନେଲା ଏବଂ ଚୁପ୍ ହୋଇ ଖାଇବାକୁ ଲାଗିଲା ।"

**(ସିରତୁଲ୍ ମହଦୀ, ଗ୍ରନ୍ଥଖଣ୍ଡ-2, ଭାଗ-5, ପୃଷ୍ଠା-188, ବର୍ଣ୍ଣନା ସଂଖ୍ୟା-1281)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯେତେବେଳେ ଆପଣ ଅ.ସ କାମ କରାଉଥିଲେ ସତେବେଳେ କାମ କରୁଥିବା ଲୋକଙ୍କ ସୁବିଧାର ମଧ୍ୟ ଧ୍ୟାନ ରଖୁଥିଲେ । ଡାକ୍ତର ଅତର୍ ଦୀନ୍ ସାହେବ କୁହନ୍ତି ଯେ, ହ. ମୀର ମୁହମ୍ମଦ ଇସ୍‌ହାକ ସାହେବ ର.ଅ ଯିଏ ସେତେବେଳେ ପିଲା ଥିଲେ, ସେ କେଉଁଆଡ଼େ ବାହାରକୁ ଚାଲିଗଲେ । ଯେତେବେଳେ ହ. ମସିହ୍ ମଉଦ୍ ଅ.ସଙ୍କୁ ସୂଚନା ମିଳିଲା ସେତେବେଳେ ଆପଣ ଅ.ସ ତୁରନ୍ତ ଚିନ୍ତିତ ହୋଇପଡ଼ିଲେ ଏବଂ ନିଜର ସେବକଙ୍କୁ ବୋର୍ଡିଂ ହାଉସ୍‌କୁ ପଠାଇ ବହୁତ ଜୋର୍‌ରେ ଦୌଡ଼ିପାରୁଥିବା ବୋର୍ଡରମାନଙ୍କୁ ଡକାଇଲେ । ଯେଉଁ ଛାତ୍ରମାନେ ସେଠାରେ ପଢୁଥିଲେ ତାଙ୍କୁ ଡକାଇଲେ । ତେଣୁ ସେତେବେଳେ ଶ୍ରଦ୍ଧେୟ ଭାଇ ଅବ୍‌ଦୁର ରହୀମ୍ ସାହେବ (ନବ ମୁସ୍‌ଲିମ୍) ଯିଏ ବୋର୍ଡିଂର ସୁପରିଟେଣ୍ଡେଣ୍ଟ୍ ଥିଲେ ସେ ମୋତେ ଏବଂ ଆଉ ତିନି ଚାରିଜଣ ପିଲାଙ୍କୁ ପଠାଇଲେ ଏବଂ ଏହି ଦଳର ନେତା ବିନୀତକୁ କଲେ। ଯେତେବେଳେ ଆମେ ହୁଜୁର୍ ଅ.ସଙ୍କ ପାଖକୁ ଗଲୁ ସେତେବେଳେ ହୁଜୁର ଅ.ସ ବହୁତ ସ୍ନେହର ସହିତ କହିଲେ, "ଆପଣମାନଙ୍କୁ ବହୁତ କଷ୍ଟ ହୋଇଛି, ମୁଁ ଡକାଇଛି ଏବଂ କାମ ପାଇଁ ଆପଣଙ୍କୁ ଯିବାକୁ ପଡ଼ିବ ଏବଂ ହୋଇପାରେ ଆପଣଙ୍କୁ ସମୟ ମଧ୍ୟ ଲାଗିପାରେ, ବୁଲିବାକୁ ପଡ଼ିପାରେ ଏବଂ ଭୋକ ମଧ୍ୟ ଲାଗିପାରେ ।" ଏଥିପାଇଁ ଆପଣ ଅ.ସ ମୋତେ ବହୁତ ଗୁଡ଼ିଏ ରୁଟି ଦେଲେ ଏବଂ କହିଲେ ଯେ, "ଏହି ରୁଟି ଏବଂ ତରକାରୀ, ଡାଲି ତିଆରି ହୋଇଛି," ତାହା ମଧ୍ୟ ହୁଜୁର ଅ.ସ ନିଜେ ଆଣି ଆମକୁ ଦେଲେ । କାରଣ ଆମେ ସନ୍ଧାନରେ ଯାଉଥିଲୁ, ବାଟରେ ଆବଶ୍ୟକତା ପଡ଼ିପାରେ । ତେଣୁ ସେ କୁହନ୍ତି ଯେ, ଯାହାହେଉ ଆମେ ଯିବା ପାଇଁ ପ୍ରସ୍ତୁତ ହେଲୁ । ଠିକ୍ ସେତିକିବେଳେ ଶ୍ରୀମାନ୍ ଶେଖ୍ ୟାକୁବ୍ ଅଲୀ ସାହେବ ଇର୍ଫାନୀ ର.ଅ ମୀର୍ ସାହେବ ର.ଅଙ୍କୁ ନେଇ ସେହି ସମୟରେ ଉପସ୍ଥିତ ହୋଇଗଲେ ଏବଂ ସେ ମିଳିଗଲେ । ଏଥିପାଇଁ ଆମେ ଗଲୁ ନାହୁଁ କିନ୍ତୁ ହୁଜୁର ଅ.ସଙ୍କ ସ୍ନେହ ନିଜ ସେବକମାନଙ୍କ ପ୍ରତି ମଧ୍ୟ ପ୍ରକାଶ ପାଇଥିଲା ।

**(ରିୱାୟାତ୍ ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-3, ପୃଷ୍ଠା-346)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁହମ୍ମଦ ଦୀନ୍ ସାହେବ (ଭାଗୋ ସାହେବଙ୍କ ପୁତ୍ର) ଯିଏ କାଦିୟାନ୍ ସଂଲଗ୍ନ କାଦିରାବାଦ୍ ଗ୍ରାମରେ ରହୁଥିଲେ, ସେ ବର୍ଣ୍ଣନା କରନ୍ତି: "ଅନେକ ଥର ହୁଜୁର୍ ଅ.ସ ସାହେବ ଘରୁ ଭୋଜନ ଇତ୍ୟାଦି ନିଜ ସାଙ୍ଗରେ ଆଣି ଆମ ଗାଁ ମସ୍‌ଜିଦ୍‌ରେ ଖାଉଥିଲେ ଏବଂ ଆମକୁ ମଧ୍ୟ ଦେଉଥିଲେ ।"

**(ରିୱାୟାତ୍ ଅସ୍‌ହାବେ ଅହମଦ୍, ଗ୍ରନ୍ଥଖଣ୍ଡ-3, ପୃଷ୍ଠା-378)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପତ୍ନିଙ୍କ ରଣ ଫେରସ୍ତ କରିବା ମଧ୍ୟ ଆବଶ୍ୟକ ଅଟେ । ବିଗତ ଖୁତ୍‌ବାରେ ମୁଁ ଉକ୍ତ ଘଟଣାଟି ବର୍ଣ୍ଣନା କରିଥିଲି ଯେ, ଲଙ୍ଗର୍‌ର ଖର୍ଚ୍ଚ ଯେତେବେଳେ ବୃଦ୍ଧି ପାଇଲା ସତେବେଳେ ହ. ମସିହ୍ ମଉଦ୍ ଅ.ସ ହ. ଅମ୍ମା ଜାନ୍ ର.ଅଙ୍କ ଗହଣା ବିକ୍ରି କରି ଖର୍ଚ୍ଚ ପୂରଣ କଲେ । ଏସଂପର୍କରେ ମୋତେ କେହି ଗତ ସପ୍ତାହରେ ପ୍ରଶ୍ନ କରିଥିଲା ଯେ, ହୁଜୁର ଏହାର ଅର୍ଥ କ'ଣ ଯେ ଆବଶ୍ୟକ ପଡ଼ିଲେ ପତ୍ନିଙ୍କ ଅଳଙ୍କାର ବିକ୍ରି କରି ଖର୍ଚ୍ଚ କରାଯାଇପାରିବ କି ଏବଂ ଟଙ୍କା ସ୍ୱାମୀଙ୍କ ଅଧୀନକୁ ଆସିପାରିବ କି ? ତେବେ ସ୍ପଷ୍ଟ ହେବା ଉଚିତ୍ ଯେ, ହ. ମସିହ୍ ମଉଦ୍ ଅ.ସ ଏହା ରଣ ସ୍ୱରୂପ ନେଥିଲେ ଏବଂ ଫେରାଇ ମଧ୍ୟ ଦେଉଥିଲେ । ତେଣୁ ଏ ସଂପର୍କରେ ଆଉ ଏକ ବର୍ଣ୍ଣନା ମଧ୍ୟ ରହିଛି । ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ ବିବି ସାହିବା (ହ. ହାମିଦ୍ ଅଲୀ ସାହେବ ର.ଅଙ୍କ ବିଧବା ପତ୍ନି) ବର୍ଣ୍ଣନା କଲେ: "ଯେତେବେଳେ ମରୁଡ଼ି ପଡ଼ିଲା ସେତେବେଳେ ହ. ମସିହ୍ ମଉଦ୍ ଅ.ସ ହ.ଉମ୍ମୁଲ୍ ମୁମିନୀନ୍‌ଙ୍କ ଠାରୁ ଟଙ୍କା ରଣ ନେଲେ ।" ସେହି ପ୍ରଥମ ଉଦାହରଣରେ ମଧ୍ୟ ରଣ କିମ୍ବା ବନ୍ଧକ କଥା ଥିଲା । ତେଣୁ ବନ୍ଧକ ଜିନିଷ ଯେତେବେଳେ ଛଡ଼ାଗଲା ସେତେବେଳେ ଆପଣ ଅ.ସ ହିଁ ତାହା ପରିଶୋଧ କରିଥିଲେ । ସେ ଯାହାହେଉ ସେ କୁହନ୍ତି, "ଆପଣ ଅ.ସ ଟଙ୍କା ରଣ ନେଲେ ଏବଂ ଗହମ କିଣିଲେ । ଆପଣ ଅ.ସ ଘରର ଖର୍ଚ୍ଚ ପୂରଣ କଲେ," ଏବଂ ଲଙ୍ଗରର ଖର୍ଚ୍ଚ ମଧ୍ୟ ପୂରଣ କଲେ । ଏହା କେବଳ ଘର ଖର୍ଚ୍ଚ ପାଇଁ ଉଦ୍ଦିଷ୍ଟ ନଥିଲା ବରଂ ଲଙ୍ଗର୍ ପାଇଁ ମଧ୍ୟ ଅଧିକ ପରିମାଣର ଖାଦ୍ୟ ଆପଣ ଅ.ସଙ୍କ ଘରେ ହିଁ ରନ୍ଧା ହେଉଥିଲା । "ଏହା ପରେ ଆପଣ ଅ.ସ ଚୌଧୁରୀ ରୁସ୍ତମ୍ ଅଲୀ ସାହେବଙ୍କ ଠାରୁ ହାଫିଜ୍ ହାମିଦ୍ ଅଲୀ ସାହେବଙ୍କ ମାଧ୍ୟମରେ ୫୦୦ ଟଙ୍କା ମଗାଇଲେ ଏବଂ କିଛି ଘିଅ ପାତ୍ର (ଚାଟିଆଁ) ମଗାଇଲେ । ଟଙ୍କା ଆସିବା ପରେ ଆପଣ ଅ.ସ ହ. ଉମ୍ମୁଲ୍ ମୁମିନୀନ୍‌ଙ୍କ ରଣ ପରିଶୋଧ କରିଦେଲେ ।" ସେ କୁହନ୍ତି, "ମୁଁ ଅନେକ ଥର ଦେଖିଛି ଯେ ହାଫିଜ୍ ସାହେବ ଟଙ୍କା ଥିବା ଥଳି ସବୁ ଆଣୁଥିଲେ ।" ସେହି ଦିନମାନଙ୍କରେ ମରୁଡ଼ି ପଡ଼ିଥିଲା ଖାଦ୍ୟ ଏବଂ ଅର୍ଥ (ଟଙ୍କାର) ଆବଶ୍ୟକତା ଥିଲା । ତେଣୁ ଏହାର ସୁରକ୍ଷା ମୋତେ ରାତିରେ କରିବାକୁ ପଡୁଥିଲା । ତାହା ରଣ ହୋଇଥିଲା, ଲୋକଙ୍କ ପକ୍ଷରୁ ସାହାଯ୍ୟ ନଥିଲା । "

**(ସିରତୁଲ୍ ମହଦୀ, ଗ୍ରନ୍ଥଖଣ୍ଡ-2, ଭାଗ-4, ପୃଷ୍ଠା-117, ବର୍ଣ୍ଣନା ସଂଖ୍ୟା-1145)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେ ଯାହାହେଉ, ହ. ଅମ୍ମାଁ ଜାନ୍ ର.ଅଙ୍କ ରଣ କିମ୍ବା କାହା ଠାରୁ ବି ରଣ ଆପଣ ଅ.ସ ଯେତେବେଳେ ନେଉଥିଲେ ସେତେବେଳେ ଆପଣ ଅ.ସ ସେହି ରଣ ଫେରସ୍ତ ମଧ୍ୟ କରୁଥିଲେ । ହ. ବାବୁ ଗୁଲାମ୍ ମୁହମ୍ମଦ ସାହେବ୍ ର.ଅ ବର୍ଣ୍ଣନା କରନ୍ତି: "କାଦିୟାନ୍‌ରେ ବେଳେବେଳେ ଗ୍ରାମୀଣ ମହିଳାମାନେ, ଯାହାଙ୍କ ହାତ ଗୋବରରେ ଭରପୂର ଥିଲା ଏବଂ ଲୁଗାପଟା ମଧ୍ୟ ମଇଳା ଥିଲା, ସେମାନେ ହୁଜୁର ଅ.ସଙ୍କ ସେବାରେ ଉପସ୍ଥିତ ହୋଇ ନିବେଦନ କରୁଥିଲେ ଯେ, 'ମିର୍ଜା ଜୀ ! କାକୀ (ଝିଅ) ଅସୁସ୍ଥ ହୋଇପଡ଼ିଛି । ଚେତା ନାହିଁ, ଜ୍ୱର ବହୁତ ବଢି ଯାଇଛି । ତା'ପରେ ହାତ ଆଡ଼କୁ ଦେଖାଇ କହୁଥିଲେ ଯେ, 'ହେଇ ଦେଖନ୍ତୁ ମିର୍ଜା ଜୀ ! ଆମେ ହାତ ମଧ୍ୟ ଧୋଇ ଆସି ନାହୁଁ ।' ଥରକର ଘଟଣା ହେବ ଜଣେ ମହିଳା ଯାହାର ହାତରେ ଗୋବର ଲାଗିଥିଲା," ମଇଳା ଲାଗିଥିଲା, ସେ ନିଜ କାମ କରୁଥିଲା । ସେ ହୁଜୁର ଅ.ସଙ୍କ ପାଖକୁ ଆସିଲା ଏବଂ କହିଲା ଯେ, ହୁଜୁର୍ ! 'ମୋ ଝିଅ ଅସୁସ୍ଥ ଅଛି ଏବଂ ବହୁତ ଅଧିକ ଜ୍ୱର ହୋଇଛି ଏବଂ ସମ୍ପୂର୍ଣ୍ଣ ଅଚେତ୍ ଅଟେ । ହୁଜୁର୍ ଅ.ସ କହିଲେ, ଆଛା ତୁମେ କୌଣସି ବାସନ କୁସନ ଆଣିଛ କି ? ସେ ଗୋବର ଭର୍ତ୍ତି ହାତରେ ଗୋଟିଏ ମାଟି ପାତ୍ର (ପିଆଲା) ହୁଜୁର ଅ.ସଙ୍କ ସେବାରେ ଉପସ୍ଥିତ କଲା । ହୁଜୁର ଅ.ସ ପାତ୍ରଟି ନେଇ କେୱଡ଼ା ଜଳରେ ଭର୍ତ୍ତି କରିଦେଲେ ଏବଂ ପାଖାପାଖି ପାଞ୍ଚ ରତି (ସୂକ୍ଷ୍ମ ପରିମାଣର) କସ୍ତୁରୀ ଦେଲେ ଏବଂ କହିଲେ, ଯେ, 'ଦୁଇ ଥର ଅଧା ଅଧା ପାତ୍ର ଏବଂ ଏହି ଔଷଧ ଖୁଆଇ ଦିଅ । ଆହୁରି ମଧ୍ୟ କହିଲେ, ଯେ, 'ମୋତେ ସୂଚନା ଦେବ ଯେ ଝିଅଟିର ସ୍ୱାସ୍ଥ୍ୟାବସ୍ଥା କିପରି ରହିଛି?"

**(ରିୱାୟାତ୍ ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-4, ପୃଷ୍ଠା-249ରୁ ଉଦ୍ଧୃତ, ବର୍ଣ୍ଣନାକାରୀ ବାବୁ ଗୁଲାମ୍ ମୁହମ୍ମଦ୍ ସାହେବ ର.ଅ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ ଗରିବ ତଥା ଅଭାବିମାନଙ୍କ ପ୍ରତି ମଧ୍ୟ ଉତ୍ତମପୂର୍ଣ୍ଣ ସଦ୍‌ବ୍ୟବହାର ଏବଂ ଉଦାରତା ପ୍ରଦର୍ଶନ କରୁଥିଲେ । ଶେଖ୍ ମୁହମ୍ମଦ ନସୀବ ସାହେବ ବର୍ଣ୍ଣନା କରନ୍ତି: "ଥରେ ମୋର ଆବଶ୍ୟକତା ପଡ଼ିବାରୁ ମୁଁ ହୁଜୁର୍ ଅ.ସଙ୍କ ସେବାରେ ଉଲ୍ଲେଖ କଲି ଯେ, ହୁଜୁର୍ ! ଦଶ ଟଙ୍କା ରଣ ସ୍ୱରୂପ ପଠାନ୍ତୁ, ମୁଁ ଦୁଇ ଥର କରି (ଦୁଇ କିସ୍ତିରେ) ଫେରାଇ ଦେବି । ଆପଣ ଅ.ସ ଟଙ୍କା ପଠାଇଦେଲେ।"

**(ରିୱାୟାତ୍ ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-5, ପୃଷ୍ଠା-446, ବର୍ଣ୍ଣନାକାରୀ- ହ. ଶେଖ ମୁହମ୍ମଦ୍ ନସୀବ୍ ସାହେବ ର.ଅ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଏହା ଆପଣଙ୍କର ଅ.ସ ଅଭ୍ୟାସ ଥିଲା ଯେ ଆପଣ ଅ.ସ କେବେ କାହାକୁ ମନା କରୁ ନଥିଲେ ଏବଂ ଆମେ ଏହା ମଧ୍ୟ ଦେଖି ସାରିଛୁ ଯେ, ଆପଣ ଅ.ସ ରଣ ତଥା ଟଙ୍କା ଫେରସ୍ତ କରିବାକୁ ଦାବି ମଧ୍ୟ କରୁ ନଥିଲେ । ବରଂ ଯଦି କେହି ଫେରାଉଥିଲା, ତେବେ ତାକୁ କହୁଥିଲେ ଯେ,"ନାହିଁ, ମୋର ଟଙ୍କା ଓ ତୁମ ଟଙ୍କା ଏକ ଅଟେ । ତୁମେ ନିଜ ପାଖରେ ହିଁ ରଖ ଏବଂ ଏହା ହିଁ ଆପଣଙ୍କ ଅ.ସ ଅଭ୍ୟାସ ଥିଲା । **(ସିରତ୍ ହ. ମସିହ୍ ମଉଦ୍ ଅ.ସ, ଲେଖକ- ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ, ଭାଗ-3, ପୃଷ୍ଠା-307)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଖାଦ୍ୟରେ କଲ୍ୟାଣର ମଧ୍ୟ ଏକ ଘଟଣା ମିଳେ: ହ.ମିର୍ଜା ବଶୀର୍ ଅହମଦ ସାହେବ ର.ଅ ଉଲ୍ଲେଖ କରିନ୍ତି ଯେ, ମିଆଁ ଅବ୍‌ଦୁଲ୍ଲାହ ସାହେବ ସନଓରୀ ର.ଅ କହିଲେ ଯେ: "ଥରେ ହ. ମସିହ୍ ମଉଦ୍ ଅ.ସ କେତେକ ଅତିଥିମାନଙ୍କୁ ନିମନ୍ତ୍ରଣ କଲେ ଏବଂ ସେମାନଙ୍କ ପାଇଁ ଘରେ ଖାଦ୍ୟ ତିଆରି କରାଇଲେ । ମାତ୍ର ଠିକ୍ ଯେଉଁ ସମୟରେ ଖାଇବାର ସମୟ ହେଲା, ସେତିକି ସଂଖ୍ୟକ ଆହୁରି ଅତିଥିମାନେ ଆସିଗଲେ ଏବଂ ମସ୍‌ଜିଦେ ମୁବାରକ ଅତିଥିମାନଙ୍କରେ ପରିପୂର୍ଣ୍ଣ ହୋଇଗଲା । ଛୋଟିଆ ମସ୍‌ଜିଦ୍ ଥିଲା । ହ. ସାହେବ ଅ.ସ ଭିତରକୁ ଖବର ପଠାଇଲେ ଯେ, ଆଉ ଅତିଥି ଆସି ଯାଇଛନ୍ତି, ଖାଦ୍ୟ ଅଧିକ ପଠାଅ । ବର୍ତ୍ତମାନ ଏହା ତ' ହୋଇପାରିବ ନାହିଁ ଯେ, ଆପଣଙ୍କ ଦସ୍ତରଖାନ୍ (ଖାଦ୍ୟାସନ)କୁ କେହି ଆସିବେ ଏବଂ କିଛି ଲୋକ ଖାଇବେ ଓ ଅନ୍ୟମାନଙ୍କୁ ଆପଣ ଅ.ସ ଆହାର ଦେବେ ନାହିଁ। ଏହା ତ' ଅବଶିଷ୍ଟାଂଶ...ପୃ-09 ରେ

Editor : Qamarul Haque Khan
Sub- Editor : Sayed Ataul Wahab
Mob : (+91) 8437782443
akhbaarbadarodiaqdn@gmail.com
www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No. GDP-40/2026-2028 Vol. 11 Thursday- 20-27 Aug 2026 Issue No. 34-35
ANNUAL SUBSCRIPTION: 600/- (PER ISSUE: 12/-) (WEIGHT: 20-50 gms/issue)

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail : managerbadrqnd@gmail.com
www.alislam.org/badr

## ସିରତ ଖାତମୁନ୍ ନବିୟୀନ ସ.ଅର ଅବିଶିଷ୍ଟାଂଶ

ସେ ଯାହାହେଉ, ଯେତେବେଳେ ଆପଣ ସ.ଅଙ୍କୁ (ହ. ମୁହମ୍ମଦ ସଲ୍ଲାଲ୍ଲାଃହୁ ଅଲୈହି ୱାସଲ୍ଲାମ୍) ବୟସ ଚାରି ବର୍ଷ ହେଲା, ଧାଇ ହଲିମା ଆପଣ ସ.ଅଙ୍କୁ ଆଣି ଆପଣ ସ.ଅଙ୍କ ମାତାଶ୍ରୀଙ୍କୁ ହସ୍ତାନ୍ତର କରିଦେଲେ । ହଲିମାଙ୍କର ଏହି ଚାରି ବର୍ଷର ସେବା କୌଣସି ସାଧାରଣ ସେବା ନଥିଲା ଏବଂ ହ. ମୁହମ୍ମଦ ସ.ଅ ଛୋଟରୁ ଛୋଟ ସେବାକୁ ମଧ୍ୟ କେବେ ଭୁଲି ନଥିଲେ । ତେଣୁ ଆପଣ ସ.ଅ ଜୀବନସାରା ଧାତ୍ରୀ ହଲିମାଙ୍କର ଏହି ସେବାକୁ ମନେ ରଖିଥିଲେ ଏବଂ ସର୍ବଦା ତାଙ୍କ ସହିତ ଅତ୍ୟନ୍ତ ଉଚ୍ଚକୋଟୀର ବ୍ୟବହାର ପ୍ରଦର୍ଶନ କରୁଥିଲେ । ସେହିପରି ଯେତେବେଳେ ଦେଶରେ ଥରେ ଦୁର୍ଭିକ୍ଷ ପଡ଼ିଲା ଏବଂ ହଲିମା ମକ୍କା ଆସିଲେ, ସେତେବେଳେ ଆପଣ ସ.ଅ ତାଙ୍କୁ ଚାଳିଶଟି ଛେଳି ଏବଂ ଗୋଟିଏ ଓଟ ଉପହାର ଦେଇଥିଲେ । ଅବତାରତ୍ୱ ସମୟରେ ଯେତେବେଳେ ସେ ଥରେ ଆସିଲେ ସେତେବେଳେ ଆପଣ ସ.ଅ ତାଙ୍କୁ ଦେଖିବା ମାତ୍ରେ "ମୋ ମାଆ ! ମୋ ମାଆ !!" କହି ଛିଡ଼ା ହୋଇପଡ଼ିଲେ ଏବଂ ନିଜେ ପିନ୍ଧିଥିବା ଚଦର ଓହ୍ଲାଇ ତାଙ୍କ ବସିବା ସ୍ଥାନରେ ବିଛାଇ ଦେଲେ । ପରେ ଯେତେବେଳେ ଗୋଟିଏ ଯୁଦ୍ଧରେ (ହୁନୈନ୍ ଯୁଦ୍ଧରେ) ହୱାଜିନ୍ ସଂପ୍ରଦାୟର ହଜାର ହଜାର ବନ୍ଦୀ ଧରା ହୋଇ ଆସିଲେ, ସେତେବେଳେ ଆପଣ କେବଳ ଏହି ସମ୍ପର୍କ ସକାଶେ ସେହି ସମସ୍ତଙ୍କୁ ମୁକ୍ତ କରିଦେଲେ ଏବଂ ସେହି ବନ୍ଦୀମାନଙ୍କ ନିକଟରୁ ମୁକ୍ତିପଣ (ଫିଦିୟା) ବାବଦରେ ଗୋଟିଏ ପଇସା ମଧ୍ୟ ନେଲେ ନାହିଁ । **(ଇବ୍ନ ସାଆଦ୍, ଜିକ୍ରୁ ମନ୍ ଅର୍ଜାଅ ରସୁଲୁଲ୍ଲାଃ ସ.ଅ)**

ସେହିପରି ଆପଣ ସ.ଅଙ୍କର ନିଜର ଜଣେ ଧାତ୍ରୀ ଭଉଣୀ (ରିଜାଈ ଭଉଣୀ) ଯିଏ ସେହି ବନ୍ଦୀମାନଙ୍କ ମଧ୍ୟରେ ବନ୍ଦୀ ହୋଇ ଆସିଥିଲେ, ତାଙ୍କୁ ଆଁହଜରତ୍ ସ.ଅ ବହୁତ ଉପହାର ଓ ପୁରସ୍କାର ଦେଇ ଛାଡ଼ିଥିଲେ । ହଲିମା ଏବଂ ତାଙ୍କ ସ୍ୱାମୀ ହାରିସ୍ଙ୍କ ଇସ୍‌ଲାମ୍ ଗ୍ରହଣ କରିବା ସମ୍ପର୍କରେ ମତଭେଦ ରହିଛି । କିନ୍ତୁ ପ୍ରାମାଣିକି ତଥା ଗ୍ରହଣଯୋଗ୍ୟ ମତ ଏହିକି ଯେ ସେମାନେ ଦୁହେଁ ମୁସଲମାନ ହୋଇଯାଇଥିଲେ ଏବଂ ଇସ୍‌ଲାମ୍ ଅବସ୍ଥାରେ ହିଁ ମୃତ୍ୟୁବରଣ କରିଥିଲେ । ହ. ମୁହମ୍ମଦ ସ.ଅଙ୍କ ଧାତ୍ରୀ ଭାଇ ଅବ୍‌ଦୁଲ୍ଲାଃ ଏବଂ ଭଉଣୀ ଶୀମା ମଧ୍ୟ ଇସ୍‌ଲାମ୍ ଧର୍ମରେ ଥାଇ ମୃତ୍ୟୁବରଣ କରିଥିଲେ ।

ଯେତେବେଳେ ହଲିମା ଆପଣଙ୍କୁ (ହ. ମୁହମ୍ମଦ ସଲ୍ଲାଲ୍ଲାଃହୁ ଅଲୈହି ୱସଲ୍ଲମ୍‌ଙ୍କୁ) ଆପଣଙ୍କ ମାତାଙ୍କ ପାଖକୁ ଫେରାଇ ଆଣିଲେ ସେତେବେଳେ ଆପଣ ସ.ଅଙ୍କ ବୟସ ପ୍ରାୟ ଚାରି ବର୍ଷ ଥିଲା । ଏହା ପରେ ଆପଣ ସ.ଅ ନିଜ ମାତାଙ୍କ କିଫାଲତରେ (ଲାଳନ ପାଳନରେ) ରହିଲେ । ଯେତେବେଳେ ଆପଣ ସ.ଅଙ୍କ ବୟସ ଛଅ ବର୍ଷ ହେଲା ସେତେବେଳେ ଆପଣ ସ.ଅଙ୍କ ମାତା ଆମିନା ନିଜ ଆତ୍ମୀୟ ବନୁ ନଜ୍ଜାର୍‌ଙ୍କୁ ଭେଟିବା ଉଦ୍ଦେଶ୍ୟରେ ୟସ୍ରବ୍ (ମଦିନା) ଗଲେ ଏବଂ ଆପଣ ସ.ଅଙ୍କୁ ମଧ୍ୟ ସାଙ୍ଗରେ ନେଇଗଲେ। ଉମ୍ମେ ଐମନ୍ ମଧ୍ୟ ସାଙ୍ଗରେ ଥିଲେ । ସମ୍ଭବତଃ ଏହି ଯାତ୍ରାରେ ଆମିନାଙ୍କର ନିଜ ଦିବଂଗତ (ସ୍ୱର୍ଗତ) ସ୍ୱାମୀଙ୍କ ସମାଧି (କବର) ଦେଖିବାର ଇଚ୍ଛା ମଧ୍ୟ ଥିଲା । ଯାହାହେଉ, ସେ ୟସ୍ରିବ୍ ଗଲେ ଏବଂ ସେଠାରେ ପ୍ରାୟ ଗୋଟିଏ ମାସ ପର୍ଯ୍ୟନ୍ତ ରହିଲେ । ମହାବତାର ମୁହମ୍ମଦ ସ.ଅଙ୍କୁ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଏହି ଦିନଗୁଡ଼ିକ ମନେଥିଲା । ପ୍ରାୟ ପଚାଶ ବର୍ଷ ପରେ ଯେତେବେଳେ ଆପଣ ସ.ଅ ହିଜରତ୍ (ପ୍ରବାସ) କରି ମଦିନା ଗଲେ ସେତେବେଳେ ଆପଣ ସ.ଅ ସାଥୀମାନଙ୍କୁ (ସହାବାମାନଙ୍କୁ) ସେହି ଘର ଦେଖାଇଥିଲେ ଯେଉଁଠାରେ ଆପଣ ସ.ଅ ନିଜ ମାତାଙ୍କ ସହ ରହିଥିଲେ । ଆପଣ ସ.ଅ ସେହି ସ୍ଥାନ ମଧ୍ୟ ଦେଖାଇଥିଲେ ଯେଉଁଠାରେ ଆପଣ ମଦିନାର ପିଲାମାନଙ୍କ ସହିତ ମିଶି ଖେଳୁଥିଲେ ଏବଂ ସେହି ପୋଖରୀ ମଧ୍ୟ ଦେଖାଇଥିଲେ ଯେଉଁଠାରେ ଆପଣ ସନ୍ତରଣ (ପହଁରିବା) ଅଭ୍ୟାସ କରିଥିଲେ ।

**(ଇବ୍‌ନେ ହିସ୍ଶାମ୍, ଇବ୍‌ନେ ସାଆଦ୍ ଓ ତବ୍‌ରୀ)**

ମାତାଙ୍କ ଦେହାନ୍ତ ପ୍ରାୟ ଗୋଟିଏ ମାସ ରହିବା ପରେ ଆମିନା ଯେତେବେଳେ ଫେରିବା ପାଇଁ ବାହାରିଲେ ସେତେବେଳେ କିନ୍ତୁ ନିଜ ସ୍ୱାମୀଙ୍କ ପରି ତାଙ୍କର ମୃତ୍ୟୁ ମଧ୍ୟ ପରଦେଶରେ ହିଁ ନିର୍ଦ୍ଧାରିତ ଥିଲା । ତେଣୁ ବାଟରେ ହିଁ ସେ ଅସୁସ୍ଥ ହୋଇ ପଡ଼ିଲେ ଏବଂ "ଅବ୍‌ୱା" ନାମକ ସ୍ଥାନରେ ତାଙ୍କର ଅକାଳ ବିୟୋଗ ହେଲା ଓ ସେହିଠାରେ ହିଁ ତାଙ୍କୁ କବର ଦିଆଗଲା । 1- ନବୁୱତ୍ ସମୟରେ ଯେତେବେଳେ ମୁହମ୍ମଦ ସ.ଅ ଥରେ ଏହି ସ୍ଥାନ ଦେଇ ଅତିକ୍ରମ କଲେ ସେତେବେଳେ ଆପଣ ସ.ଅ ନିଜ ମାତାଙ୍କ କବର ନିକଟକୁ ମଧ୍ୟ ଗଲେ ଏବଂ କବରକୁ ଦେଖି ଆପଣ ସ.ଅଙ୍କ ଆଖିରୁ ଲୁହ ଧାର ଧାର ହୋଇ ବହିବାକୁ ଲାଗିଲା । ସହାବାମାନେ ଏହି ଦୃଶ୍ୟ ଦେଖି ନିଜେ ମଧ୍ୟ କାନ୍ଦିବାକୁ ଲାଗିଲେ। ହ. ମୁହମ୍ମଦ ସ.ଅ ସହାବାମାନଙ୍କୁ କହିଲେ, "ଅଲ୍ଲାଃତାଲା ମୋତେ ମୋ ମାତାଙ୍କ ସମାଧି ଦେଖିବାକୁ ତ' ଅନୁମତି ଦେଇଦେଲେ କିନ୍ତୁ କ୍ଷମା ପ୍ରାର୍ଥନା (ଦୁଆ) କରିବାକୁ ଅନୁମତି ଦେଲେ ନାହିଁ ।" 2- ତହିଁରୁ ଏହା ଭାବିବା ଉଚିତ୍ ନୁହେଁ ଯେ ଆପଣ ସ.ଅଙ୍କ ମାତାଙ୍କର କ୍ଷମା (ମଗ୍‌ଫିରତ୍) ହେବ ନାହିଁ ।

ଅବଶିଷ୍ଟାଂଶ...ପରବର୍ତ୍ତୀ ସଂଖ୍ୟାରେ

## ସିରତୁଲ୍ ମେହ୍‌ଦୀ

(ଲେଖକ. ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ)

କିନ୍ତୁ ସେହି ସମୟ ପର୍ଯ୍ୟନ୍ତ ମଧ୍ୟ ଆପଣଙ୍କର କେବଳ ମୁଜଦ୍ଦିଦ୍ (ଧର୍ମ ସଂସ୍କାରକ) ଏବଂ ମାମୁର୍ (ଈଶ୍ୱରଙ୍କ ଦ୍ୱାରା ନିଯୁକ୍ତ) ହେବାର ଦାବି ଥିଲା । ଯଦିଓ ଦାବିର ଆରମ୍ଭରୁ ହିଁ ଆପଣଙ୍କର ଦିବ୍ୟ ପ୍ରେରିତ ବାଣୀ (ଇଲ୍‌ହାମ୍) ସମୂହରେ ଆପଣଙ୍କର ମସିହ ମଉଦ୍ (ପ୍ରତିଶ୍ରୁତ ମସିହା) ହେବା ନେଇ ସ୍ୱଷ୍ଟ ସଙ୍କେତ ଥିଲା, କିନ୍ତୁ ଈଶ୍ୱରୀୟ ଶକ୍ତିର ଲୀଳା ଯେ, ଏକ ଦୀର୍ଘ ସମୟ ପର୍ଯ୍ୟନ୍ତ ଆପଣ ଅ.ସ ମସିହ୍ ମଉଦ୍ ହେବାର ଦାବି କରି ନଥିଲେ । ବରଂ କେବଳ ଏହା କହି ଆସୁଥିଲେ ଯେ, ମୋତେ ସୃଷ୍ଟିର ସଂସ୍କାର ପାଇଁ ମସିହ୍ ନାସରୀ (ଯୀଶୁ)ଙ୍କ ଶୈଳୀରେ ପ୍ରେରିତ କରାଯାଇଛି ଏବଂ ମୋର ମସିହଙ୍କ ସହ ସାଦୃଶ୍ୟ ତଥା ସାମଞ୍ଜସ୍ୟତା ରହିଛି । ଏହା ପରେ 1891 ମସିହାର ଆରମ୍ଭରେ ଆପଣ ଅ.ସ ହ. ମସିହ୍ ନାସରୀଙ୍କ ମୃତ୍ୟୁ (ଯୀଶୁ ଖ୍ରୀଷ୍ଟ ମୃତ ବୋଲି ପ୍ରମାଣ କଲେ) ବିଶ୍ୱାସ ଘୋଷଣା କଲେ ଏବଂ ଏହି ଦାବି ଉପସ୍ଥାପନ କଲେ ଯେ, ଏହି ଉମ୍ମତ୍ (ଧର୍ମ ବା ସମ୍ପ୍ରଦାୟ) ପାଇଁ ଯେଉଁ ମସିହଙ୍କ ପ୍ରତିଶ୍ରୁତି ଦିଆଯାଇଥିଲା ସେହି ପ୍ରତିଶୃତ ମସିହ୍ ମୁଁ ଅଟେ । ଆପଣ ଅ.ସଙ୍କର ସାଧାରଣ ବିରୋଧର ପ୍ରକୃତ ପରମ୍ପରା ଏହି ଦାବିରୁ ହିଁ ଆରମ୍ଭ ହୋଇଥିଲା ଯେ, ଆପଣ ଅ.ସ କାହିଁକି ନିଜକୁ ପ୍ରତିଶୃତ ମସିହ୍ ଏବଂ ଅବତାର ବୋଲି କହିଲେ ? ଆପଣ ଅ.ସ ନବୀ (ଅବତାର) ଏବଂ ଈଶ୍ୱରଙ୍କ ଦୂତ ହେବା ସମ୍ବନ୍ଧରେ ମଧ୍ୟ ପ୍ରାରମ୍ଭିକ ଇଲ୍‌ହାମ୍‌ଗୁଡ଼ିକରେ (ଐଶୀବାଣୀରୁ) ସ୍ୱଷ୍ଟ ସଙ୍କେତ ମିଳିଥାଏ । କିନ୍ତୁ ଏହି ଦାବିରୁ ମଧ୍ୟ ଈଶ୍ୱରୀୟ ଇଚ୍ଛା ଆପଣ ଅ.ସଙ୍କୁ ନିବୃତ୍ତ ରଖିଥିଲା । ଏପରିକି ବିଂଶ ଶତାବ୍ଦୀର ଆଗମନ ହେଲା । ତା'ପରେ ଯାଇ ଆପଣ ଅ.ସ ନିଜ ପାଇଁ 'ନବୀ' ଏବଂ 'ରସୁଲ୍' ଶବ୍ଦଗୁଡ଼ିକର ସ୍ୱଷ୍ଟ ରୂପେ ପ୍ରୟୋଗ କରିବା ଆରମ୍ଭ କଲେ । ବିଶେଷ କରି 'ମସିଲେ କୃଷ୍ଣ' (ଶ୍ରୀକୃଷ୍ଣଙ୍କ ସଦୃଶ) ହେବାର ଦାବି ତ' ଆପଣ ଏହାର ବହୁତ ପରେ ଅର୍ଥାତ୍ 1904 ମସିହାରେ ପ୍ରକାଶ କଲେ । ଏହି ସବୁ କିଛି ଈଶ୍ୱରୀୟ ନିୟନ୍ତ୍ରଣ ଓ ଈଶ୍ୱରଙ୍କ ଇଚ୍ଛା ଅଧୀନରେ ହୋଇଥିଲା । ତହିଁରେ (ଏଥିରେ) ଆପଣ ଅ.ସଙ୍କର କୌଣସି ବ୍ୟକ୍ତିଗତ ହସ୍ତକ୍ଷେପ ନଥିଲା । ବରଂ ମହାବତାର ହ. ମୁହମ୍ମଦ ସ.ଅଙ୍କ ଜୀବନୀ ବୃତ୍ତାନ୍ତରେ ମଧ୍ୟ ଏହିପରି କ୍ରମାଗତ ଓ ପର୍ଯ୍ୟାୟକ୍ରମିକ ପ୍ରକାଶ ଦେଖିବାକୁ ମିଳେ । ଏଥିରେ ଅନେକ ଗୁପ୍ତ ରହସ୍ୟ ଓ ଦିବ୍ୟ ନୀତି ରହିଛି, ଯାହା ଏଠାରେ ବର୍ଣ୍ଣନା କରିବାର ଅବକାଶ ନାହିଁ ।

(48) بِسۡمِ اللّٰہِ الرَّحۡمٰنِ الرَّحِیۡمِ ଖାକ୍‌ସାର୍ (ବିନୀତ) କହି ଦେଉଛି ଯେ, ଆମ ସ୍ୱର୍ଗୀୟ ବାପାଙ୍କ ବାପା ଅର୍ଥାତ୍ ମିର୍ଜା ଗୁଲ୍ ମୁହମ୍ମଦ ସାହେବ ଜଣେ ବହୁତ ଧର୍ମପରାୟଣ, ପବିତ୍ର ଓ ବିଦ୍ୟାନୁରାଗୀ ବ୍ୟକ୍ତି ଥିଲେ । ତାଙ୍କ ସମୟରେ କାଦିୟାନ୍ ଏକ କାର୍ଯ୍ୟଦକ୍ଷ, ବିଦ୍ୱାନ୍ ଓ ଜ୍ଞାନୀମାନଙ୍କର ଏକ କେନ୍ଦ୍ର ଥିଲା । କିନ୍ତୁ ତାଙ୍କ ସମୟରେ ଶିଖ୍‌ମାନଙ୍କ ତରଫରୁ ଆମର ପୈତୃକ ରାଜ୍ୟ ଉପରେ ଆକ୍ରମଣ ଆରମ୍ଭ ହୋଇଗଲା ଏବଂ ଅନେକ ଗାଁ ଛଡ଼ାଇ ନିଆଗଲା ତଥାପି । ସେ ଜାଗିରର ଏକ ବଡ଼ ଅଂଶ ବଞ୍ଚାଇ ରଖିଥିଲେ । ତାଙ୍କ ଦେହାନ୍ତ ପରେ ଯାହା ସମ୍ଭବତଃ 1800 ମସିହାରେ ଘଟିଥିଲା, ତାଙ୍କ ପୁଅ ମିର୍ଜା ଅତା ମୁହମ୍ମଦ ସାହେବ ପରିବାରର ମୁଖିଆ (ରଇସ୍) ହେଲେ । ତାଙ୍କ ସମୟରେ ରାମଗଡ଼ିଆ ଶିଖ୍‌ମାନେ ସମଗ୍ର ରାଜ୍ୟ ଛଡ଼ାଇ ନେଲେ ଏବଂ ତାଙ୍କୁ କାଦିୟାନ୍‌ରେ, ଯାହା ସେହି ଦିନଗୁଡ଼ିକରେ ପ୍ରାଚୀର ଦ୍ୱାରା ସୁରକ୍ଷିତ ଥିଲା ବନ୍ଦୀ ହୋଇ ରହିବାକୁ ପଡ଼ିଲା । ଶେଷରେ ଶିଖ୍‌ମାନେ ପ୍ରତାରଣା କରି ସହର ଉପରେ କବ୍‌ଜା କରିନେଲେ ଏବଂ ଆମର ପୁସ୍ତକାଗାର (ଲାଇବ୍ରେରୀ)କୁ ଜାଳିଦେଲେ ଏବଂ ମିର୍ଜା ଅତା ମୁହମ୍ମଦ୍ ସାହେବଙ୍କୁ ନିଜ ସମ୍ପର୍କୀୟମାନଙ୍କ ସହିତି କାଦିୟାନ୍‌ରୁ ବାହାରି ଯିବାକୁ ପଡ଼ିଲା । ତେଣୁ ମିର୍ଜା ଅତା ମୁହମ୍ମଦ ସାହେବ କପୁରଥଲା ରାଜ୍ୟର ବିଗୋୱାଲ୍‌କୁ ଚାଲିଗଲେ, ଯେଉଁଠାର ଶିଖ୍ ସରଦାର ତାଙ୍କୁ ଅତ୍ୟନ୍ତ ଆଦରର ସହିତ ସ୍ଥାନ ଦେଲେ ଏବଂ ଅତିଥି ଭାବେ ରଖିଲେ । କିଛି ବର୍ଷ ପରେ ଶତ୍ରୁମାନେ ମିର୍ଜା ଅତା ମୁହମ୍ମଦ ସାହେବଙ୍କୁ ବିଷ ପିଆଇ ଦେଲେ ଏବଂ ସେ ମୃତ୍ୟୁବରଣ କଲେ । ସେହି ସମୟରେ ଆମ ପିତୃ ପିତାଙ୍କ ବୟସ କମ୍ ଥିଲା, କିନ୍ତୁ ମାତା ସାହେବା ବର୍ଣ୍ଣନା କରନ୍ତି ଯେ ଏହା ସତ୍ତ୍ୱେ ସେ ନିଜ ପିତାଙ୍କ ଶବ (ଜନାଜା)କୁ କାଦିୟାନ୍ ନେଇ ଆସିଲେ ଯେପରି ପାରିବାରିକ ସମାଧିସ୍ଥଳରେ କବର ଦିଆଯାଇ ପାରିବ । ଏଠାର ଶିଖ୍‌ମାନେ ବାଧା ସୃଷ୍ଟି କଲେ, କିନ୍ତୁ କାଦିୟାନ୍‌ର ସାଧାରଣ ଜନତା, ବିଶେଷ କରି ଶ୍ରମଜୀବୀ, କାରିଗର ଶ୍ରେଣୀର ଲୋକମାନେ ପିତୃପିତାଙ୍କୁ ସମର୍ଥନ କଲେ। ପରିସ୍ଥିତି ଏପରି ହେଲା ଯେ ଶିଖ୍‌ମାନଙ୍କ ମନରେ ବିଦ୍ରୋହର ଭୟ ସୃଷ୍ଟି ହେଲା। ତେଣୁ ସେମାନେ ଅନୁମତି ଦେଇଦେଲେ । ଏହା ପରେ ପିତୃପିତା ଫେରିଗଲେ । ସେହି ସମୟରେ ଶିଖ୍‌ମାନେ ଆମର ସମସ୍ତ ସମ୍ପତ୍ତି ଓ ଘରଦ୍ୱାର ମାଡ଼ି ବସିଥିଲେ (ଅଧିକାର କରି ନେଇଥିଲେ) ଏବଂ କେତେକ ମସଜିଦ୍‌କୁ 'ଧର୍ମଶାଳା'ରେ ପରିଣତ କରି ଦେଇଥିଲେ। ପରେ ମହାରାଜା ରଞ୍ଜିତ୍ ସିଂହଙ୍କ ଶାସନକାଳରେ ରାମଗଡ଼ିଆମାନଙ୍କ ପ୍ରଭାବ ଓ ଆଧିପତିତ୍ୱତା ଭାଙ୍ଗିଗଲା ଏବଂ ସମଗ୍ର ଦେଶ ମହାରାଜା ରଞ୍ଜିତ୍ ସିଂହଙ୍କ ଅଧୀନକୁ ଚାଲି ଆସିଲା । ସେହି ସମୟରେ ପିତୃପିତା ମହାରାଜାଙ୍କ ଠାରୁ ନିଜ ପୈତୃକ ସମ୍ପତ୍ତିର କିଛି ଅଂଶ ଫେରସ୍ତ ପାଇଲେ ।

ଅବଶିଷ୍ଟାଂଶ...ପରବର୍ତ୍ତୀ ସଂଖ୍ୟାରେ

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan